R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୨୦୯
ତିଥି : ଦ୍ୱାଦଶୀ
୦୫ ମେ' ୨୦୨୪, ରବିବାର
ସମ୍ବଲପୁର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦
(ରଙ୍ଗିନ୍ ତରଙ୍ଗ ଟାବ୍‌ଲଏଡ୍ ସହ)

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 209
05 May 2024, Sunday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore

### ନବରଙ୍ଗପୁର, କୋରାପୁଟରେ ଦଳୀୟ ପ୍ରାର୍ଥୀଙ୍କ ଲାଗି ଭୋଟ୍ ମାଗିଲେ

# ନିଆରା ଢ଼ଙ୍ଗରେ ନବୀନଙ୍କ ପ୍ରଚାର



ଭୁବନେଶ୍ୱର, ୪।୫ (ସବ୍ୟୁ) : ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି କୋରାପୁଟ ଓ ନବରଙ୍ଗପୁରରେ ନିଆରା ଢ଼ଙ୍ଗରେ ପ୍ରଚାର କରିଛନ୍ତି । କାହାକୁ ସମାଲୋଚନା ନାହିଁ ବା ବ୍ୟକ୍ତିଗତ ଆକ୍ଷେପ ନାହିଁ । ଜନତାଙ୍କୁ

**ବିରୋଧୀ ଦଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି : ନବୀନ**

**ବିରୋଧୀଙ୍କୁ କଟୁ ସମାଲୋଚନା ନାହିଁ, କାମର ହିସାବ ଦେଲେ, ଲୋକଙ୍କ ମତ ଲୋଡ଼ିଲେ**

**ଯୋଡ଼ି ଶଙ୍ଖରେ ଭୋଟ୍ ଦେଇ ବିଜେଡିକୁ ଜିତାନ୍ତୁ : ପାଣ୍ଡିଆନ**

ଯୋଜନାର ସଫଳତା ବିଷୟରେ ପଚାରିଲେ ଓ କାମର ହିସାବ ଦେଲେ । ସେମାନଙ୍କ ମତ ଲୋଡ଼ିଲେ । ତାଙ୍କୁ ଆଶୀର୍ବାଦ କରିବା ସହ ଶଙ୍ଖ ଚିହ୍ନରେ ଆଶୀର୍ବାଦ କରିବାକୁ ଲୋକଙ୍କୁ ନିବେଦନ କଲେ ।

ରାଜନୀତିରେ ନିଜର ସ୍ୱଚ୍ଛ ଓ ସରଳ ଚିନ୍ତାଧାରା ପାଇଁ ସାରା ଦେଶରେ ପ୍ରଶଂସିତ ନବୀନ ପଟ୍ଟନାୟକଙ୍କ ଆଜିର ପ୍ରଚାର ଶୈଳୀ ବେଶ୍ ଜନାଦୃତ ହୋଇଛି । ଲମ୍ବା ଭାଷଣ ନାହିଁ କି କଟୁ ସମାଲୋଚନା ନାହିଁ । ମାତ୍ର ଗୋଟିଏ ମିନିଟ୍‌ରେ ତାଙ୍କ ପ୍ରଚାର ଶେଷ କରିଥିଲେ । ଲୋକଙ୍କୁ ତାଙ୍କ କାମର ହିସାବ ଦେଲେ । ବିଶାଳ ଜନସମୁଦ୍ରକୁ ୭ ପ୍ରଶ୍ନ ପଚାରିଲେ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମମତା ଯୋଜନା, ମିଶନଶକ୍ତି, ନୂଆ ଓ ବୃତ୍ତି, କାଳିଆ ଯୋଜନା, ପୁରୀ ପରିକ୍ରମା ପ୍ରକଳ୍ପ ଆଦି ସବୁ କାମ ଭଲ ଚାଲିଛି କି ନାହିଁ ବୋଲି ପଚାରିଥିଲେ । ଉତ୍ତରରେ ଉପସ୍ଥିତ ଜନତା ହଁ ମାରିଥିଲେ ତାହା ସଭାସ୍ଥଳୀରେ ପ୍ରତିଧ୍ୱନିତ ହୋଇଥିଲା । ବିରୋଧୀଙ୍କୁ ମୃଦୁ ସମାଲୋଚନା କରି ନବୀନ କହିଥିଲେ ଯେ ବିରୋଧୀ ଦଳମାନେ ମିଛ କହୁଛନ୍ତି, ଅପପ୍ରଚାର କରୁଛନ୍ତି । ଆପଣଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । ମୋତେ ଆଶୀର୍ବାଦ କରନ୍ତୁ, ଶଙ୍ଖ ଚିହ୍ନରେ ଦୁଇଥର ଭୋଟ୍ ଦେଇ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ଜିତାନ୍ତୁ । ନବରଙ୍ଗପୁରର ମାଝୀପୁର ଠାରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ପ୍ରଥମେ ପଚାରିଥିଲେ ଆପଣମାନେ ଭଲ ଅଛନ୍ତି ତ । ଏହି ପ୍ରଶ୍ନ ସମସ୍ତଙ୍କ ହୃଦୟକୁ ଛୁଇଁଥିଲା । ଏହାକରେ ଉପରୋକ୍ତ ପ୍ରଶ୍ନ ସମେତ ୧୧ ପ୍ରଶ୍ନ ପଚାରିଥିଲେ । ଶେଷରେ ମୁଖ୍ୟମନ୍ତ୍ରୀ ପଚାରିଥିଲେ ନବୀନ ପଟ୍ଟନାୟକ ଭଲ କି । ଏହାପରେ ଭାବବିହ୍ୱଳ ଜନତା ଏକ ସ୍ୱରରେ ହଁ ମାରିଥିଲେ । ପୁନର୍ବାର ବିରୋଧୀ ଦଳକୁ ମୃଦୁ ସମାଲୋଚନା କରି କୁମ୍ଭୀର କାନ୍ଦଣା ବକ୍ତବ୍ୟର ପୁନରାବୃତ୍ତି କରିଥିଲେ । (୯ ପୃଷ୍ଠାରେ)




# ତାତିରୁ ମିଳିବ ଆଶ୍ୱସ୍ତି

ଭୁବନେଶ୍ୱର, ୪।୫ (ସବ୍ୟୁ) : କମିବ ପାଣିପାଗ ତାତି, ବଢ଼ିବ ନିର୍ବାଚନ ତାତି । ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ତାତି ଅନୁକୂଳ ରହିବ । ବିସ୍ତାରିତ ପରିସର ଆକଳନ ଅନୁଯାୟୀ ଆସନ୍ତା ୯ରୁ ୧୫ ମଧ୍ୟରେ ତାପମାତ୍ରା ବିଚ୍ୟୁତି (ସ୍ୱାଭାବିକ ଠାରୁ ତାପମାତ୍ରା

**ଆଜିଠୁ ପାଗ ବଦଳିବ, କାଳବୈଶାଖୀ ବଢ଼ିବ**

**ଉପକୂଳରେ କମିଲା, ଆଭ୍ୟନ୍ତରରେ ତାତି ଜାରି**

**ବୌଦ୍ଧ, ନୂଆପଡ଼ାରେ ସର୍ବାଧିକ ୪୪ ଡିଗ୍ରୀ**

**୨୫ ସହରରେ ପାରଦ ୪୦° ଉପରେ**

ବ୍ୟବଧାନ) କମ ରହିବାର ସମ୍ଭାବନା ଅଛି । ରାଜ୍ୟରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସମୟରେ ତାତି ଅନୁକୂଳ ରହିବ ।

ଅନ୍ୟପକ୍ଷରେ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । କିନ୍ତୁ ଉପକୂଳ ଓଡ଼ିଶାରେ ତାପମାତ୍ରା ସାମାନ୍ୟ ହ୍ରାସ ପାଇଥିବା ବେଳେ (୯ ପୃଷ୍ଠାରେ)



## ପ୍ରଚାର ଲାଗି ଓଡ଼ିଶା ଆସିବେ ସୋନିଆ, ରାହୁଲ

ଭୁବନେଶ୍ୱର, ୪।୫ (ସବ୍ୟୁ) : ଆସନ୍ତା ୧୩ ତାରିଖରେ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ । ଏଥିଲାଗି କଂଗ୍ରେସ ପକ୍ଷରୁ ୪୦ ଜଣିଆ ଷ୍ଟାର ପ୍ରଚାରକଙ୍କ ନାମ ପ୍ରକାଶ କରାଯାଇଛି । ଏଥିରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନେ ଖଡ୍‌ଗେଙ୍କ ସହ ସୋନିଆ ଗାନ୍ଧି, ରାହୁଲ ଗାନ୍ଧି, ପ୍ରିୟଙ୍କା ଗାନ୍ଧି, ରାଜ୍ୟ ପ୍ରଭାରୀ ଅଜୟ (୯ ପୃଷ୍ଠାରେ)

# ସପ୍ତାହକ ମଧ୍ୟରେ ଦୁଇଥର ଆସିବେ ମୋଦି



ଭୁବନେଶ୍ୱର, ୪।୫ (ସବ୍ୟୁ) : ଓଡ଼ିଶାରେ ପ୍ରଚାର ପାଇଁ ବିଜେପିର ୧ ନମ୍ବର ତାରକା ପ୍ରଚାରକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ସପ୍ତାହରେ ଦୁଇଥର ଆସିବେ ବୋଲି ସୂଚନା ମିଳିଛି । ଆସନ୍ତାକାଲି ରାତି ୯.୩୦ରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ପହଞ୍ଚିବେ ଓ ରାତିରେ ରାଜଭବନରେ ରାତ୍ରୀଯାପନ କଲାପରେ ତହିଁ ଆରଦିନ ବ୍ରହ୍ମପୁର ଓ ନବରଙ୍ଗପୁରରେ ଦୁଇ ଜନସଭାକୁ ସମ୍ବୋଧିତ କରିବେ । ସେହିଭଳି ପୁଣି ୧୦ ତାରିଖରେ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ପ୍ରଧାନମନ୍ତ୍ରୀ ଆସୁଛନ୍ତି । ୧୦ ତାରିଖରେ ଭୁବନେଶ୍ୱରରେ ରୋଡ୍ ଶୋ କରିବେ ଓ ୧୧ ତାରିଖରେ ବଲାଙ୍ଗିରରେ ଏକ ସାଧାରଣ ସଭାରେ (୯ ପୃଷ୍ଠାରେ)

### ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪

# ଆଦର୍ଶ ଆଚରଣ ବିଧି ନମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୪।୫ (ସବ୍ୟୁ) : ଚଳିତ ସାଧାରଣ ନିର୍ବାଚନ-୨୦୨୪କୁ ମୁକ୍ତ, ଅବାଧ, ନିରପେକ୍ଷ ଓ ସ୍ୱଚ୍ଛ କରିବା ପାଇଁ ଭାରତ ନିର୍ବାଚନ ଆୟୋଗ ଯୋଜନା ଘୋଷଣା, ନୂଆ ପ୍ରକଳ୍ପ କିମ୍ବା କାର୍ଯ୍ୟକ୍ରମ ଘୋଷଣା, କୌଣସି ପ୍ରକାର ଆର୍ଥିକ ଅନୁଦାନ କିମ୍ବା ରିହାତି ଘୋଷଣା, ଭିତ୍ତିପ୍ରସ୍ତର ସ୍ଥାପନ ଭଳି କାର୍ଯ୍ୟକୁ ଭାରତ ନିର୍ବାଚନ ଆୟୋଗ

**ଅନୁପାଳନ ଲାଗି ନିର୍ବାଚନ ଆୟୋଗଙ୍କ କଡ଼ା ଆଭିମୁଖ୍ୟ**

**ନିର୍ବାଚନ ପରବର୍ତ୍ତୀ କଲ୍ୟାଣକାରୀ ଯୋଜନା ଘୋଷଣା ଉପରେ ରୋକ**

**ନୂଆ ପ୍ରକଳ୍ପ, ଆର୍ଥିକ ଅନୁଦାନ, ରିହାତି ଘୋଷଣା ହୋଇପାରିବନି**

ଆଦର୍ଶ ଆଚରଣ ବିଧିର ଅନୁପାଳନ ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ନିର୍ବାଚନ ପରବର୍ତ୍ତୀ ହିତାଧିକାରୀ ଆଧାରିତ କଲ୍ୟାଣକାରୀ ନିଷିଦ୍ଧ କରିଛନ୍ତି । ଏପ୍ରକାର ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ପ୍ରକାଶ କରିଛନ୍ତି ।

ପ୍ରସ୍ତାବିତ ହିତାଧିକାରୀ ଯୋଜନା ପାଇଁ ବିଭିନ୍ନ ସର୍ଭେ ନାମରେ ଭୋଟରଙ୍କ ସବିଶେଷ ତଥ୍ୟ ସଂଗ୍ରହ କରୁଥିବା ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କ କାର୍ଯ୍ୟକଳାପ ଉପରେ ଭାରତ ନିର୍ବାଚନ ଆୟୋଗ ଗଭୀର ଦୃଷ୍ଟି ଦେଇଛନ୍ତି । ଲୋକପ୍ରତିନିଧି ଅଧିନିୟମର ଧାରା ୧୨୩ (୧) ଅନୁଯାୟୀ ଏହା ଏକପ୍ରକାର ପ୍ରରୋଚନା ଯାହା ଦୁର୍ନୀତି ଅନ୍ତର୍ଭୁକ୍ତ । ଏହାସହ ସମସ୍ତ ରାଜନୈତିକ ଦଳକୁ ସର୍ଭେ ନାମରେ ହିତାଧିକାରୀ ଆଧାରିତ ଯୋଜନା ପାଇଁ ଭୋଟର ନାମଲେଖା/ପଞ୍ଜିକରଣ ବନ୍ଦ କରବାକୁ ନିର୍ଦ୍ଦେଶ ଦେଇଛନ୍ତି । (୯ ପୃଷ୍ଠାରେ)

## ପ୍ରଥମ ପର୍ଯ୍ୟାୟରେ ଘରୁ ମତଦାନ କରିବେ ୪୧୫୮ ଭୋଟର

ଭୁବନେଶ୍ୱର, ୪।୫ (ସବ୍ୟୁ) : ପ୍ରତିଟି ଭୋଟ ମୂଲ୍ୟବାନ । ଭାରତୀୟ ଗଣତନ୍ତ୍ରକୁ ପରିପୁଷ୍ଟ କରିବାରେ ପ୍ରତିଟି ଭୋଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ଯେଉଁ ମତଦାତାମାନେ ମତଦାନ ପାଇଁ ମତଦାନ କେନ୍ଦ୍ରକୁ ଆସିବାରେ ଅସମର୍ଥ, ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ 'ଘରୁ ମତଦାନ' (ହୋମ୍ ଭୋଟିଙ୍ଗ୍)ର ବ୍ୟବସ୍ଥା କରାଯାଇଛି । ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ (ଦେଶରେ ସାମଗ୍ରିକ ଦୃଷ୍ଟିରୁ ଚତୁର୍ଥ ପର୍ଯ୍ୟାୟ) ଚାରୋଟି ସଂସଦୀୟ କ୍ଷେତ୍ର କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ବ୍ରହ୍ମପୁର ଅନ୍ତର୍ଗତ ଅନେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ 'ଘରୁ ମତଦାନ' ପ୍ରକ୍ରିୟା ଆରମ୍ଭ ହୋଇଛି ।

ଏକ ଐତିହାସିକ ନିଷ୍ପତ୍ତି କ୍ରମରେ ପ୍ରଥମ ଥର ପାଇଁ ଦେଶରେ ସାଧାରଣ ନିର୍ବାଚନରେ ୮୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ବୟସ୍କ ମତଦାତା ଏବଂ ୪୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ (ବେଞ୍ଚମାର୍କ ଡିସାବିଲିଟି) ମତଦାତାଙ୍କ ପାଇଁ ଭାରତ ନିର୍ବାଚନ ଆୟୋଗ 'ଘରୁ ମତଦାନ' (ହୋମ୍ ଭୋଟିଙ୍ଗ)ର ବ୍ୟବସ୍ଥା କରିଛନ୍ତି । ଏଭଳି ମତଦାତାମାନେ ଚାହିଁଲେ ସେମାନଙ୍କୁ (୯ ପୃଷ୍ଠାରେ)

### ଗୁଜରାଟରେ ମୋଦିଙ୍କୁ କଟାକ୍ଷ କଲେ ପ୍ରିୟଙ୍କା

# 'ଶେହନସାହା' ମହଲରେ ରହୁଛନ୍ତି, ଲୋକଙ୍କ ଦୁଃଖ ବୁଝିବେ କେମିତି

ନୂଆଦିଲ୍ଲୀ, ୪।୫ : କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ବର୍ଷିଛନ୍ତି । ତାଙ୍କୁ ଶେହନଶାହା କହିବା ସହ ସେ ରାଜମହଲରେ ରହୁଛନ୍ତି । ସାଧାରଣ ଲୋକଙ୍କ ସମସ୍ୟା ବୁଝିପାରିବେ ନାହିଁ ବୋଲି ତୀବ୍ର ଆକ୍ଷେପ କରିଛନ୍ତି । ପ୍ରିୟଙ୍କା ଗାନ୍ଧି କହିଛନ୍ତି ଯେ ସାଧାରଣ ଲୋକଙ୍କ ସମସ୍ୟା ଠାରୁ ପ୍ରଧାନମନ୍ତ୍ରୀ ବହୁ ଦୂରରେ । ନିଜ ଭାଇ ରାହୁଲ ଗାନ୍ଧି ୪ ହଜାର କିଲୋମିଟର ପାଦରେ ଚାଲି ସାଧାରଣ ଲୋକଙ୍କ ସମସ୍ୟା ବୁଝିଛନ୍ତି ଓ ତା'ର ସମାଧାନ ପାଇଁ ମଧ୍ୟ ପ୍ରତୁଶ୍ରୁତି ଦେଇଛନ୍ତି । ହେଲେ ତାଙ୍କୁ ପ୍ରଧାନମନ୍ତ୍ରୀ ଶେହେଜାଦା ବୋଲି ଡାକୁଛନ୍ତି ।

ଗୁଜରାଟର ଏକ ନ୍ୟାୟ ସଙ୍କଳ୍ପ ସଭାରେ ଆଜି ପ୍ରିୟଙ୍କା କଂଗ୍ରେସ ପାଇଁ ପ୍ରଚାର କରୁଥିଲେ । ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ସାଧାରଣ ସମସ୍ୟା ଠାରୁ ଦୂରରେ ରହୁଛନ୍ତି । ରାହୁଲଙ୍କୁ ଶେହେଜାଦା ବୋଲି ଡାକୁଛନ୍ତି । ମାତ୍ର ଏହି ଶେହେଜାଦା କନ୍ୟାକୁମାରୀରୁ କାଶ୍ମୀର ୪ ହଜାର କିମି ପାଦରେ ଚାଲିଚାଲି ଯାଇ ଲୋକଙ୍କ ସମସ୍ୟା ବୁଝିଛନ୍ତି । ପ୍ରତ୍ୟେକ ଲୋକଙ୍କୁ ପଚାରିଛନ୍ତି । ଚାଷୀଠୁ ଆରମ୍ଭ କରି ଶ୍ରମିକ ପର୍ଯ୍ୟନ୍ତ ସମସ୍ତ ଅସୁବିଧା ବୁଝିଛନ୍ତି । ସେମାନଙ୍କ ସମସ୍ୟା କ'ଣ ବୁଝିବା ସହ ଏହାର ସମାଧାନ କିଭଳି ହେବ ତାହା ଚିନ୍ତା କରୁଛନ୍ତି । ଅପରପକ୍ଷରେ ଆପଣଙ୍କ ଶେହନଶାହା (ମୋଦି) ମହଲରେ ରହୁଛନ୍ତି । ତାଙ୍କୁ ଟିଭିରେ ଆପଣମାନେ ଦେଖିଛନ୍ତି । ତାଙ୍କ ମୁହଁ ସବୁବେଳେ ସଫା, ତାଙ୍କ ପୋଷାକରେ ଧୂଳିକଣାଟିଏ ବି ଲାଗିନାହିଁ । ତାଙ୍କର ଚୁଟି ମଧ୍ୟ ସଠିକ୍ ଢ଼ଙ୍ଗରେ ରହିଛି । ସେ କିଭଳି ଭାବରେ ଶ୍ରମିକ ଓ କୃଷକଙ୍କ ସମସ୍ୟା ବୁଝିବେ । ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବଢ଼ିବା ଯୋଗୁ ଚାଷ କାର୍ଯ୍ୟ କେତେ ବ୍ୟୟବହୁଳ ହେଉଛି ତାହା ମଧ୍ୟ ବୁଝିପାରିବେ ନାହିଁ । ସବୁ ସାମଗ୍ରୀ ଉପରେ ଜିଏସ୍‌ଟି ଲାଗୁ କରି ସେ ଲୋକଙ୍କ ଖର୍ଚ୍ଚକୁ ବଢ଼ାଇ ଦେଇଛନ୍ତି । କ୍ଷମତାର ବଳୟ ମଧ୍ୟରେ ସେ ରହୁଛନ୍ତଜି । ସମସ୍ତେ ତାଙ୍କୁ ଡରୁଛନ୍ତି । କେହି କିଛି କହୁନାହାନ୍ତି । ଯିଏ ସ୍ୱର ଉତ୍ତୋଳନ କରୁଛନ୍ତି ତାଙ୍କୁ ନୀରବ କରିବାକୁ ଚେଷ୍ଟା କରାଯାଉଛି ବୋଲି ପ୍ରିୟଙ୍କା କହିଛନ୍ତି । ପ୍ରିୟଙ୍କାଙ୍କ ଭାଷଣ ପରେ ଝାଡଖଣ୍ଡର ପାଲୁମ୍ ଠାରେ ପ୍ରଧାନମନ୍ତ୍ରୀ (୯ ପୃଷ୍ଠାରେ)



## ରେଭନ୍ନାଙ୍କୁ ଠାବ ଲାଗି ସିବିଆଇ ସହଯୋଗ ଲୋଡ଼ିଲେ କର୍ଣ୍ଣାଟକ ସରକାର

ନୂଆଦିଲ୍ଲୀ, ୪।୫ : ଏକାଧିକ ମହିଳାଙ୍କୁ ଧର୍ଷଣ କରିଥିବା ଅଭିଯୁକ୍ତ ପ୍ରଜ୍ୱଳ ରେଭନ୍ନାଙ୍କୁ ଠାବ କରିବା ଲାଗି କର୍ଣ୍ଣାଟକ ସରକାର ସିବିଆଇକୁ ଅନୁରୋଧ କରିଛି । ରେଭନ୍ନା ଏବେ ଅନ୍ୟ ଦେଶକୁ ପଳାଇ ଯାଇଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ଦେବଗୌଡାଙ୍କ ନାତି ରେଭନ୍ନା ଏହି ଅଭିଯୋଗ ଆସିବା ପରେ ହଠାତ୍ ଦେଶ ଛାଡି ଚାଲିଯାଇଛନ୍ତି । ଏହାପରେ ସୋସିଆଲମିଡିଆରେ କିଭଳି ସେ ମହିଳାମାନଙ୍କୁ ନିର୍ଯାତନା ଦେଇଛନ୍ତି ତା'ର ଭିଡିଓ ଭାଇରାଲ ହୋଇଛି । ରେଭନ୍ନା ମଧ୍ୟ ଏନ୍‌ଡିଏରୁ କର୍ଣ୍ଣାଟକରେ ଲୋକସଭା ପ୍ରାର୍ଥୀ ହୋଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୋଟିଏ ସଭାରେ ତାଙ୍କ ପାଇଁ ଭୋଟ୍ ମାଗିଥିଲେ । ଏବେ ସେ ଦେଶ ବାହାରେ । ତାଙ୍କୁ ଖୋଜିବା ପାଇଁ ସିବିଆଇର ସହଯୋଗ ଲୋଡ଼ିଛନ୍ତି କର୍ଣ୍ଣାଟକ ସରକାର । ପୂର୍ବରୁ କଂଗ୍ରେସ ନେତା ରାହୁଲ ଗାନ୍ଧି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କୁ ଚିଠି ଲେଖି ପୀଡିତାମାନଙ୍କୁ ଯଥାସମ୍ଭବ ସାହାଯ୍ୟ କରିବାକୁ ଅନୁରୋଧ କରିଛନ୍ତି ।

ସେ ଉଲ୍ଲେଖ କରିଛନ୍ତି ଯେ ମହିଳାମାନଙ୍କୁ ଶୋଷଣ କରାଯାଇ ଯୌନ ଉତ୍ପୀଡନ କରାଯାଇଛି । ଏନେଇ କିଛି ମହିଳା ମଧ୍ୟ ଥାନାରେ ମାମଲା କରିଛନ୍ତି । ୨୦୧୯ ରୁ ୨୦୨୨ ମଧ୍ୟରେ ଏହି ଘଟଣା ଘଟିଛି ।

# ଟିକେଟ ଫେରାଇଲେ ସୁଚରିତା

ଭୁବନେଶ୍ୱର, ୪।୫ (ସବ୍ୟୁ) : ରାଜ୍ୟ କଂଗ୍ରେସ ଲାଗି ପୁଣି ଏକ ଝଟ୍‌କା ଲାଗିଛି । କଂଗ୍ରେସର ପୁରୀ ଲୋକସଭା ପ୍ରାର୍ଥୀ ସୁଚରିତା ମହାନ୍ତି ଦଳୀୟ ଟିକେଟ ଫେରାଇ ଦେଇଛନ୍ତି । ସେ ଫେରାଇବାର କାରଣ ସମ୍ପର୍କରେ ଉଲ୍ଲେଖ କରିଛନ୍ତି ଯେ ଦଳ ପକ୍ଷରୁ ପାଣ୍ଠି ନଥିବାରୁ ନିର୍ବାଚନ ଲଢ଼ିବା ସମ୍ଭବ ନୁହେଁ । ଦଳ ଅର୍ଥ ଦେବନାହିଁ ବୋଲି ସେ ଜାଣିବା ପରେ ଟିକେଟ ଫେରାଇଛନ୍ତି । ଇ-ମେଲ୍ ଜରିଆରେ ଏଆଇସିସିକୁ ସେ ଜଣାଇଛନ୍ତି । ଉଲ୍ଲେଖ କରିଛନ୍ତି ଯେ ନିର୍ବାଚନ ଲାଗି ଦଳ ଫଣ୍ଡିଂ କଲାନାହିଁ । ବିନା ଫଣ୍ଡିଂରେ କ୍ୟାମ୍ପେନ୍ କରିବା ଓ ନିର୍ବାଚନ ଲଢ଼ିବା ସହଜ ନୁହେଁ । ବିନା ପାର୍ଟି ଫଣ୍ଡିଂରେ ପୁରୀ ଭଳି ସଂସଦୀୟ କ୍ଷେତ୍ରରେ ନିର୍ବାଚନ ଲଢ଼ିବା ସମ୍ଭବ ନୁହେଁ । ଦଳ ପକ୍ଷରୁ ମୋତେ ନିଜସ୍ୱ ଟଙ୍କାରେ ଲଢ଼ିବା ପାଇଁ କୁହାଯାଇଥିଲା । ନିଜର ସାମର୍ଥ୍ୟ ଅନୁସାରେ ଟଙ୍କା ଯୋଗାଣ କରିବା ପାଇଁ ଚେଷ୍ଟା କରିଥିଲି । କିନ୍ତୁ ବର୍ତ୍ତମାନ ସମୟରେ ତାହା (୯ ପୃଷ୍ଠାରେ)



# ଓଲଟା ଲେଖୁଛନ୍ତି ଅକ୍ଷର

ସବୁବେଳେ ଯେଉଁ ବି ଅକ୍ଷର ହେଉ ସିଧା ଲେଖିବା ସହଜ ହୋଇଥାଏ, ଏହାକୁ ଓଲଟା ଲେଖିବା ଖୁବ କଷ୍ଟ ହୋଇଥାଏ । ତେବେ ଜଣେ ବ୍ୟକ୍ତି ବର୍ତ୍ତମାନ ଅକ୍ଷରଗୁଡିକୁ ଓଲଟା ଲେଖି ଗିନିଜ୍ ୱାଲ୍ଡ ରେକର୍ଡ କରିବାରେ ସକ୍ଷମ ହୋଇଛନ୍ତି । ହାଇଦ୍ରାବାଦର ଆଇନ୍‌ଜୀବି ଏସ୍‌କେ ଅସରଫ ନିଜର ଏହି ନିଆରା ଟାଲେଣ୍ଟ ପାଇଁ ବିଶ୍ୱ ରେକର୍ଡ କରିବାରେ ସକ୍ଷମ ହୋଇଛନ୍ତି । ସେ ସମୁଦାୟ ଇଂରାଜୀ ଅକ୍ଷରକୁ ମାତ୍ର ୨.୮୮ ସେକେଣ୍ଡରେ ଓଲଟା ଲେଖିବାରେ ସକ୍ଷମ ହୋଇଛନ୍ତି । ଗିନିଜ୍ ୱାଲ୍ଡ ରେକର୍ଡ ପକ୍ଷରୁ ଏକ ଭିଡିଓ ସେୟାର କରି ଏନେଇ ସୂଚନା ଦିଆଯାଇଛି । ଇଣ୍ଟରନେଟ୍‌ରେ ୟୁଜର୍ସମାନେ ଏସ୍‌କେ ଏସରଫଙ୍କର ଏଭଳି ଟାଲେଣ୍ଟକୁ ସମସ୍ତେ ଖୁବ ପ୍ରଶଂସା କରିଛନ୍ତି । ଅକ୍ଷର ଗୁଡିକୁ ସିଧା ଲେଖିବାରେ ମଧ ସମୟ ଲାଗୁଥିବାବେଳେ ସେ ଓଲଟି ଲେଖିବା ସହିତ ଏତେ କମ ସମୟରେ ଲେଖିଛନ୍ତି । ଗିନିଜ୍ ୱାଲ୍ଡ ରେକର୍ଡର ଅଫିସିଆଲ ସାଇଟ୍‌ରେ ପୋଷ୍ଟ ହୋଇଥିବା ଏହି ଭିଡିକୁ ପାଖାପାଖି ଏକ ମିଲିଅନରୁ ଅଧିକ ଲୋକ ଦେଖିଛନ୍ତି ।



## ସୋସିଆଲ କୋଟ୍ସ



ରଜନୀକାନ୍ତ ଏତେ ବଡ ଷ୍ଟାର ହୋଇଥିଲେ ବି ଆଜି ମଧ ସେ ଡାଉନ୍ ଟୁ ଆର୍ଥ । ତାଙ୍କ ସହିତ କାମ କରି ଖୁବ ଭଲ ଲାଗିଲା । ଆମେ ଦୁହେଁ ଖୁବ ଭଲ ସମୟ ଏଞ୍ଜୟ କରିଥିଲୁ ।

ଅମିତାଭ ବଚ୍ଚନ, ଅଭିନେତା



ଗତ ବର୍ଷ କରିଥିବା ତିନୋଟି ଫିଲ୍ମରେ ଖୁବ ପରିଶ୍ରମ କରିଛି । ସେଥିପାଇଁ ଭାବିଲି କିଛି ସମୟ ବିଶ୍ରାମ କରିବି । ଏହାପରେ ପୁଣି ନିଜ କାମ ଆରମ୍ଭ କରିବି ।

ଶାହରୁଖ ଖାନ, ଅଭିନେତା



ନବେ ଦଶକରେ ସୌନ୍ଦର୍ଯ୍ୟର ପରିଭାଷା ଭିନ୍ନ ଥିଲା । ସେତେବେଳେ ସବୁ ନିର୍ଦ୍ଦେଶକ ମୋତେ ଓଜନ ବଢାଇବା ପାଇଁ କହୁଥିଲେ ।

ସୋନାଲି ବେନ୍ଦ୍ରେ, ଅଭିନେତ୍ରୀ

## ଇତିହାସ

୧୮୨୧ – ଫ୍ରାନ୍ସର ସୈନ୍ୟ ଅଧିକାରୀ ତଥା ରାଜନେତା ନେପୋଲିଅନ ବୋନାପାର୍ଟଙ୍କ ମୃତ୍ୟୁ।

୧୮୪୭ – ଲଣ୍ଡନର ପ୍ରସିଦ୍ଧ ଆସୋସିଏସନ୍ ସ୍କୁଲ ଅଫ୍ ଆର୍କିଟେକଚରର ସ୍ଥାପନା କରାଯାଇଥିଲା ।

୧୯୦୨ – ରାଷ୍ଟ୍ରମଣ୍ଡଳ ଲୋକସେବା ଅଧିନିୟମ ଅଷ୍ଟ୍ରେଲିଆରେ ସାର୍ବଜନିନ ସେବା କରାଯାଇଥିଲା ।

୧୯୩୨ – ଜାପାନ ଓ ଚୀନ ଶାନ୍ତି ସନ୍ଧିରେ ସ୍ୱାକ୍ଷର କରିଥିଲେ ।

୧୯୩୬ – ଇଟାଲୀ ସୈନିକଙ୍କର ଅଦିସ୍ ଅବାବା ଉପରେ କବ୍‌ଜା ।

୧୯୯୪ – ବ୍ରିଟେନ୍‌ରେ ଲେବର ପାର୍ଟି ଦ୍ୱାରା କଞ୍ଜରଭେଟିଭ୍ ପାର୍ଟିକୁ ପରାସ୍ତ ।

# ଅଟିଜିମ୍

ଏହି ସମସ୍ୟା ଆମର ମସ୍ତିଷ୍କ ସମ୍ବନ୍ଧିତ ହୋଇଥାଏ । ବିଶେଷଭାବେ ଜଣେ ବ୍ୟକ୍ତି ସମାଜରେ କିଭଳି ଅନ୍ୟ ଲୋକଙ୍କ ସହିତ ମିଶୁଛନ୍ତି ତାହା ମସ୍ତିଷ୍କ ଉପରେ ନିର୍ଭର କରିଥାଏ । ଯେଉଁମାନେ ଅଟିଜିମ୍‌ରେ ପୀଡିତ ହୋଇଥାଆନ୍ତି ସେମାନେ ଏହି ସାମାଜିକ ବାର୍ତ୍ତାଳାପ କରିବାରେ ସମସ୍ୟାରେ ପଡିଥାଆନ୍ତି । ଏହା ଶିଶୁଙ୍କର ଖୁବ ଛୋଟ ଦିନୁ ଦେଖିବାକୁ ମିଳିଥାଏ । ଯାହାଫଳରେ ସେମାନେ ଖେଳିବା, ପିଲାଙ୍କ ସହ ମିଶିବା, ସ୍କୁଲ୍‌ରେ ପାଠ ପଢିବା ଆଦି କାର୍ଯ୍ୟ କରିବାରେ ସମସ୍ୟାରେ ପଡିଥାଆନ୍ତି । ଏହି ସମସ୍ୟାର ଲକ୍ଷଣ ଖୁବ ଜଲଦି ଜଣା ପଡିଯାଇଥାଏ, ତେଣୁ ଆମକୁ ସବୁବେଳେ ଲକ୍ଷଣ ଉପରେ ଧ୍ୟାନ ଦେବାକୁ ହୋଇଥାଏ । ଯାହାଫଳରେ ଆମେ ଏନେଇ ଶୀଘ୍ର ଜାଣିବା ସହିତ ଡାକ୍ତରଙ୍କ ପରାମର୍ଶ କରିପାରିବା ।

### ଲକ୍ଷଣ

- ନିଜ ନାମ ଶୁଣି କୌଣସି ପ୍ରତିକ୍ରିୟା ନଦେବା ।
- ଏକା ରହିବାକୁ ପସନ୍ଦ କରିବା ।
- ନିଦ ଦୁନିଆରେ ନିଜେ ବ୍ୟସ୍ତ ରହିବା ।
- ଆଖିରେ ଆଖି ନ ମିଶେଇ ପାରିବା ।
- କଥା କହି ନପାରିବା ।
- ଯଦି କଥା କହିପାରୁଛନ୍ତି, ତେବେ ପାଟି ଲାଗିବା ।
- ଛୋଟଛୋଟ ସରଳ ପ୍ରଶ୍ନର ଉତ୍ତର ମଧ ଦେଇ ନପାରିବା ।
- କୌଣସି କାର୍ଯ୍ୟରେ ମନ ନଲାଗିବା ।
- ଚିଡଚିଡା ହେବା ।
- ଖାଦ୍ୟ ଠିକ୍ ଭାବେ ନଖାଇବା ।



ନିଜର ଇନୋଭେଟିଭ୍ ସ୍ପିରିଟ୍ ପାଇଁ ଜାପାନ ସମଗ୍ର ବିଶ୍ୱରେ ପରିଚିତ । ଏଠାରେ ଦୈନନ୍ଦିନ ବିଭିନ୍ନ ପ୍ରକାରର ଇନୋଭେସନ ଦେଖିବାକୁ ମିଳିଥାଏ । ସେହିଭଳି ଏକ ଜାକେଟ୍ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ଜାକେଟ୍‌ରେ ଘଣ୍ଟା ପାଇଁ ଏକ ସ୍ୱତନ୍ତ୍ରସ୍ଥାନ ରଖାଯାଇଛି । ତେଣୁ ଯେଉଁମାନେ ଜାକେଟ୍ ପିନ୍ଧିଲେ ଘଣ୍ଟା ପିନ୍ଧିବା ପାଇଁ ହଇରାଣ ହେଉଛନ୍ତି, ସେମାନଙ୍କ ପାଇଁ ଏହି ଜାକେଟ୍‌ଟି ବେଶ୍ ଉପକାରୀ । ବର୍ତ୍ତମାନ ସେମାନେ ଆରାମରେ ଜାକେଟ୍ ଭିତରେ ବି ହାତ ଘଣ୍ଟାକୁ ସହଜରେ ପିନ୍ଧିପାରିବେ । ଏହାକୁ ଏକ ସ୍ପୋର୍ଟସ୍‌ୱେୟାର କମ୍ପାନୀ ନିର୍ମାଣ କରିଛି । କମ୍ପାନୀ ପକ୍ଷରୁ ଏନେଇ ସୋସିଆଲ ମିଡିଆରେ ଏକ ଫଟୋ ପୋଷ୍ଟ କରାଯାଇଛି, ଯାହା ଭାଇରାଲ ହେବାରେ ଲାଗିଛି । ଲୋକମାନେ ଏହି ଜାକେଟ୍‌ର ଡିଜାଇନ୍‌କୁ ଖୁବ ପସନ୍ଦ କରିଛନ୍ତି । ବିଶେଷଭାବେ ଏହା ଅଫିସ୍ ଗୋଇଂ ଲୋକଙ୍କ ପାଇଁ ବେଶି ସୁବିଧା ଜନକ ହେବ ।



# ଇନୋଭେଟିଭ ଜାକେଟ୍

# ଚିକିତ୍ସକ ଓରାଙ୍ଗ ଓଟାଙ୍ଗ

ସାଧାରଣତଃ କେବଳ ମଣିଷମାନେ ନିଦ କ୍ଷତକୁ ଭଲ କରିବା ପାଇଁ ଔଷଧୀୟ ବୃକ୍ଷର ବ୍ୟବହାର କରିଥାଆନ୍ତି । କାରଣ ମଣିଷମାନେ ଏଭଳି ଗଛ ଗୁଡିକୁ ଚିହ୍ନି ଥାଆନ୍ତି । ତେଣୁ ସେମାନେ ଏଗୁଡିକୁ ବ୍ୟବହାର କରିବାରେ ସକ୍ଷମ ହୋଇଥାଆନ୍ତି । ତେବେ ଇଣ୍ଡୋନେସିଆର ବୈଜ୍ଞାନିକମାନେ ଏକ ଅଦ୍ଭୁତଦୃଶ୍ୟକୁ କଏଦ କରିଥିବା ଦାବି କରିଛନ୍ତି । ସେମାନଙ୍କ ଦାବି ଅନୁସାରେ ଇଣ୍ଡୋନେସିଆର ଜଙ୍ଗଲରେ ଜଣେ ଓରାଙ୍ଗ ଓଟାଙ୍ଗ ନିଜ ମୁହଁରେ ହୋଇଥିବା କ୍ଷତକୁ ଭଲ କରିବା ପାଇଁ କିଛି ଔଷଧୀୟ ବୃକ୍ଷର ସହାୟତା ନେଇଛନ୍ତି । ଏହି ଓରାଙ୍ଗ ଓଟାଙ୍ଗ ଲଗାତାର ଭାବେ ଏକ ବୃକ୍ଷର ତରଳକୁ ନିଜ ମୁହଁରେ ଲଗାଉଥିବାର ଦୃଶ୍ୟ ସେମାନେ ଦେଖିବାକୁ ପାଇଥିଲେ । କେବଳ ଏତିକି ନୁହେଁ ସେ ଏହି ବୃକ୍ଷର ପତ୍ରକୁ ମଧ ଚୋବାଇ ଖାଉଥିବାର ଦେଖିବାକୁ ମିଳିଥିଲା । ସେହି ବୃକ୍ଷର ପତ୍ରକୁ ବିଭିନ୍ନ ରୋଗକୁ ଭଲ କରିବା ପାଇଁ ବ୍ୟବହାର କରାଯାଇଥାଏ । ଏଥିରୁ ମେଲେରିଆ, ମଧୁମେହ, ଡାଇରିଆ ଭଳି ରୋଗର ପାରମ୍ପରିକ ଔଷଧ ପ୍ରସ୍ତୁତ ହୋଇଥାଏ ।



# ରେଖା ଥିଲେ ପ୍ରଥମ ପସନ୍ଦ



ନିକଟରେ ରିଲିଜ୍ ହୋଇଛି ସଞ୍ଜୟ ଲିଲା ଭଂସାଲୀଙ୍କର ୱେବ୍‌ସିରିଜ୍ ହୀରାମଣ୍ଡି । ଯାହା ବର୍ତ୍ତମାନ ନିଜ ଷ୍ଟାରକାଷ୍ଟ ଓ କାହାଣୀ ପାଇଁ ପ୍ରଶଂସା ସାଉଁଟିବାରେ ଲାଗିଛି । ତେବେ ଏହାର ଷ୍ଟାରକାଷ୍ଟ ପାଇଁ ପ୍ରଥମ ପସନ୍ଦ ନେଇ କଥା ହୋଇଛନ୍ତି ଏହାର ନିର୍ମାତା ସଞ୍ଜୟ ଲିଲାଭଂସାଲୀ । ପ୍ରଥମରୁ ହୀରାମଣ୍ଡି ପାଇଁ ତାଙ୍କର ପସନ୍ଦ ରେଖା ଥିବା ସେ ପ୍ରକାଶ କରିଛନ୍ତି । ସେ ରେଖା, କରୀନା ଓ ରାଣୀ ମୁଖାର୍ଜୀଙ୍କୁ ଏହି ସିରିଜ୍‌ରେ କାଷ୍ଟ କରିବାକୁ ଯୋଜନା କରିଥିଲେ । ତେବେ ସେ ଏହା ପାଖାପାଖି ୧୮ ବର୍ଷ ପୂର୍ବେ ଭାବିଥିଲେ । ହେଲେ ପରେ ଏହା ପରିବର୍ତ୍ତନ ହୋଇଥିଲା । ତେବେ ଥରେ କିମ୍ବା ଦୁଇଥର ନୁହେଁ ସେ ଏହି କାଷ୍ଟକୁ ଚୟନ କରିବା ଆଗରୁ ଅନେକ ଥର ନିଜ ପସନ୍ଦ ପରିବର୍ତ୍ତନ କରିଛନ୍ତି । ଶେଷରେ ମନୀଷା କୋଇରାଲା, ସୋନାକ୍ଷୀ ସିହ୍ନା, ତନିଷା, ରିଚା ଚଡା ଆଦିଙ୍କୁ ସେ ଏଥିରେ ସାମିଲ କରିଥିଲେ । ବର୍ତ୍ତମାନ ୱେବସିରିଜ୍‌କୁ ଦର୍ଶକଙ୍କ ଠାରୁ ଖୁବ ଭଲ ପାଇବା ମିଳୁଛି । ଏହାର ସେଟ୍ ଓ ଚରିତ୍ରଙ୍କ ୟୁନିକ୍ ଗେଟ୍‌ଅପକୁ ନେଇ ଖୁବ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳୁଛି ।

# ପାହାଡୀ ଦହି ତଡକା

**ସାମଗ୍ରୀ–** ଗୋଟିଏ ଗିନା ଦହି, ୨ଟି ରସୁଣ, ଗୋଟିଏ ଛୋଟ କଟା ପିଆଜ, ଗୋଟିଏ ଚାମଚ ଜିରା, ଏକ ଚାମଚ ଧନିଆ ଗୁଣ୍ଡ, ଏକ ଚାମଚ ହେଙ୍ଗୁ, ଏକ ଚାମଚ ହଳଦୀ, ଏକ ଚାମଚ ଲଙ୍କା ଗୁଣ୍ଡ, ଧନିଆ ପତ୍ର ।

**ପ୍ରଣାଳୀ–** ପ୍ରଥମେ ତେଲରେ ହେଙ୍ଗୁ ଓ ଜିରା ପକାନ୍ତୁ । ଏହାପରେ ପିଆଜ ପକାଇ ଭାଜନ୍ତୁ । ପରେ ଏଥିରେ ହଳଦୀ, ଲୁଣ, ଧନିଆ ଗୁଣ୍ଡ, ଶୁଖିଲା ଲଙ୍କା ପକାଇ ଗୋଳାନ୍ତୁ । ଏହାପରେ ଏଥିରେ ଫେଣ୍ଟା ହୋଇଥିବା ଦହି ପକାଇ ୫ରୁ ୭ ମିନିଟ୍ ଗୋଳାନ୍ତୁ । ଶେଷରେ ଧନିଆ ପତ୍ର ପକାଇ ସଜାଇ ପରଷନ୍ତୁ ପହାଡି ଦହି ତଡକା ।



R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୨୦୯
ତିଥି : ଦ୍ୱାଦଶୀ
୦୫ ମେ' ୨୦୨୪, ରବିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 209
05 May 2024, Sunday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore




## ପାଣି ପାଇଁ ଗଣ୍ଡଗୋଳ
## ୩ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ପାଣି ପାଇଁ ଗଣ୍ଡଗୋଳ ହେବାରୁ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗୁରୁମୂର୍ତ୍ତି ଗୌଡ଼ଙ୍କ ଅଭିଯୋଗ ଆଧାରରେ ଇନ୍‌ଫୋସିଟି ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା । ସରକାରୀ ଟ୍ୟାପ୍‌ରୁ ପାଣି ନେବାକୁ କେନ୍ଦ୍ର କରି ଗଣ୍ଡଗୋଳ ହେବା ସହ ୨ଟି ମୋବାଇଲ ଫୋନ୍ ଓ ସୁନାଚେନ୍ ପ୍ରଭୃତି ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି । ପୋଲିସ ଗିରଫ କରିଥିବା ୩ ଜଣ ହେଲେ ଜିତେନ୍ଦ୍ର ମିଶ୍ର (୪୨), ପ୍ରୀତି ମିଶ୍ର (୪୫) ଓ ଇତି ମିଶ୍ର (୨୦) ।

ଗୁରୁମୂର୍ତ୍ତି ଗୌଡ଼ ଓ ସଙ୍ଗୀତା ଡାକୁଆ ମିଶି କିମ୍ସ ହସ୍ପିଟାଲ ପାଖରେ ହୋଟେଲ କରିଛନ୍ତି । ସେ ହୋଟେଲକୁ ପାଣି ନେବାକୁ ଭିତ୍ତି କରି ଅଭିଯୁକ୍ତମାନେ ଆମେ ସ୍ଥାନୀୟ ଲୋକ କହି ସଙ୍ଗୀତା ସହ ଗଣ୍ଡଗୋଳ କରିଥିବା ପୋଲିସ କହିଛି । ଗିରଫ ୩ ଜଣଙ୍କୁ ଶନିବାର କୋର୍ଟଚାଲାଣ କରାଯିବା ପରେ ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍‌ହାଜତ ପଠାଇ ଦିଆଯାଇଛି ।

### ରାୟଗଡା ଓ ପାରଳାଖେମୁଣ୍ଡିରେ ମୁଖ୍ୟମନ୍ତ୍ରୀଙ୍କ ମର୍ଯ୍ୟାଦାପୂର୍ଣ୍ଣ ନିର୍ବାଚନ ପ୍ରଚାର
# ଲୋକଙ୍କ ଭିତରେ ଅଭୂତପୂର୍ବ ଉତ୍ସାହ

ଭୁବନେଶ୍ୱର (ସବ୍ୟୁ): ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ ଶନିବାର କୋରାପୁଟ, ନବରଙ୍ଗପୁର ପରେ ରାୟଗଡା ଓ ପାରଳାଖେମୁଣ୍ଡିରେ ମଧ୍ୟ ମର୍ଯ୍ୟାଦାପୂର୍ଣ୍ଣ ନିର୍ବାଚନ ପ୍ରଚାର କରି ରାଜନୀତିର ପରିଭାଷାକୁ ମାର୍ଜିତ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ଦେଖି ଲୋକଙ୍କ ଭିତରେ ଅଭୂତପୂର୍ବ ଆନନ୍ଦ ଓ ଉତ୍ସାହ ପରିଲକ୍ଷିତ ହୋଇଥିଲା । ସେମାନେ ସମସ୍ତେ ବିଭୋର ହୋଇ ନବୀନ ପଟ୍ଟନାୟକ ଜିନ୍ଦାବାଦ ଧ୍ୱନୀରେ ସଭାସ୍ଥଳକୁ ପ୍ରକମ୍ପିତ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଶାନ୍ତ, ସରଳ 'ପ୍ରଶ୍ନୋତ୍ତର' ପ୍ରଚାର ଷ୍ଟାଇଲ ଲୋକଙ୍କ ଭିତରେ ବେଶ ଆଦୃତି ଲାଭ କରିଥିଲାଛ ରାଜ୍ୟ ସରକାରଙ୍କ ସବୁ ପ୍ରମୁଖ ଯୋଜନାର ନା ଧରି ମୁଖ୍ୟମନ୍ତ୍ରୀ ପଚାରିଲେ ଏ ସବୁ ଭଲ କାମ କରୁଛି ତ? ମୁଖ୍ୟମନ୍ତ୍ରୀ ପ୍ରଥମେ ଖରା ଓ ଗରମରେ ଲୋକମାନେ ଆସିଥିବାରୁ ଧନ୍ୟବାଦ ଜଣାଇଥିଲେ, ତାପରେ ପଚାରିଥିଲେ 'ଆପଣମାନେ ଭଲ ଅଛନ୍ତି ତ?' । 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଭଲ କାମ କରୁଛି ତ?' । ମମତା ଯୋଜନା, ଲକ୍ଷ୍ମୀ ବସ୍, ମଧୁବାବୁ ପେନ୍ସନ୍, କାଳିଆ ଯୋଜନା, ମିଶନ ଶକ୍ତି ଆଦି ସବୁ ଯୋଜନା ଭଲ କାମ କରୁଛି ତ? ସବୁର ଉତ୍ତର ଥିଲା 'ହଁ' । ଶେଷରେ ସେ ପଚାରିଥିଲେ 'ନବୀନ ପଟ୍ଟନାୟକ ଭଲ ତ?' ଏହାପରେ ସମବେତ ଜନତା ବିପୁଳ ଉତ୍ସାହରେ ଠିଆ ହୋଇ 'ହଁ' ଶବ୍ଦ ଧ୍ୱନି ସହିତ କରତାଳି ଦେଇଥିଲେ ।



ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ କହିଥିଲେ ଯେ ବିଜେପି ଦଳର ଯଦି ସତ୍ ସାହସ ଅଛି, ତାହେଲେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ଘୋଷଣା କରନ୍ତୁ । ସେ ପୁଣି କହିଥିଲେ ଯେ ଯଦି କେନ୍ଦ୍ରମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରନ୍ତି, ତାହେଲେ ୧୦ ପ୍ରତିଶତ ସିଟ୍ ମଧ୍ୟ ପାଇବେ ନାହିଁ । ବିଜେପି ଦଳ ଉପରେ ପ୍ରଚଣ୍ଡ ଆକ୍ରମଣ କରି ପାଣ୍ଡିଆନ କହିଲେ ଯେ ବର୍ଷକୁ ୨ କୋଟି ଚାକିରୀ ଦେବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ଦେଇଥିଲେ । ଦଶ ବର୍ଷରେ ୨୦ କୋଟି ନିଯୁକ୍ତି ମିଳିବା କଥା । ସେହି ହିସାବରେ ଓଡିଶାରେ ୮୦ ଲକ୍ଷ ଚାକିରୀ ମିଳିବା କଥା । କୁଆଡେ ଗଲା ସେ ଚାକିରୀ ବୋଲି ପାଣ୍ଡିଆନ ପ୍ରଶ୍ନ କରିଥିଲେ । ସେ କହିଥିଲେ ରାଜ୍ୟ ସରକାରଙ୍କ ପଦକ୍ଷେପ ଯୋଗୁ ଓଡିଶାରେ ବେକାରୀ ସମସ୍ୟା ସବୁଠୁ କମ୍ ରହିଛି । କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ ଓଡିଶାରେ ବେକାରୀ କମ୍‌ଛ ରାୟଗଡାରେ ଲୋକସଭା ପ୍ରାର୍ଥୀ ଶ୍ରୀମତୀ କୌଶଲ୍ୟା ହିକକା କହିଥିଲେ ଯେ ନବୀନ ବାବୁ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତିଛ ୫ଟ୍ଟ ଗ୍ୟାରେଣ୍ଟି ହେଉଛି ସବଠୁ ବଡ ଗ୍ୟାରେଣ୍ଟି । ସେ କହିଥିଲେ ଯେ ନବୀନ ପଟ୍ଟନାୟକ ପ୍ରତ୍ୟେକ ଓଡିଆଙ୍କ ହୃଦୟରେ ଅଛନ୍ତି ଏବଂ ଓଡିଶାବାସୀ ତାଙ୍କ ହୃଦୟରେ ଅଛନ୍ତି । ପାରଳାଖେମୁଣ୍ଡିରେ ଲୋକସଭା ପ୍ରାର୍ଥୀ ଶ୍ରୀ ଭୃଗୁ ବକ୍ସିପାତ୍ର କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣ କାର୍ଯ୍ୟକ୍ରମ ଗୁଡିକ ଓଡିଶାର ସବୁ ପରିବାର ପାଖରେ ପହଞ୍ଚିଛି । ବିରୋଧୀ ଦଳ ଯଦି କ୍ଷମତାକୁ ଆସେ ତାହେଲେ ଏସବୁ ଜନକଲ୍ୟାଣକାରୀ କାର୍ଯ୍ୟକ୍ରାମ ବନ୍ଦ କରିଦେବେ । ନବୀନ ବାବୁଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରି ନୂଆ ଇତିହାସ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ ।

ରାୟଗଡାରେ ବିଧାୟକ ପ୍ରାର୍ଥୀ ଅନସୂୟା ମାଝୀ, ବିଷମକଟକ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ସାରକା, ଗୁଣୁପୁରରେ ବିଧାୟକ ପ୍ରାର୍ଥୀ ରଘୁନାଥ ଗମାଙ୍ଗୋ ଏବଂ ପାରଳାଖେମୁଣ୍ଡିରେ ବିଧାୟକ ପ୍ରାର୍ଥୀ ରୂପେଶ ପାଣିଗ୍ରାହୀ ଓ ମୋହନାରେ ବିଧାୟକ ପ୍ରାର୍ଥୀ ଅନ୍ତର୍ଯ୍ୟାମୀ ଗମାଙ୍ଗୋ ଇତ୍ୟାଦି ସପକ୍ଷରେ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ନିବେଦନ କରିଥିଲେ ।

**ରାଜ୍ୟ ସରକାରଙ୍କ ପ୍ରମୁଖ ଯୋଜନାର ପ୍ରଶ୍ନ ପଚାରିଲେ**
**ନବୀନ ପଟ୍ଟନାୟକ ଭଲ ତ ପ୍ରଶ୍ନର ଉତ୍ତରରେ ହଁ ଶବ୍ଦରେ କମ୍ପିଲା ସଭାସ୍ଥଳ**
**ବିଜେପିର ସାହାସ ଥିଲେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ଘୋଷଣା କରନ୍ତୁ**
**କେନ୍ଦ୍ରମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କଲେ ୧୦% ଭୋଟ୍ ପାଇବନି ବିଜେପି : ପାଣ୍ଡିଆନ୍**

### ପଟାପୋଲ ବାଟମଙ୍ଗଳା ସାହିର ଅଗ୍ନିକାଣ୍ଡ
## କ୍ଷତିଗ୍ରସ୍ତ ପରିବାରଙ୍କୁ ମୋକିମ୍ ଓ ବିଧାୟକ ପ୍ରାର୍ଥୀ ସୋଫିଆ ଫିର୍ଦୋସଙ୍କ ସହାୟତା



କଟକ (ସବ୍ୟୁ): ଶନିବାର ମଧ୍ୟାହ୍ନରେ ଗ୍ୟାସ ସିଲିଣ୍ଡର ଫାଟିଥିବା କଟକ ମହାନଗର ନିଗମ, ୧୭ ନମ୍ବର ୱାର୍ଡ ଅନ୍ତର୍ଗତ ପଟାପୋଲ ବାଟମଙ୍ଗଳା ସାହିର ବାସିନ୍ଦା ଏମ ଶ୍ରୀନିବାସ ରାଓ ଓ ଜି ଚିନମ୍ମାଙ୍କ ଘର ଓ ଆସବାବ ପାତ୍ର ସଂପୂର୍ଣ୍ଣ ଜଳି ଯାଇଛି । ଖବର ପାଇ ବିଧାୟକ ଇଂ.ମହମ୍ମଦ ମୋକିମ ଓ ବାରବାଟୀ-କଟକ କଂଗ୍ରେସ ବିଧାୟକ ପ୍ରାର୍ଥୀ ସୋର୍ଫିଆ ର୍ଫିଦୋଷ କ୍ଷତିଗ୍ରସ୍ତ ପରିବାର ବର୍ଗଙ୍କୁ ଭେଟିବା ସହିତ ତାଙ୍କୁ ଆର୍ଥିକ ସହୟତା ପ୍ରଦାନ କରିଥିଲେ । କିପରି ଆଗାମୀ ଦିନରେ ଉଭୟ ପରିବାରଙ୍କୁ ସରକାରୀ ସହାୟତ ମିଳିବ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ନଗର କଂଗ୍ରେସ ଗିରିବାଳା ବେହେରା, ଶୈଳବାଳା ଜେନା, ଅନିତ ନାୟକ, ଜାକିର ହୁସେନ, ସେକ ଗୁଲାମ ମୋଇଉଦ୍ଦୀନ, ଶୋନୁ ସ୍ୱାଇଁ, ଭାସ୍କର ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

### ସାଂସଦ ପ୍ରାର୍ଥୀଙ୍କ ନିଆରା କାର୍ଯ୍ୟକ୍ରମ
## ସଂତୃପ୍ତ କଲେ ସଫେଇ

କଟକ,( ସବ୍ୟୁ): କଟକ ଲୋକସଭା ଆସନରୁ ପ୍ରତିଦ୍ୱନ୍ଦିତା କରୁଥିବା ବିଜେଡି ଲୋକସଭା ପ୍ରାର୍ଥୀ ଡଃ ସଂତୃପ୍ତ ମିଶ୍ର ଏବେ ଚର୍ଚ୍ଚାରେ । ଶୁକ୍ରବାର ପ୍ରାର୍ଥୀପତ୍ର ଦାଖଲ କରି ସାରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ବାହାରେ ଗଦା ହୋଇଥିବା ଅଳିଆ/ଆବର୍ଜନାକୁ ନିଜେ ହାତରେ ଝାଡୁ ଧରି ସଫେଇ କରିଥିଲେ । ଯେଉଁ କାର୍ଯ୍ୟ ପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି । 'ମୋ କଟକ-ସ୍ୱଚ୍ଛ କଟକ'ବାର୍ତ୍ତା ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ବାହାର, ଶିଶୁ ଭବନ ପ୍ରସ୍ଥାନ ଗେଟ୍ ପାଖ ଏବଂ ହାଇକୋର୍ଟ ଗେଟ୍ ସମ୍ମୁଖରେ ସଂତୃପ୍ତ ନିଜେ ଏବଂ ବିଜେଡି କର୍ମୀମାନେ ସଫେଇ କରିବାର କାର୍ଯ୍ୟକୁ କଟକବାସୀ ସ୍ୱାଗତ କରିଛନ୍ତି । ପରିମଳକୁ ନେଇ ସଂତୃପ୍ତ କହିଥିଲେ ଯେ, ସ୍ୱଚ୍ଛତା ଆମ ଜୀବନରେ ନିହାତି ଆବଶ୍ୟକ ଏବଂ ନିଜ ପରିବେଶକୁ ସ୍ୱଚ୍ଛ ରଖିବା ପ୍ରତ୍ୟେକ ନାଗରିକଙ୍କ ମୌଳିକ କର୍ତ୍ତବ୍ୟ । ନାମାଙ୍କନ ଦାଖଲ ଶୋଭାଯାତ୍ରାରେ ଆସିଥିବା ଲୋକମାନେ ଫେରିଯିବା ପରେ ଯେଉଁ ଆବର୍ଜନା ଗଦା ହୋଇ ରହିଥିଲା, ତାହାକୁ ସଫା କରିବା ମୋର ପ୍ରଧାନ ଦାୟିତ୍ୱ ବୋଲି ସେ ପ୍ରକାଶ କରିଥିଲେ ।

## ଘସିପୁରାରୁ ସ୍ୱାଧୀନ ପ୍ରାର୍ଥୀ ହେବେ ସୌମ୍ୟରଞ୍ଜନ

ଆନନ୍ଦପୁର,(ସବ୍ୟୁ): ଖଣ୍ଡପଡ଼ା ବିଧାୟକ ସେମ୍ୟରଞ୍ଜନ ପଟ୍ଟନାୟକ କେନ୍ଦୁଝର ଜିଲ୍ଲା ଘସିପୁରା ର୍ନିବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ହେବେ ବୋଲି ଘୋଷଣା କରିଛନ୍ତି। ପୂର୍ବରୁ ବିଜେପି ଟିକେଟରେ ଲିବା ପାଇଁ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ତାଙ୍କୁ ନିମନ୍ତ୍ରଣ କରିଥିଲେ। ଏନେଇ ସେ ଘସିପୁରାର ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ।ତେବେ ଶୁକ୍ରବାର ଦିନ ବିଜେପି ଡ. ଶମ୍ଭୁନାଥ ରାଉତଙ୍କୁ ପ୍ରାର୍ଥୀ ଘୋଷଣା କରିଥିଲା। ଏହି ଘୋଷଣା ପରେ ଖୋଦ୍ ବିଜେପି କର୍ମୀମାନେ ଆଶ୍ଚର୍ଯ୍ୟ ହୋଇଥିଲେ। ଶନିବାର ସନ୍ଧ୍ୟାରେ ଶ୍ରୀ ପଟ୍ଟନାୟକଙ୍କ ଆନନ୍ଦପୁରସ୍ଥିତ ବାସଭବନରେ ଘସିପୁରା ର୍ନିବାଚନମଣ୍ଡଳୀର ଦୁଇ ହଜାରରୁ ଊର୍ଦ୍ଧ୍ୱ ସମର୍ଥକଙ୍କୁ ନେଇ ଏକ ବେଠକ ହୋଇଥିଲା। ସମର୍ଥକଙ୍କ ସହ ଆଲୋଚନା ପରେ ଶ୍ରୀ ପଟ୍ଟନାୟକ ସ୍ୱାଧୀନ ପ୍ରାର୍ଥୀ ଭାବେ ର୍ନିବାଚନ ଲିବାକୁ ନିଷ୍ପତ୍ତି ନେଇଛନ୍ତି।

### ନାମ ଉଲ୍ଲେଖ ନ କରି ଧର୍ମେନ୍ଦ୍ରଙ୍କୁ ପାଣ୍ଡିଆନଙ୍କ ଆକ୍ଷେପ
## ଦମ୍ ଥିଲେ ନିଜକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବୋଲି ଘୋଷଣା କରନ୍ତୁ



ଭୁବନେଶ୍ୱର (ସବ୍ୟୁ): ପାରଳାଖେମୁଣ୍ଡିରେ ନିବାଚନ ପ୍ରଚାର ସମୟରେ ବିଜେଡ଼ି ନେତା କାର୍ତ୍ତିକ ପାଣ୍ଡିଆନ୍ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ନାମ ଉଲ୍ଲେଖ ନକରି ତାଙ୍କ ଉପରେ ବର୍ଷିଛନ୍ତି । ୧୦ବର୍ଷ ହେଲା ମୁଖ୍ୟମନ୍ତ୍ରୀ ପ୍ରାର୍ଥି ହେବାକୁ ଚେଷ୍ଟା କରି ଅସଫଳ ହେଉଥିବା ବ୍ୟକ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶର ଭାଷା କିପରି ବୁଝିବ ବୋଲି ପ୍ରଶ୍ନ କରିଛନ୍ତି । କେନ୍ଦ୍ରମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ, ବିକାଶର ଯେତେ ଭାଷା କହିଲେ ବି ଆପଣ ବୁଝି ପାରୁନାହାଁନ୍ତି । ଶ୍ରୀମନ୍ଦିର ରୁପାନ୍ତରଣ, ସ୍କୁଲ ରୁପାନ୍ତରଣ, ଲକ୍ଷ୍ମୀ ଯୋଜନା ଆଦି ଆପଣଙ୍କ ପାଇଁ ଅବୁଝା । ରାଜନୈତିକ ଭାଷାରେ ଆପଣଙ୍କୁ ବୁଝାଇବାକୁ ପଡିବ । ୧୦ବର୍ଷ ଧରି ବିରୋଧୀ ଦଳରେ ଅଛନ୍ତି । ମୁଖ୍ୟମନ୍ତ୍ରୀ ପ୍ରାର୍ଥି ହେବାକୁ ଚେଷ୍ଟା କରୁଛନ୍ତି । ମାତ୍ର ଆପଣଙ୍କ ଦଳ ଆପଣଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥି କରୁନାହିଁ । ଅର୍ଥାତ ଆପଣଙ୍କ ଦଳ ଆପଣଙ୍କୁ ବିଶ୍ୱାସ କରୁନାହିଁ । ପ୍ରଥମେ ନିଜ ଦଳରେ ବିଶ୍ୱାସ ହାସଲ କରନ୍ତୁ । ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମ୍ମୁଖରେ ଠିଆ ହୋଇ ପ୍ରଶ୍ନ କରିବାର ଯୋଗ୍ୟତା ହାସଲ କରିବେ ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି ।

ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଆପଣଙ୍କ ଦଳ ବିଜେପିରେ ଆପଣଙ୍କ ସ୍ଥିତି କ'ଣ ପ୍ରଥମେ ବୁଝନ୍ତୁଛ ଆପଣଙ୍କୁ ଯଦି ଆପଣଙ୍କ ଦଳ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରେ ତେବେ ଆପଣ ୧୦ % ଆସନ ବି ପାଇବେ ନାହିଁ । ଯଦି ସତରେ ଆପଣଙ୍କର ଦମ୍ ଅଛି, ତେବେ ଆପଣ ନିଜ ଦଳର ମୁଖ୍ୟମନ୍ତ୍ରୀ ଚେହେରା ବୋଲି ଘୋଷଣା କରନ୍ତୁ । ତା' ପରେ ରାଜ୍ୟବାସୀ କାହାକୁ ଆଶୀର୍ବାଦ କରିବେ ତାହା ଦେଖିବେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଶୀର୍ବାଦ ଦେବେ କି ଆପଣଙ୍କୁ ଆଶୀର୍ବାଦ କରିବେ ତାହା ଦେଖିବେ ବୋଲି ଆହ୍ୱାନ ଦେଇଛନ୍ତି ଶ୍ରୀ ପାଣ୍ଡିଆନ ।

ସେ ପୁଣି କହିଛନ୍ତି ଯେ କେନ୍ଦ୍ରମନ୍ତ୍ରୀ 'ଡ଼ବଲ ଇଞ୍ଜିନ' କଥା କହୁଛନ୍ତି । ମାତ୍ର ଅନେକ ରାଜ୍ୟରେ ଡ଼ବଲ ଇଞ୍ଜିନ ବନ୍ଦ ହୋଇ ଗଲାଣି । ଆମ ରାଜ୍ୟରେ କେବଳ ନବୀନ ଇଞ୍ଜିନ ଚାଲିଛି, ଆଉ ଆଗକୁ ମଧ୍ୟ ଚାଲିବଛ ବାର୍ଷିକ ୨କୋଟି ନିଯୁକ୍ତି ଦେବା ପ୍ରତିଶ୍ରୁତିକୁ ୧୦ ବର୍ଷ ବିତିଛି । ହିସାବ ଅନୁଯାୟୀ ଗତ ୧୦ବର୍ଷରେ ୨୦ କୋଟି ନିଯୁକ୍ତି ମିଳିବା କଥା । ନିଯୁକ୍ତି ପ୍ରତିଶ୍ରୁତି କୁଆଡ଼େ ଗଲା? ୧୦ବର୍ଷରେ ୨୦କୋଟି ନିଯୁକ୍ତିରୁ ଓଡ଼ିଶା ଭାଗରେ ଅନ୍ତତଃ ୮୦ ଲକ୍ଷ ନିଯୁକ୍ତି ମିଳିବା କଥା । ଅର୍ଥାତ୍ ୩ଟି ଘରେ ଅନ୍ତତଃ ଜଣେ ନିଯୁକ୍ତି ପାଇବା କଥାଛ ମାତ୍ର ଏହି ପ୍ରତିଶ୍ରୁତି ବିଫଳ ହୋଇଛି । କେନ୍ଦ୍ରମନ୍ତ୍ରୀ କହୁଛନ୍ତି ରାଜ୍ୟ ସରକାର ନିଯୁକ୍ତିରେ ବିଫଳ । ଏଣୁ କେନ୍ଦ୍ର ସରକାର ଦେଇଥିବା ନିଯୁକ୍ତି ସଂକ୍ରାନ୍ତୀୟ ପ୍ରତିଶ୍ରୁତି କେତେ ରକ୍ଷା କରିଛନ୍ତି ସେ ନେଇ ଶ୍ୱେତପତ୍ର ପ୍ରକାଶ କରନ୍ତୁ । ସମଗ୍ର ଦେଶରେ ଓଡ଼ିଶାରେ ବେକାରୀ ହାର ସବୁଠାରୁ କମ ରହିଛି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି ।

**୧୦ ବର୍ଷ ହେଲା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବାକୁ ଚେଷ୍ଟା କରୁଛନ୍ତି**
**ବିଜେପିର ତାଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ରହୁନି**
**ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେଲେ ବିଜେପି ୧୦% ଆସନ ପାଇବନି**
**ନିଯୁକ୍ତି ସଂକ୍ରାନ୍ତରେ ଶ୍ୱେତପତ୍ର ପ୍ରକାଶ କରନ୍ତୁ କେନ୍ଦ୍ରମନ୍ତ୍ରୀ**

### ଓଡ଼ିଶାର ପ୍ରଭୁତ ବିକାଶ ପାଇଁ ବିଜେପି ସରକାର ଜରୁରୀ
## ସମସ୍ତ ପ୍ରାକୃତିକ ସଂପଦ ସତ୍ତ୍ୱେ ଯେଭଳି ବିକଶିତ ହେବା କଥା ତାହା ହୋଇନାହିଁ : ଜୟଶଙ୍କର

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାରେ ସମସ୍ତ ପ୍ରାକୃତିକ ସଂପଦ ଥାଇ ମଧ୍ୟ ରାଜ୍ୟ ଯେଭଳି ବିକଶିତ ହେବା କଥା ତାହା ହୋଇନାହିଁ । ଓଡ଼ିଶା ଲୋକଙ୍କ ମଧ୍ୟରେ ବହୁତ ଟ୍ୟାଲେଣ୍ଟ ଓ ସ୍କିଲ୍ ରହିଛି । ତେବେ ଏହା ସତ୍ତ୍ୱେ ଓଡ଼ିଶାର ଯେଭଳି ବିକାଶ ନହେବାର କାରଣ କଣ ବୋଲି ପ୍ରଶ୍ନ କରିଛନ୍ତି କେନ୍ଦ୍ର ବୈଦେଶିକ ମନ୍ତ୍ରୀ ଡ଼ଃ ଏସ୍.ଜୟଶଙ୍କର ? ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର ଠାରେ ଏକ ଏଡିଟର ମିଟ୍ ଓ ସାମ୍ବାଦିକ ସମ୍ମିଳନୀରେ ସେ କହିଲେ ଯେ, ଓଡ଼ିଶାର କଳା, ସଂସ୍କୃତି କେତେ ସମୃଦ୍ଧ ତାହା କରିବା ଅନାବଶ୍ୟକ । ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଦୃଷ୍ଟିରେ ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି । ଗତ ୧୦ବର୍ଷର ମୋଦି ସରକାରରେ ଓଡ଼ିଶାକୁ ୧୮ଲକ୍ଷ କୋଟିର କେନ୍ଦ୍ରୀୟ ଅନୁଦାନ ମିଳିଥିଲାବେଳେ ସ୍ୱ-ନିଧି ଯୋଜନାରେ ଓଡ଼ିଶାର ୫୪ହଜାର ଉପଭୋକ୍ତା ଅଛନ୍ତି । ସାଗରମାଳା ପ୍ରକଳ୍ପରେ ମଧ୍ୟ ୫୪ହଜାର କୋଟି ଟଙ୍କାର ଅନୁଦାନ ଦିଆଯାଇଛି । ସେହିଭଳି ଆବାସ ଯୋଜନାରେ ଓଡ଼ିଶାର ୨.୭ ଲକ୍ଷ ଲୋକଙ୍କୁ ଘର ମିଳିଥିଲାବେଳେ ଅନେକ କିଛି ସହାୟତା ଦିଆଯାଇଛି ତେବେ ରାଜ୍ୟର ଦ୍ରୁତ ଓ ପ୍ରଭୁତ ବିକାଶ ପାଇଁ ମୋଦିଜୀଙ୍କ ବିକାଶ ଧାରାକୁ ଆଗାଇ ନେବା ଭଳି ସରକାର ଓଡ଼ିଶାରେ ହେବା ଉଚିତ୍ । ଓଡ଼ିଶାବାସୀଙ୍କ ସହଯୋଗରେ ଏଥର ନିର୍ବାଚନରେ ବିଜେପି ୪୦୦ ଆସନ ପାର କରିବ । ନିର୍ବାଚନରେ ଓଡ଼ିଶା ଲୋକେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଧିକ ସଶକ୍ତ କରିବେ ବୋଲି ବିଶ୍ୱାସ ରହିଛି । ଜାତୀୟ ଦୃଶ୍ୟପଟକୁ ଉଲ୍ଲେଖ କରି ଶ୍ରୀ ଜୟଶଙ୍କର କହିଲେ ଯେ, ଜି-୨୦ ସମ୍ମିଳନୀ ଦ୍ୱାରା ସାରା ବିଶ୍ୱରେ ଭାରତ ତାର ଉପସ୍ଥିତି ଜାହିର କରିଛି । ମୋଦି ସରକାର ପାଇଁ ଦେଶ ପ୍ରଥମ ଓ ଦେଶର ସୁରକ୍ଷା ହେଉଛି ପ୍ରଥମ । ତେଣୁ ଏ ଦିଗରେ ସତର୍କ ଦୃଷ୍ଟି ରଖାଯାଇଛି । ପାକିସ୍ତାନ ପଟୁ ଆସୁଥିବା ଆତଙ୍କବାଦ୍‌ର କଡା ଜବାଦ ଦିଆଯାଇଥିଲାବେଳେ ଚିନ୍ ସୀମାରେ ଆମ ଯବାନମାନେ ଜାଗତିଆର ଅଛନ୍ତି । ଗଲୱାନ୍ ଘଟଣା ପରେ ଚିନ୍ ସହ ଦ୍ୱିପାକ୍ଷିକ କଥାବାର୍ତ୍ତା ଚାଲିଛି । ଦେଶର ସୁରକ୍ଷା ନେଇ ମୋଦି ସରକାର କୌଣସି ସାଲିସ କରିବ ନାହିଁ । କାନାଡା ପ୍ରଧାନମନ୍ତ୍ରୀ ତାଙ୍କ ଭୋଟ୍ ବ୍ୟାଙ୍କ ପାଇଁ ଭାରତକୁ ଦୋଷ ଦେଉଛନ୍ତି । ସେଠି ଭାରତ ପାଇଁ ପଲିଟିକାଲ୍ ଗେମ୍ ଚାଲିଛି ଓ ଖଲିସ୍ତାନୀ ଚିନ୍ତାଧାରା ରାଜନୀତିକୁ କରାୟତ କରିଛି । ଆମ ବୈଦେଶିକ ନୀତି ସ୍ପଷ୍ଟ ଥିବାରୁ ରୁଷ୍, ୟୁକ୍ରେନ୍ ଆମର ମଧ୍ୟସ୍ଥତା ଚାହୁଁଛନ୍ତି । ନିରବ ମୋଦି ଓ ବିଜୟ ମାଲ୍ୟାଙ୍କ ପ୍ରତ୍ୟାର୍ପଣ ସଂପର୍କରେ ଶ୍ରୀ ଜୟଶଙ୍କର କହିଛନ୍ତି ଯେ, ବ୍ରିଟେନ୍‌ର ଆଇନ୍ ବ୍ୟବସ୍ଥା ଯୋଗୁ ସେମାନଙ୍କର ପ୍ରତ୍ୟାପଣ ବିଳମ୍ବିତ ହେଉଛି । ବାହାର ଦେଶରେ ରହୁଥିବା ଭାରତୀୟମାନଙ୍କର ସାର୍ବଭୌମତ୍ୱ ଓ ସୁରକ୍ଷା ନେଇ ମଧ୍ୟ ଧ୍ୟାନ ଦିଆଯାଇଛି । ୟୁକ୍ରେନ୍, ସୁଦାନ ଓ ଇଜ୍‌ରାଇଲରୁ ଓଡ଼ିଶାର ଲୋକମାନଙ୍କୁ ଉଦ୍ଧାର କରାଯାଇଛି । ଓଡ଼ିଆ ଅସ୍ମିତା ସଂପର୍କରେ ଉଲ୍ଲେଖ କରି ଶ୍ରୀ ଜୟଶଙ୍କର କହିଲେ ଯେ, ଓଡ଼ିଶା ଭଳି ଏକ ବିକଶିତ ରାଜ୍ୟର ନେତା ଜଣେ ମାଟିର ପୁଅ ହେବା ଉଚିତ୍ ଓ ଓଡ଼ିଶାରେ ବିଜେପି ସରକାର ଆସିବା ଉଚିତ୍ ।

ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପିର ପୂର୍ବତନ ସଭାପତି ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ମହାନ୍ତି, ଗଣମାଧ୍ୟମ ବିଭାଗର ମୁଖ୍ୟ ମୁଖପାତ୍ର ସଜନ ଶର୍ମା, ମୁଖପାତ୍ର ସୁଦିପ୍ତ ରାୟ ଓ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ ଦାସ ଉପସ୍ଥିତ ଥିଲେ ।



# ୬୦ ଏକର କିଆ ଚାଷ ଜମିରେ ଲାଗିଲା ନିଆଁ

ଛତ୍ରପୁର, (ସବ୍ୟୁ) : ଛତ୍ରପୁର ବ୍ଲକ ଅନ୍ତର୍ଗତ ଉପୁଲାପୁଟି ଗ୍ରାମରେ ଥିବା ୫୦ ରୁ ୬୦ଏକର କିଆ ଫୁଲ ଚାଷ ଜମିରେ ନିଆଁ ଲାଗିଛି। ଯାହାଫଳରେ ୨୦ରୁ ଅଧିକା ଚାଷୀ କ୍ଷତିଗସ୍ତ ହୋଇଛନ୍ତି । କୋଟି କୋଟି ଟଙ୍କାର କିଆ ଫୁଲ ନଷ୍ଟ ହୋଇଯାଇଛ। ସେମାନଙ୍କ ଦୈନିକ କିଆଁ ଫୁଲ ତୋଳି ଦି ପଇସା ରୋଜଗାର କରି ସେମାନଙ୍କ ପରିବାର ପ୍ରତିପୋଷଣ କରୁଥିଲେ। ନିଆଁ ଲାଗିବା ପରେ ଆଗାମୀ ୫ବର୍ଷ କିଆଁ ଫୁଲ ହେବ ନାହିଁ। ସେମାନେ ଜୀବିକା ହରାଇଛନ୍ତି। ଏଣୁ ଏହାର କ୍ଷତିପୂରଣ ପ୍ରଦାନ କରାଯିବା ପାଇଁ ଚାଷୀ ମାନେ ଦାବି କରିଛନ୍ତି । ଶନିବାର ଅପରାହ୍ନରେ କିଆ ଚାଷ ଜମିରେ କୌଣସି କାରଣ ବଶତଃ ନିଆଁ ଲାଗିଯାଇଥିଲା। ଖବର ପାଇ ଛତ୍ରପୁର ଓ ଅନ୍ୟ ଅଂଚଳର ଚାରୋଟି ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁ କୁ ଆୟତ୍ତ କରିଥିଲା । ଅନ୍ୟପଟେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, କାଳିପଲ୍ଲୀ ପଂଚାୟତ ର ବି. ଚନ୍ଦ୍ରମଣି ପାତ୍ର, କିଆଁ ଫୁଲ ଚାଷୀ ସଂଘ ସଭାପତି ଅମର ବେହେରା, ସମ୍ପାଦକ ବି. ଗୋରିଆ ପାତ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ଏ ସମ୍ପର୍କରେ ଚାଷୀ ମାନଙ୍କ ସହ ଆଲୋଚନା କରିଛନ୍ତ। ଚାଷୀ ମାନଙ୍କୁ କିପରି ଉଚିତ କ୍ଷତିପୂରଣ ମିଳିବ ସେଥିପାଇଁ ପ୍ରଶାସନିକ ଅଧିକାରୀ ମାନଙ୍କ ଆଲୋଚନା କରିଥିଲେ।

# ବିଜେଡ଼ି ପ୍ରାର୍ଥୀଙ୍କ ନିର୍ବାଚନୀ ସଭା



ଆନନ୍ଦପୁର, (ସବ୍ୟୁ) : ଘଷିପୁରା ର୍ନିବାଚନ ମଣ୍ଡଳୀ ବିଜୁ ଜନତା ଦଳ (ବିଜେଡ଼ି)ର ବିଧାୟକ ପାର୍ଥି ପ୍ରଫେସର ବଦ୍ରୀ ନାରାୟଣ ପାତ୍ର ଶନିବାର ଦିନ ଭଣ୍ଡାରୀଡିହା ପଞ୍ଚାୟତ କାଦୁଅଗୋଠ ରେ ର୍ନିବାଚନ ସଭା କରିଛନ୍ତି। ଏଥିରେ ଶତାଧିକ ମହିଳା ଓ କର୍ମୀ ଯୋଗ ଦେଇ ଥିଲେ ।ଭୋଟର ମାନଙ୍କୁ ଦୁଇଟି ଶଙ୍ଖ ରେ ଭୋଟ ଦେବାକୁ ନିବେଦନ କରିଥିଲେ ।ଏଥିରେ ସରପଞ୍ଚ କୃଷ୍ଣଚନ୍ଦ୍ର ରାଉତ ,ସାମୁକନାଣ୍ଡି ସମିତି ସଭ୍ୟ ଅକ୍ଷୟ ଜେନା ,ବ୍ଲକ ଉପାଧକ୍ଷ ପଞ୍ଚାନନ ବେହେରା ,ଅଦୈତ ରାଉତ ,ର୍ନିମଳ ରାଉତ ,ବପୀନ ସାହୁ , ଦେବଦତ୍ତ ନାୟକ ଙ୍କ ସହ ବହୁ ନେତୃ ମଣ୍ଡଳୀ ଯୋଗ ଦେଇ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକ ମାନଙ୍କୁ ଅବଗତ କରାଇଥିଲେ । ସେହିପରି ବେଲସୁନ୍ଦରୀ ଗ୍ରାମରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଫେସର ବଦ୍ରିନାରାୟଣ ପାତ୍ର ଶନିବାର ସନ୍ଧ୍ୟାରେ ଅଳତୀ ପଞ୍ଚାୟତ ଅନ୍ତର୍ଗତ ବେଲସୁନ୍ଦରୀ ଠାରେ ଏକ ର୍ନିବାଚନୀ ସଭାର ଆୟୋଜନ କରାଯାଇଥିଲା। ଗ୍ରାମର ଯୁବ ବିଜେଡି ନେତା ଦିଲ୍ଲୀପ କୁମାର ଓଝାଙ୍କ ନେତୃତ୍ୱରେ ଆୟୋଜିତ ଏହି ର୍ନିବାଚନୀ ସଭାରେ ଶ୍ରୀ ପାତ୍ର ଗତ ୨୫ ବର୍ଷ ମଧ୍ୟରେ ରାଜ୍ୟ ରେ ତଥା ଘସିପୁରା ରେ ହୋଇଥିବା ବହୁବିଧ ଜନହିତକର କାର୍ଯ୍ୟ ର ବିବରଣୀ ଦେବା ସହ ୬ ଷ୍ଠ ଥର ନିମନ୍ତେ ଯୋଡ଼ି ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜେଡି କୁ ବହୁମତ ରେ ର୍ନିବାଚିତ କରାଇବାକୁ ଅନୁରୋଧ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ପ୍ରଭାତ ବରାଳ,ପୂର୍ବତନ ସରପଞ୍ଚ ନିତ୍ୟାନନ୍ଦ ନାଏକ, ପୂର୍ବତନ ସମିତି ସଭ୍ୟ ଗୋଲକ ବିହାରୀ ଜେନା,ସନାତନ ସାହୁ, ପ୍ରଫୁଲ୍ଲ ପରିଡ଼ା, କ୍ଷେତ୍ରବାସୀ ମଲ୍ଲିକ, ବିଶ୍ୱଜିତ କର,ବାବନ ନାଏକ, ଗୟାଧର ନାଏକ, ଶିଶିର ସାହୁ, ଅରୁଣ ସାହୁ,ଲମ୍ୱୋଦର ମଲ୍ଲିକ,ଶିଶିର ସ୍ୱାଇଁ, ବଳରାମ ସ୍ୱାଇଁ,ଦିପୁନା ମଲ୍ଲିକ, ପ୍ରଦିପ ସାହୁ, ଈଶ୍ୱର ସାହୁ,କୁଳମଣି ବାରିକ,ପ୍ରମୋଦ ସାହୁ,ସମ୍ଭୁନାଥ ସାହୁ,ଲୁଲା ଦାସଙ୍କ ସହ ସମସ୍ତ ବିଜେଡି କର୍ମୀ ଓସାଧାରଣ ଲୋକ ଉପସ୍ଥିତ ରହିଥିଲେ।

# କନିସି ପଞ୍ଚାୟତରେ ବିଜେଡି ପ୍ରାର୍ଥୀ ବିକ୍ରମଙ୍କ ଦମଦାର ପ୍ରଚାର



ରଙ୍ଗେଇଲୁଣ୍ଡା, (ସବ୍ୟୁ) : ଗୋପାଳପୁର ର୍ନିବାଚନ ମଣ୍ଡଳୀ ରେ ରାଜନୈତିକ ଉଷ୍ମତା ଦିନକୁ ଦିନ ବଢ଼ିବାରେ ଲାଗିଛ। ଏହି ପରିପ୍ରେକ୍ଷୀରେ ଶନିବାର ସକାଳେ ବିଜେଡି ଗୋପାଳପୁର ବିଧାୟକ ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡା କନିସି ପଞ୍ଚାୟତ ରେ ପ୍ରଚାର କରିଥିଲେ।ସେ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ସହ ଷଷ୍ଠ ଥର ପାଇଁ ନବୀନ ପଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଆସନ ରେ ବସେଇବା ପାଇଁ ଲୋକଙ୍କୁ ନିବେଦନ କରିଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହ କୁ ଖାତିର ନ କରି ସହ ସହ ଯୁବ, ମହିଳା ମାନେ ପ୍ରଚାର ରେ ସାମିଲ ହୋଇଥିଲେ।ଉକ୍ତ ପ୍ରଚାର କାର୍ଯ୍ୟକ୍ରମ ରେ ଗଞ୍ଜାମ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଦିଲେଶ୍ୱର ରେଡି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରାଜେଶ୍ୱରୀ ଦୋରା, ବ୍ଲକ ଅଧକ୍ଷା ଚିନି. ଉଷାରାଣି, ଉପାଧ୍ୟକ୍ଷା ଅନିତା ମହାଙ୍କୁଡ, ଯୁବ ନେତା ସୁଭାଶିଷ ସାହୁ, ବରିଷ୍ଠ ନେତା ପ୍ରକାଶ ସାମନ୍ତ,୫୪ ନମ୍ବର ଜିଲ୍ଲା ପରିଷଦ ଦୀପକ ସାମନ୍ତ, ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ରାମହରି ପାତ୍ର, ବରିଷ୍ଠ ନେତା ହରିହର ପାତ୍ର, ଯୁବ ନେତା ଦଣ୍ଡପାଣି ଚୌଧୁରୀ, ଯୁବ ସମାଜସେବୀ ସୁବାଷ ଦାସ ଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ପୌରାଞ୍ଚଳରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ବାଲେଶ୍ୱର, (ସବ୍ୟୁ) : ବାଲେଶ୍ୱର ପୌରପରିଷଦ ଅନ୍ତର୍ଗତ ୧୫ନଂ,୧୬ନଂ,୨୧ନଂ,୨୦ନଂ,୫ନଂ ଓ ୨୨ନଂ ୱାର୍ଡରେ ଅନୁଷ୍ଠିତ ହୋଇଥିଲା ଘରେ ଘରେ ଶଂଖ କାର୍ଯ୍ୟକ୍ରମ।ଏହି ଅବସରରେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଘରକୁ ଘର ବୁଲି ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ବିଷୟରେ ସଚେତନତା କରାଇବା ସହ ଆସନ୍ତା ଜୁନ ୧ ତାରିଖରେ ଉଭୟ ସାଂସଦ ଏବଂ ବିଧାୟକ ପାର୍ଥୀଙ୍କୁ ଶଂଖ ଚିହ୍ନରେ ଆଶିର୍ବାଦ ଭିକ୍ଷା କରିଥିଲେ। ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ, ପୂର୍ବତନ ଉପାଧ୍ୟକ୍ଷ ମନୋଜ ରାଉତ, ଆମ ଓଡିଶା ନବୀନ ଓଡିଶା ଜିଲ୍ଲା ସଂଯୋଜକ ରଂଜନ ବାଗ, କାଉନସିଲର ସଂଧ୍ୟାରାଣୀ ଜେନା, ସବିତାରାଣୀ ଦାସ, ମୀତା ପଟ୍ଟନାୟକ, କବିତା ମୁର୍ମୁ, ମୀନା ମହାନ୍ତି, ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧିରେନ ନାୟକ, ନାରୀ ନେତ୍ରୀ ରାଜଲକ୍ଷ୍ମୀ ଚାଟାର୍ଜୀ, ପୂର୍ବତନ କାଉସିଲର କୈଳାସ ବିହାରୀ ଦାଶ, ବିଜେଡି ନେତା ଦେବାଶିଷ ଦାଶ, ଅତୁଲ ଶତପଥୀ ପ୍ରମୁଖ ସାମିଲ ହୋଇ ବିଜୁ ଜନତା ଦଳ ପାଇଁ ପ୍ରଚାର କରିଥିଲେ।

# କେ.ଅନିଲ କୁମାରଙ୍କ ନିର୍ବାଚନୀ ପ୍ରଚାର



ବ୍ରହ୍ମପୁର, (ସବ୍ୟୁ) : ଶନିବାର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାବକୁ ଖାତିର ନ କରି ବ୍ରହ୍ମପୁର ବିଧାନସଭା ବିଜେପି ପ୍ରାର୍ଥୀ ଶ୍ରୀ କେ.ଅନିଲ କୁମାର ନିଜର ଶହ ଶହ ସମର୍ଥକଙ୍କୁ ଧରି ବ୍ରହ୍ମପୁର ଗେଟ୍ ବଜାର, ସୋମନାଥ ନଗର, ତୁଳସୀ ନଗର, ରମ୍ଭା ସାହି, ନିଳାଦ୍ରୀ ବିହାର, ହିଲ୍ ପାଟଣା, ଶାସ୍ତ୍ରୀ ନଗର ପ୍ରଭୃତି ଅଞ୍ଚଳରେ ବ୍ୟାପକ ପ୍ରଚାର କରିଛନ୍ତି। ପ୍ରଚାର ସମୟରେ ଲୋକମାନଙ୍କୁ ବିଜେପିକୁ ଭୋଟ ଦେବାକୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ ମୁଁ ଜଣେ ଯୁବକ ମୋତେ ଭୋଟ ଦିଅନ୍ତୁ , ମୁଁ ବ୍ରହ୍ମପୁର ବାସୀଙ୍କ ସ୍ୱପ୍ନକୁ ସାକାର କରିବି। ସହରର ବିକାଶକୁ ଆଗେଇନେବିଛ ଏହା ସହିତ ରିଙ୍ଗ ରୋଡ, ଟ୍ରାଫିକ ଅବ୍ୟବସ୍ଥା ଓ ସ୍କୁଲ କଲେଜ ମାନଙ୍କରେ ଶିକ୍ଷକ ଅଭାବ, ବଡ଼ ମେଡ଼ିକାଲ ରେ ଡାକ୍ତର ଅଭାବ ପାଇଁ ବିଜେଡ଼ି ସରକାର ଦାୟୀ ବୋଲି କେ. ଅନିଲ କୁମାର କହିଛନ୍ତି। ଏହି କାର୍ଯ୍ୟକ୍ରମରେ କାମନା ପାଢ଼ୀ, ସଞ୍ଜୟ ମିଶ୍ର, ମୁନା ତ୍ରିପାଠୀ, ରଘୁନାଥ ପାଣିଗ୍ରାହୀ,ପତିତ ଗନ୍ତାୟତ, ଜଗଦୀଶ ରାଓ, ଅଶୋକ ଶୁକ୍ଳ, ବଦ୍ରୀ ନାୟକ, ଅହିଂସା ସାହୁ,ଧନୁ ପାଣଗ୍ରାହୀ, ତୁତୁନ ପାତ୍ର, ବିଷ୍ଣୁ ସୁବୁଦ୍ଧି, ସାଇ କୁମାର, ଶରତ ପଟ୍ଟନାୟକ, ପ୍ରଭାତ ଷଡ଼ଙ୍ଗୀ, ମଧୁ ସାହୁ ପ୍ରଭୃତି ଯୋଗଦେଇଥିଲେ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବେତନଟୀ, (ସବ୍ୟୁ) : ବୁଧବାର ଦିନ ବେତନଟୀ ବ୍ଲକ୍ ଅନ୍ତର୍ଗତ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶାରୀରିକ ଶିକ୍ଷକ ସତ୍ୟନାଥ ମହାନ୍ତଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ତରଫରୁ ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କାର୍ଯ୍ୟାଳୟର ପ୍ରତ୍ୟକ୍ଷ ତ୍ୱାବାଧାନରେ ମୁଖ, ସ୍ତନ ଓ ଗର୍ଭାଶୟ କର୍କଟ ରୋଗର ପ୍ରାରମ୍ଭିକ ଚିହ୍ନଟ କାର୍ଯ୍ୟକ୍ରମ ସହିତ ସମସ୍ତ ପ୍ରକାର ରୋଗୀମାନଙ୍କ ନିମନ୍ତେ ମାଗଣାରେ ଡାକ୍ତରୀ ପରୀକ୍ଷା ସହିତ ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଚିକିତ୍ସା କରାଯାଇ ମାଗଣାରେ ଔଷଧ ବଣ୍ଟନର ବ୍ୟବସ୍ଥା କରାଯାଇଥିଲା । ଉକ୍ତ ସ୍ୱାସ୍ଥ୍ୟ ଶିବିରକୁ ସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ପଲ୍ଲବୀ ପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ପୂର୍ଣ୍ଣଚନ୍ଦ୍ର ମିଶ୍ର ଉଦଘାଟିତ କରିଥିଲେ। ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରତାପ ଚନ୍ଦ୍ର ମିଶ୍ର ମହୋଦୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥୀ ମଲ୍ଲିକ, ସମ୍ମାନିତ ଅତିଥି ଭାବରେ ସତ୍ୟନାରାୟଣ ଦାସ, ଓଡିଶା ମାଧ୍ୟମିକ ଶିକ୍ଷକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କିଶୋର କୁମାର ଆଚାର୍ଯ୍ୟ, ବେତନଟୀ ବ୍ଲକ ସଂପାଦକ ସୂର୍ଯ୍ୟାନନ୍ଦ ନାୟକ ଉପସ୍ଥିତ ରହିବା ସହିତ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ବଂଶୀଧର ଗିରି, ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅତୁଲ କୁମାର ମିଶ୍ର, ପ୍ରାକ୍ତନ ବରିଷ୍ଠ ଶିକ୍ଷକ ରାଜକିଶୋର ଦାସ, ପ୍ରାକ୍ତନ ବରିଷ୍ଠ ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର, ପୁରାତନ ଛାତ୍ର ସଂସଦର ସଭାପତି ହେମନ୍ତ କୁମାର ସାମଲ ମଞ୍ଚାସୀନ ଥିଲେ। ପୁରାତନ ଛାତ୍ର ସଂସଦର ସଂପାଦକ ରବୀନ୍ଦ୍ର ମହାନ୍ତଙ୍କ ମଞ୍ଚ ପରିଚାଳନାରେ ବିଦାୟୀ ଶିକ୍ଷକ ସତ୍ୟନାଥ ମହାନ୍ତଙ୍କ ଦୀର୍ଘ ୩୬ ବର୍ଷ କାର୍ଯ୍ୟ ଅବଧିର ଉଲ୍ଲେଖନୀୟ ଅବଦାନ,ତାଙ୍କର ନିଷ୍ଠା, ତ୍ୟାଗ, କର୍ତ୍ତବ୍ୟ ନିମନ୍ତେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏକ ବର୍ଣ୍ଣାଢ୍ୟ ପରିବେଶରେ ତାଙ୍କୁ ବିଦ୍ୟାଳୟର ଅଧ୍ୟୟନ ରତ ଛାତ୍ରଛାତ୍ରୀ, ପୁରାତନ ଛାତ୍ର ସଂସଦ ଓ ଓଡିଶା ମାଧ୍ୟମିକ ଶିକ୍ଷକ ସଂଘ, ବେତନଟୀ ଶାଖା ତରଫରୁ ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲ। ଅବସକାଳୀନ ପେନସନ ବ୍ୟବସ୍ଥା ସରକାରଙ୍କ ତରଫରୁ ନ ଥିବାରୁ ବିଦ୍ୟାଳୟ ତରଫରୁ ଏକ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଉକ୍ତ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ ଉତ୍ସବରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନିରଞ୍ଜନ ବାରିକ ଧନ୍ୟବାଦ୍ ଅର୍ପଣ ଜ୍ଞାପନ କରିଥିଲେ । ଶିକ୍ଷକ ହରେକୃଷ୍ଣ ମହାନ୍ତ, ଉପେନ୍ଦ୍ର ମହାନ୍ତ ଓ ଶୁଭାଶିଷ ପଣ୍ଡାଙ୍କ ସହ ଯୋଗାଯୋଗ ଓ ସହଯୋଗରେ ସମସ୍ତ କାର୍ଯ୍ୟ ସଂପାଦିତ ହୋଇଥିଲା ।

# ଜଳିଗଲା ୩ ବଖରା

ସିମୁଳିଆ, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ବାଟି ପଞ୍ଚାୟତର ରୁଡୁଙ୍ଗା ଗ୍ରାମର ଶରତ ବେହେରାଙ୍କ ଘରେ ଶନିବାର ମଧ୍ୟାହ୍ନରେ ଗ୍ୟାସ ଚୁଲାରେ ରୋଷେଇ କରିବା ସମୟରେ ହଠାତ୍ ଅଗ୍ନିକାଣ୍ଡ ଘଟି ୩ ବଖର। ଘରପୋଡି ପାଉଁଶ ହୋଇଯାଇଛି । ଏଥିସହିତ ଘରର ସମସ୍ତ ଆସବାବପତ୍ର ପୋଡ଼ି ଯିବା ସହ ୧୯୦୦୦ ଟଙ୍କା ଜଳିଯାଇଛି ।

# କଂଗ୍ରେସ ସାଂସଦ, ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

ପାଟଣା, (ସବ୍ୟୁ) : କେନ୍ଦୁଝର ଜିଲ୍ଲା କଂଗ୍ରେସ ଭବନରୁ ଆଦିବାସୀ ନୃତ୍ୟ ସାଙ୍ଗକୁ କଂଗ୍ରେସ ବରିଷ୍ଠ ନେତା ସହ ହଜାର ହଜାର କର୍ମୀଙ୍କ ସହ ଏକ ଶୋଭାଯାତ୍ରାରେ ବାହାରି କେନ୍ଦୁଝର ସାଂସଦ ପ୍ରାର୍ଥୀ ବିନୋଦ ବିହାରୀ ନାଏକ ଓ ପାଟଣା ବିଧାୟକ ପ୍ରାର୍ଥୀ ହୃଷିକେଶ ନାଏକ ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସାଂସଦ ପ୍ରାର୍ଥୀ ବିନୋଦ ବିହାରୀ ନାଏକ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ ନିକଟରେ ମଧ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି । ପାଟଣା ବିଧାୟକ ପ୍ରାର୍ଥୀ ହୃଷିକେଶ ନାଏକ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା ଙ୍କ ନିକଟରେ ନିଜର ନାମାନଙ୍କ ପତ୍ର ଦାଖଲ କରିଛନ୍ତି ।

# ପିଣ୍ଟୁଙ୍କୁ ସମର୍ଥନ କରି ମୁଣ୍ଡରେ ମାଠିଆ ଧରି ପ୍ରଚାର କଲେ ଶତାଧିକ ମହିଳା



ବ୍ରହ୍ମପୁର, (ସବ୍ୟୁ) : ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶିବଶଙ୍କର ଦାସ (ପିଣ୍ଟୁ)ଙ୍କ ର୍ନିବାଚନୀ ପ୍ରଚାର ଜୋର୍ ଧରିବାରେ ଲାଗିଛି । ଚଳିତ ର୍ନିବାଚନରେ ପିଣ୍ଟୁଙ୍କ ଧର୍ମପତ୍ନୀ ଶ୍ରୀମତୀ ଆଶା ଦାସ ମଧ ସାମିଲ ହୋଇ ସ୍ୱାମୀଙ୍କ ପାଇଁ ଭୋଟ ଭିକ୍ଷା କରୁଛନ୍ତି। ଶନିବାର ଦିନ ସହରର ପ୍ରମୁଖ ଛକ ଗୁଡିକରେ ନିଜର ମାଠିଆ ଚିହ୍ନର ପ୍ରଚାର କରିଥିବାବେଳେ ହାଉସିଂ ବୋର୍ଡ, ପ୍ରେମ ନଗର ଆଦି ଅଞ୍ଚଳରେ ନିଜର ମହିଳା ସମର୍ଥକଙ୍କ ସହ ମିଶି ମାଠିଆ ଧରି ପ୍ରଚାର କରିଥିଲେ । ଶତାଧିକ ମହିଳା ମୁଣ୍ଡରେ ମାଠିଆ ଧରି ପିଣ୍ଟୁ ଙ୍କ ସହ ଗଳି ଗଳି ବୁଲି ଶୋଭାଯାତ୍ରା ରେ ବାହାରିଥିଲେ ଛ ପ୍ରେମ ନଗର ମୁଖ୍ୟ ରାସ୍ତା ଯାହାକି ବ୍ରହ୍ମପୁର ସହର ପ୍ରବେଶ ପଥ ହୋଇଥିବା ବେଳେ ଦୈନିକ ଶହ ଶହ ଭାରିଯାନ ଓ ସ୍ଥାନୀୟ ଲୋକେ ଯାତାୟାତ କରିଥାନ୍ତି । ଦୀର୍ଘ ବର୍ଷ ଧରି ରାସ୍ତା ଟି ମରାମତି ହେଉନଥିବା ସହ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ହେଉଥିବା ଅଭିଯୋଗ କରିଥିଲେ ସ୍ଥାନୀୟ ବାସିନ୍ଦା । ନିଗମ କର୍ତୃପକ୍ଷ, ସ୍ଥାନୀୟ ଜନ ପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ହେଉଛି । ଯେଉଁ କାର୍ଯ୍ୟ ଦୁଇ ରୁ ତିନି ମାସ ମଧ୍ୟରେ ସମାଧାନ ହୋଇଯିବା କଥା ତାହା ଦୀର୍ଘ ବର୍ଷ ଧରି ହେଉନଥିବା। ଏକ ଦୁର୍ଭାଗ୍ୟଜନକ ବିଷୟ ବୋଲି ନିନ୍ଦା କରିଥିଲେ ଶିବ ଶଙ୍କର ଦାସ । ର୍ନିବାଚନ ରେ ସେ ବିଜୟ ହେଲେ ଯେକୌଣସି କାର୍ଯ୍ୟ ଏକ ମାସ ମଧ୍ୟରେ ସମାଧାନ କରିବେ ବୋଲି ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଲୋକଙ୍କ ପୂର୍ବ ଭଳି ଭଲପାଇବା ଆଉ ସମର୍ଥନ ରହିଥିବା ଦେଖି ସେ ଚଳିତ ର୍ନିବାଚନରେ ନିଶ୍ଚୟ ବିଜୟ ହାସଲ କରିବେ ବୋଲି ଆଶା ପ୍ରକଟ କରିଛନ୍ତି ପିଣ୍ଟୁ ।

# ଏମ୍‌କେସିଜିରେ ରୋଗୀଙ୍କୁ ଏକ୍ସପାଏରି ଔଷଧ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସପିଟାଲରେ ରୋଗୀଙ୍କୁ ଏକ୍ସପାଏରି ଔଷଧ ଦିଆଯାଇଛି । ଏଠାକାର ନିରାୟମ କେନ୍ଦ୍ର ୬ ନଂ କାଉଣ୍ଟରରେ ଆଜି ପୁରୁଷୋତ୍ତମପୁର ଅଞ୍ଚଳର ଜଣେ ୪ ବର୍ଷର ଶିଶୁକୁ ଏକ୍ସପାଏରି ଔଷଧ ଦିଆଯାଇଛି । ଏହି ଶିଶୁକ ଦିଆଯାଇଥିବା ଔଷଧ ବୋତଲଟି ୨୦୨୧ ଡିସେମ୍ବର ମାସରେ ତିଆରି ହୋଇଥିବା ବେଳେ ୨୦୨୩ ନଭେମ୍ବର ମାସରେ ଏହାର ଏକ୍ସପାଏରି ସରିଯାଇଛି । ସୂଚନାପ୍ରକାରେ, ପୁରୁଷୋତ୍ତମପୁର ବ୍ଲକ ବ୍ରାହ୍ମଣଶାସନ ଗ୍ରାମର ହରିକୃଷ୍ଣ ଶତପଥି ଆଜି ନିଜ ୪ ବର୍ଷର ଶିଶୁଙ୍କୁ ନେଇ ଏମକେସିଜି ମେଡିକାଲକୁ ଆସିଥିଲେ । ଶିଶୁର କାଶ ହେଉଥିବାରୁ ସେ ଶିଶୁ ବିଭାଗକୁ ଯାଇ ଡାକ୍ତରଙ୍କୁ ଦେଖାଇଥିଲେ । ଡାକ୍ତରଙ୍କ ଲେଖିବା ପ୍ରକାରେ ଔଷଧ ଆଣିବା ପାଇଁ ସେ ୬ ନଂ ନିରାମୟ କେନ୍ଦ୍ରକୁ ଯାଇଥିଲେ । ସେଠାରୁ ଔଷଧ ନେଇ ଘରକୁ ଯାଇଥିଲେ । ଅପରାହ୍ନରେ ଶିଶୁକୁ ଔଷଧ ଖୁଆଇବା ବେଳେ ଡୋମ୍ପେରିଡୋନ ସିରାପ ନାମକ ଏକ ଔଷଧ ବୋତଲର ଏକ୍ସପାଏରି ତାରିଖ ସରିଯାଇଥିବା ହରିକୃଷ୍ଣ ଦେଖିଥିଲେ । ଏହାପରେ ସେ ଉକ୍ତ ଔଷଧ ବୋତଲକୁ ଧରି ସନ୍ଧ୍ୟାରେଁ ଏମକେସିଜିରେ ପହଞ୍ଚିଥିଲେ । ନିରାମୟ କେନ୍ଦ୍ରକୁ ଯାଇ ଦେଖିବା ବେଳେ ୬ ନଂ କାଉଣ୍ଟର ବନ୍ଦ ହୋଇସାରିଥିଲା । ଖୋଲା ରହିଥିବା ୧ ନଂ କାଉଣ୍ଟରକୁ ଯାଇ ପଚାରିବା ପରେ ସେଠାରୁ ସଠିକ ଉତ୍ତର ମିଳିନଥିଲା । ଏହି ଔଷଧ ଏକ୍ସପାଏରି ହେବାର ୬ମାସ ପରେ ମଧ ରୋଗୀଙ୍କୁ କିଭଳି ଦିଆଗଲା, ଏହା ପଛରେ କାହାର ଭୂଲ ରହିଛି ତାହାର ତଦନ୍ତ ହେବା ଆବଶ୍ୟକ ବୋଲି କୁହାଯାଇଛି । ଘଟଣା ସମ୍ପର୍କରେ ଏମକେସିଜିର ଷ୍ଟୋର ମେଡିକାଲ ଅଫିସର ଡା. ଚିନ୍ମୟ ଦେବାଶିଷ ପଣ୍ଡାଙ୍କୁ ପଚରାଯିବାରେ ସେ କହିଛନ୍ତି ଏହି ଘଟଣାର ତଦନ୍ତ ପରେ କେଉଁ ପରିସ୍ଥିତିରେ ଘଟଣା ଘଟିଲା ତାହା ଜଣାପଡିବ ।

# ବିଜେପିର ସଂକଳ୍ପପତ୍ର, ସବୁ ବର୍ଗର ଲୋକେ ପାଇବେ ସୁବିଧା



ବ୍ରହ୍ମପୁର, (ସବ୍ୟୁ) : ଠିକ୍ ଦଶକ ପୂର୍ବରୁ ଜନସାଧାରଣଙ୍କ ଆଶୀର୍ବାଦ ପାଇ ଦେଶ ସେବା କରିବାର ଅବସର ପାଇଛି ଭାରତୀୟ ଜନତା ପାର୍ଟି । ଗତ ଦଶ ବର୍ଷରେ ଜନସାଧାରଣଙ୍କ ଆଶୀର୍ବାଦରୁ ଶକ୍ତି ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମୟର ପ୍ରତିଟି ମୁହୂର୍ତ୍ତକୁ ଜନ କଲ୍ୟାଣ ପାଇଁ ସମର୍ପିତ କରିବାକୁ ପ୍ରୟାସ କରିଛନ୍ତି। ସବ୍ କା ସାଥ ସବ୍ କା ବିକାଶ ସବ୍ କା ବିଶ୍ୱାସ ଏବଂ ସବ୍ କା ପ୍ରୟାସ ସହ ରାଷ୍ଟ୍ର ନିର୍ମାଣ ଗୁରୁମନ୍ତ୍ର ନେଇ ପ୍ରତିବଦ୍ଧ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଅନ୍ତୋଦୟ ବିଚାରଧାରା ଭାରତୀୟ ଜନତା ପାର୍ଟିର ସର୍ବଦା ମାର୍ଗ ଦର୍ଶନ କରି ଆସିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ନିଆଯାଉଥିବା ଅନେକ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକରେ ମଧ୍ୟ ଅନ୍ତୋଦୟର ଝଲକ ମିଳୁଛି । ବିକଶିତ ଭାରତ ଯାତ୍ରା ଏବଂ ଅନ୍ୟାନ୍ୟ ମାଧ୍ୟମ ଜରିଆରେ ଦେଶର ସମସ୍ତ ଅଞ୍ଚଳ, ସମସ୍ତ ବର୍ଗ ଏବଂ ସମସ୍ତ ସମ୍ପ୍ରଦାୟ ସହିତ ଏକ ବିସ୍ତୃତ ଆଲୋଚନା କରି ଭାରତୀୟ ଜନତା ପାର୍ଟି ତରଫରୁ ସଂକଳ୍ପ ପତ୍ର ପ୍ରସ୍ତୁତ କରାଯାଇଥିଲା। ଏହି ସଂକଳ୍ପ ପତ୍ର ମାଧ୍ୟମରେ ଭାରତୀୟ ଜନତା ପାର୍ଟି ଜଣାଇବାକୁ ଚାହୁଁଛି ଯେ ଜନସାଧାରଣଙ୍କ ଆଶା ଏବଂ ଆକାଂକ୍ଷା ପୂରଣ କରିବା ହେଉଛି ମୋଦିଙ୍କ ଗ୍ୟାରେଣ୍ଟି ।ଗତ ଦଶ ବର୍ଷର ସୁଶାସନ ଏବଂ ବିକାଶର ଏକ ନିଆରା ମଡେଲ ଗରିବ ପରିବାରଙ୍କ ସେବା ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ମାଧ୍ୟମରେ ୨୦୨୦ ରୁ ଅଶୀ କୋଟି ନାଗରିକଙ୍କୁ ମାଗଣା ରାସନ, ୫୦ କୋଟି ନାଗରିକଙ୍କୁ ପିଏମ୍ ଜନଧନ ଯୋଜନା, ଆୟୁଷ୍ମାନ ଭାରତ ଅଧୀନରେ ୩୪ କୋଟି ନାଗରିକଙ୍କୁ ୫ ଲକ୍ଷ୍ୟ ମାଗଣା ସ୍ୱାସ୍ଥ୍ୟ ବୀମା, ୪ କୋଟି ପରିବାରଙ୍କୁ ପିଏମ୍ ଆବାସ ଯୋଜନା ଅଧୀନରେ ପକ୍କା ଘର, ୧୪ କୋଟି ପରିବାରଙ୍କୁ ଜଳ ଜୀବନ୍ ମିସନ୍ ଅଧୀନରେ ବିଶୁଦ୍ଧ ଟ୍ୟାପ ଜଳ, ୧୦ କୋଟିରୁ ଉର୍ଦ୍ଧ ମହିଳାଙ୍କୁ ପିଏମ୍ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ୍ ସଂଯୋଗ, ଟ୍ରିପଲ ତଲାକ୍ ର ବର୍ବୋର ନିୟମରୁ ରକ୍ଷା କରି ମୁସଲମାନ ମହିଳା ମାନଙ୍କୁ ସସକ୍ତ, ସ୍ୱଚ୍ଛ ଭାରତ ଅଧୀନରେ ନିର୍ମିତ ଶୌଚାଳୟ ବ୍ୟବହାର କରି ୧୧ କୋଟିରୁ ଅଧିକ ମହିଳା ସମ୍ମାନ ଜନକ ଜୀବନ୍, ମିଶନ ଇନ୍ଦ୍ରଧନୁଶ ଅଧୀନରେ ୬ କୋଟିରୁ ଅଧିକ ମା ଏବଂ ଶିଶୁଙ୍କୁ ଟୀକା କରଣ, ଦେୟ ଯୁକ୍ତ ମାତୃତ୍ୱ ଛୁଟି ୧୨ ରୁ ୨୬ ସପ୍ତାହକୁ ବୃଦ୍ଧି, ୧ ଟଙ୍କା ମୂଲ୍ୟରେ ସାନିଟାରୀ ପେଡ୍ ଯୋଗାଇ ମହିଳାଙ୍କ ସ୍ୱାସ୍ଥ୍ୟ ସେବାରେ ଉନ୍ନତି, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ରେ ୩ କୋଟିରୁ ଅଧିକ ମହିଳା ଡ଼ାକ୍ତରଖାନାରେ ପ୍ରସୂତି ସେବା ପାଇବା, ଲୋକସଭା ତଥା ରାଜ୍ୟସଭାରେ ମହିଳା ମାନଙ୍କୁ ସଂରକ୍ଷଣ ଯୋଗାଇବା ପାଇଁ ନାରୀ ଶକ୍ତି ବନ୍ଦନ ନିୟମ କରି ମହିଳା ମାନଙ୍କୁ ସଶକ୍ତ କରିବା ସହ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୂର ଦୃଷ୍ଟି ଆଭିମୁଖ୍ୟ ହେତୁ ୨୫ କୋଟିରୁ ଉର୍ଦ୍ଧ ନାଗରିକ ଦାରିଦ୍ର୍ୟରୁ ମୁକ୍ତି ପାଇଛନ୍ତି ।ଗରିବ ପରିବାର, ମଧ୍ୟବିତ ପରିବାର ବର୍ଗ, ନାରୀ ଶକ୍ତି, ଯୁବକ, ବରିଷ୍ଠ ନାଗରିକ, କିଷାନ ସମ୍ମାନ, ମଛଜୀବି ପରିବାର, ଶ୍ରମିକ ସମ୍ମାନ, କ୍ଷୁଦ୍ର ବ୍ୟବସାୟୀ ଓ ବିଶ୍ୱକର୍ମା ,ସବକଝ ସାଥ ସବ୍ କା ବିକାଶ, ବିଶ୍ ବନ୍ଧୁ ଭାରତ, ସୁରକ୍ଷିତ ଭାରତ, ସମୃଦ୍ଧ ଭାରତ, ଗ୍ଲୋବାଲ ଉତ୍ପାଦନ ହବ, ବିଶ୍ ସ୍ତରୀୟ ଭିତ୍ତିଭୂମି, ସହରରେ ସହଜ ଜୀବନ ଯାପନ, ଐତିହ୍ୟ ଓ ବିକାଶ, ସୁଶାସନ, ସୁସ୍ଥ ଭାରତ, ଗୁଣାତ୍ମକ ଶିକ୍ଷା,କ୍ରୀଡା ବିକାଶ, ସନ୍ତୁଳିତ ଆଞ୍ଚଳିକ ବିକାଶ, ଟେକ୍ନୋଲୋଜି ଏବଂ ଇନୋଭେସନ୍, ଦୀର୍ଘ ସ୍ଥାୟୀ ଭାରତ ଲକ୍ଷ୍ୟ ନେଇ ମୋଦିଙ୍କ ଗ୍ୟାରେଣ୍ଟି ୨୦୨୪ ସଂକଳ୍ପ ପତ୍ର ଶନିବାର ଦିନ ବ୍ରହ୍ମପୁର ଜୋନ ମିଡ଼ିଆ ସେଂଟର ଠାରେ ଲୋକାର୍ପଣ ହୋଇଛି । ୨୦୧୪ ପର ଠାରୁ କୌଣସି ସହରରେ ବଡ ଆତଙ୍କବାଦୀ ଆକ୍ରମଣ ହୋଇନାହିଁ । ଧାରା ୩୭୦ ରଦ୍ଦ ହେବା ଦ୍ୱାରା ଜାମ୍ମୁ କାଶ୍ମୀରରେ ହିଂସା ହ୍ରାସ ପାଇଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଇଁ ଭାରତ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି । ପାଞ୍ଚ ଶତାବ୍ଦୀର ସ୍ୱପ୍ନ ଅଯୋଧ୍ୟାରେ ରାମ ମନ୍ଦିର ଆଜି ସତ୍ୟରେ ପରିଣତ ହୋଇଛି ଛ ମୋଦିଙ୍କ ପାଇଁ ଦେଶର ଐତିହ୍ୟ ମଧ ସମ୍ଭବ ହୋଇ ପାରିଛି । ଦୁଃଖ ପରିସ୍ଥିତିରେ ଦେଢ କୋଟି ରୁ ଉର୍ଦ୍ଧ ନାଗରିକଙ୍କୁ ବିଦେଶରୁ ନିରାପତ୍ତା ଏବଂ ନିରାପଦ ପ୍ରତ୍ୟାବର୍ତ୍ତନ କରିପାରିଛି । ୧୫୦ ଦେଶକୁ ୨୯ କୋଟିରୁ ଉର୍ଦ୍ଧ କୋଭିଡ୍ ୧୯ ଟୀକା ଏବଂ ଔଷଧ ପ୍ରଦାନ କରାଯାଇଛି । ଚନ୍ଦ୍ରାୟନ ମାଧ୍ୟମରେ ଚନ୍ଦ୍ରର ଦକ୍ଷିଣ ପାର୍ଶ୍ ରେ ସଫଳତାର ସହ ଅବତରଣ କରିବାରେ ଦୁନିଆର ପ୍ରଥମ ଦେଶ ରୂପେ ବିଶ୍ ଦରବାରରେ ଭାରତ ପରିଚିତ ହୋଇଛି । ନରେନ୍ଦ୍ର ମୋଦୀଙ୍କ ପାଇଁ ଦେଶରେ ଶକ୍ତିଶାଳୀ ଅର୍ଥନୈତିକ ଅଭିବୃଦ୍ଧି ଏବଂ ଭିତ୍ତିଭୂମିର ବିକାଶ ସହ ଦେଶରେ ଦୁର୍ବଳ ପଡିଥିବା ଅର୍ଥନୀତି ଆଜି ବିଶ୍ୱରେ ଶ୍ରେଷ୍ଠ ପଞ୍ଚମ ସ୍ଥାନରେ ପହଞ୍ଚିଛି ।ଓଡ଼ିଶାରେ ୨୫ ବର୍ଷ ହେଲା ବିଜୁ ଜନତା ଦଳ ସରକାର ନିରବିଚ୍ଛିନ୍ନ ଭାବରେ କ୍ଷମତାରେ ଅଛି ।ଏହି ପଚିଶି ବର୍ଷରେ ଓଡ଼ିଶା ପାଇଛି କଣ ? ।ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା ଗଞ୍ଜାମରେ ୨୫ ବର୍ଷ ମଧ୍ୟରେ ଶିଳ୍ପ ଟିଏ ମଧ ପ୍ରତିଷ୍ଠା ହୋଇ ନଥିବାରୁ ଯୁବକ ମାନେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇ ନିର୍ଯାତନାର ଶିକାର ହେଉଛନ୍ତି । ଓଡ଼ିଶାରେ କୃଷକର ଆୟ ଦେଶରେ ସବୁ ଠାରୁ କମ ଜଳସେଚନର ସୁବିଧା ନାହିଁ । ରାଜ୍ୟରେ ଅଧାରୁ ଅଧିକ ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି । ଡ଼ାକ୍ତରଖାନାରେ ଡ଼ାକ୍ତର ନାହାନ୍ତି । ୨୫ ବର୍ଷର ଏହି ଜନବିରୋଧୀ ରାଜ୍ୟ ସରକାର ବିରୋଧରେ ଲୋକଙ୍କ ଆକ୍ରୋଶ ଏବେ ସୀମା ଲଂଘିଛି । ଓଡ଼ିଶାର ଲୋକେ ପରିବର୍ତ୍ତନ ଚାହୁଁଛନ୍ତି । ଓଡିଶାରେ ପରିବର୍ତ୍ତନ ଆଣିବା ସଂକଳ୍ପ ନେଇ ଓଡିଶାରେ ଘରେ ଘରେ ବିକାଶର ପଦ୍ମ ଫୁଲ ଫୁଟିବ ଓ ବିଜେପିର ସରକାର ସ୍ଥାପନ ହେବ ବୋଲି ବିଜେପି ରାଜ୍ୟ ମୁଖପାତ୍ର ଇଂ ଜ୍ଞାନଦେବ ବେଉରା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।ବ୍ରହ୍ମପୁର ଜୋନ ମିଡିଆ ସଂଯୋଜକ ସୁନୀଲ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା ସଭାପତି ଡ଼ା. ସୁବାସ ସାହୁ, ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ କେ. ଅନିଲ କୁମାର, ବ୍ରହ୍ମପୁର ଲୋକସଭା ସଂଯୋଜକ ସରୋଜ ସାବତ, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ବବିତା ପାତ୍ର, ପୂର୍ବତନ ଗଞ୍ଜାମ ଜିଲ୍ଲା ସଭାପତି ଶିଶିର ପାଢୀ, ବିଜେପି ନେତା ପୀତବାସ ପଣ୍ଡା, ଗଞ୍ଜାମ ଜିଲ୍ଲା ଉପସଭାପତି ରାମ କୁମାର ପାତ୍ର, ପୂର୍ବତନ କର୍ପୋରେଟର ଟି.ଗୋପି, ଜଗଦୀଶ ରାଓ ମଞ୍ଚାସୀନ ଥିବା ବେଳେ ଏହି ସାମ୍ବାଦିକ ସମ୍ମିଳନୀକୁ ବ୍ରହ୍ମପୁର ବିଧାନସଭା ମିଡ଼ିଆ ସଂଯୋଜକ ଜି.ରାଜେନ୍ଦ୍ର ପ୍ରସାଦ ଓ ସ୍ମିତାଲି ସ୍ମୃତି ସ୍ନିଗ୍ଧା ସହଯୋଗ କରିଥିଲେ। ଶେଷରେ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଖଣ୍ଡ ନାମଯଜ୍ଞ ଉଦ୍‌ଯାପିତ



ବୁଗୁଡା, (ସବ୍ୟୁ) : ବୁଗୁଡା ବ୍ଲକ ଅନ୍ତର୍ଗତ ଗୋଲିଆ ଗ୍ରାମରେ ବିଶ୍ୱ କଲ୍ୟାଣାର୍ଥେ ଆୟୋଜିତ ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ ଉଦଯାପିତ ହୋଇଯାଇଛି । ଶ୍ରୀ ଚୈତନ୍ୟ ଠାକୁର ନାମ ମଣ୍ଡପରେ ଆୟୋଜିତ ଉକ୍ତ ନାମଯଜ୍ଞରେ ଗୋଲିଆ ଗ୍ରାମର ଖଣ୍ଡିଆ ସାହି , ବଡ ସାହି ଓ ତେଲୁଗୁ ସାହିର ନାମ ସଂକୀର୍ତ୍ତନ ଦଳ ସମେତ କୁଶପଲ୍ଲୀ ଓ ଭାମଶ୍ୟାଳି ଗ୍ରାମର ନାମ ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଥିଲେ । ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ନାମଯଜ୍ଞ ସହିତ ଘୃତଯଜ୍ଞ ଓ ଅନ୍ନଯଜ୍ଞ ମଧ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପୁରୋହିତ ଭାବେ ନିଳକଣ୍ଠ ଚୌଧୁରୀ ଯୋଗ ଦେଇଥିବା ବେଳେ କର୍ତ୍ତା ଦାୟିତ୍ୱ ଖଲି ସ୍ୱାଇଁ ନିର୍ବାହ କରିଥିଲେ ।ଏହି ନାମଯଜ୍ଞ ଓ ଅନ୍ନଯଜ୍ଞରେ ଆଖ ପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ଘଟିଥିଲା ବେଳେ ଶାନ୍ତି ଶୃଙ୍ଖଳାର ତାହା ସମ୍ପନ୍ନ ହୋଇଥିଲା ମେ ପହିଲାରୁ ଅଧିବାସ କାର୍ଯ୍ୟକ୍ରମ ସହ ଆରମ୍ଭ ହୋଇଥିବା ଏହି ନାମଯଜ୍ଞର ସମାପନ ଉତ୍ସବ ଅବସରରେ ନଗରକୀର୍ତ୍ତନ, ଦଧିଭାଣ୍ଡ ଭଞ୍ଜନ, ଯମୁନା ସ୍ନାନ ଆଦି କାର୍ଯ୍ୟକ୍ରମ ରହିଥିବା ଜଣାଯାଇଛି ।

## କାର ସହ ୬କ୍ୱିଣ୍ଟାଲ ଗଞ୍ଜେଇ ଜବତ, ୩ ଗିରଫ



ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲା ସଦର ଥାନା ପୋଲିସ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି । ଏଥିସହ ବେଆଇନ ଭାବେ ଗଞ୍ଜେଇ ଚୋରା ଚାଲାଣରେ ବ୍ୟବହୃତ କାର ଓ ୩ଟି ମୋବାଇଲ ମଧ୍ୟ ପୋଲିସ ଜବତ କରିଛି । ଏନେଇ ୧୦୭/୨୪ରେ ଏକ ମାମଲା ରୁଜୁ କରି ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲଣ କରାଯାଇଛି । ସଦର ଥାନା ଅନ୍ତର୍ଗତ କୁଟୁରାଯୋରୀ ଗ୍ରାମରେ ଗଞ୍ଜେଇ ଚୋରାଚାଲାଣ ଆଉ ଗଚ୍ଛିତ ଥିବା ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଚଢଉ କରିଥିଲା ।

ଚଢଉ ବେଳେ ୬୦୩କିଗ୍ରା ୩୦ଗ୍ରାମ ଗଞ୍ଜେଇ ଜବତ ହୋଇଛି । ଏହି ଅଭିଯୋଗରେ ସମ୍ବଲପୁର କବରାପାଲିର ଲଳିତ ଭୋଇ (୫୪), କୁଞ୍ଜେଲପଡ଼ାର ସତିଶ କୁମାର ପ୍ରଧାନ(୩୮) ଓ ସୁନାପାଲିର ମହମ୍ମଦ ଇସାର(୪୯)ଙ୍କୁ ଗିରଫ କରିଛି। ଏମାନେ ବୌଦ୍ଧ ଅଞ୍ଚଳରୁ କାର ଯୋଗେ ଗଞ୍ଜେଇ ଆଣି ବାହାର ରାଜ୍ୟକୁ ଚୋରାଚାଲାଣ କରୁଥିଲେ । ତେବେ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୩୬ଲକ୍ଷ ଟଙ୍କା ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ହରିଶ ପାଣ୍ଡେ ସୂଚନା ଦେଇଥିଲେ। ଏଥିରେ ସଦର ଏସଡିପିଓ ତୋଫାନ ବାଗ ଓ ସଦର ଥାନା ଅଧିକାରୀ ସୁବ୍ରତ ପାଣିଗ୍ରାହୀ ଉପସ୍ଥିତ ଥିଲେ ।

## ଉଠା ଜଳସେଚନ ପ୍ରକଳ୍ପ ବିରୋଧରେ ସ୍ଥାନୀୟ ଚାଷୀଙ୍କ ଅଭିଯୋଗ

ହରଭଙ୍ଗା, (ସବ୍ୟୁ): ବୌଦ୍ଧ ଜିଲ୍ଲା ଉଠା ଜଳସେଚନ ବିଭାଗର ପ୍ରକଳ୍ପ ପୁନଃରୁଦ୍ଧାର କାର୍ଯ୍ୟରେ ବ୍ୟାପକ ହରିଲୁଟ ହୋଇଥିବା ଖବର ଆସିଛି। ଉଠାଜଳସେଚନ ବିଭାଗ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ବ୍ୟାପକ ହରିଲୁଟ ହୋଇଥିବା ସ୍ଥାନୀୟ କୃଷକମାନେ ଅଭିଯୋଗ ଆଣିଛନ୍ତି।

ପାଇପ ବିଛେଇ ଠିକାଦାର ସମ୍ପୂର୍ଣ ବିଲ ଉଠେଇ ଥିବା ଅଭିଯୋଗ ହୋଇଛି। ବିଶେଷ କରି ହରଭଙ୍ଗା ବ୍ଲକର ହରଭଙ୍ଗା ଉଠାଜଳସେଚନ ପଏଣ୍ଟ -୧, ଓ କୁଡାସିଙ୍ଗ ପଏଣ୍ଟ -୧ରେ ଗତବର୍ଷ ୧୭ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ଏହି ଅନୁଦାନ ରେ ଠିକାଦାର କେନାଲ ଖୋଳି ପାଇପ ପକେଇଥିଲା। କିନ୍ତୁ ପାଣି ପରୀକ୍ଷା ନ କରି ସମ୍ପୂର୍ଣ ବିଲ ଉଠେଇ ନେଇଥିବା ଅଭିଯୋଗ ହୋଇଛି । ଏ ବାବଦରେ ଅଞ୍ଚଳର ଚାଷୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଛି। ଖାଲି ଏତିକି ନୁହେଁ ହରଭଙ୍ଗା ବ୍ଲକର ବିଭିନ୍ନ ଉଠାଜଳସେଚନ ପ୍ରକଳ୍ପ ପାଇଁ ଅନୁଦାନ ଆସିଥିଲା, କିନ୍ତୁ କାମ ସବୁ ଅଧପନ୍ତରିଆ କରି ବିଲ ଉଠାଯାଇଥିବା ଅଭିଯୋଗ ହେଉଛି। ମହାନଦୀରେ ବର୍ତମାନ ପାଣିର ଅଭାବ ଦେଖାଦେଇଥିବା ବେଳେ କେଉଁଭଳି ଭାବେ ଉକ୍ତ



ପ୍ରକଳ୍ପର ପୁନଃଉଧାର କାର୍ଯ୍ୟ କରାଯାଇଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଉଠାଜଳସେଚନ ବିଭାଗ ଯନ୍ତ୍ରୀ ସିଲାଇ ନାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳିପାରିନାହିଁ।

ତେଣୁ ଜିଲ୍ଲା ପ୍ରଶାସନ ଉକ୍ତ ଘଟଣା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ପ୍ରକଳ୍ପ ପୁନଃ ଉଦ୍ଧାର କାର୍ଯ୍ୟରେ ହୋଇଥିବା ବ୍ୟାପକ ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ସାଙ୍ଗକୁ କ୍ରାଇମ ବ୍ରାଞ୍ଚ ଓ ଭିଜିଲାନ୍ସ ତଦନ୍ତ କରିବା ସହିତ ହରଭଙ୍ଗା ବ୍ଲକର ପଏଣ୍ଟ-୧, ଓ ପଏଣ୍ଟ -୨ ର କାମକୁ ଶୀଘ୍ର ଶେଷ କରିବା ପାଇଁ ଅଞ୍ଚଳର ଚାଷୀ ଭିକାରୀ ମାଝୀ, ଶ୍ରୀକାନ୍ତ ଦେହୁରୀ, ରାଜେନ୍ଦ୍ର ପ୍ରଧାନ, ବାଳକୃଷ୍ଣ ଭୋକ୍ତା ପ୍ରମୁଖ ଦାବି କରିଛନ୍ତି।

## ଡୁମାଳ ସମାଜର ମାସିକ ବୈଠକ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଡଙ୍ଗରପଡ଼ା ପଞ୍ଚାୟତ ଜାନୀପଡା ମାଁ ମାହେଶ୍ୱରୀ ମନ୍ଦିର ପରିସରରେ ଦନ୍ଦ୍ରା କେନ୍ଦ୍ର ଷାଠିଏ ଘର ଡୁମାଳ ସମାଜର ମାସିକ ବୈଠକ ସଭାପତି ଭୋପାଳ ଚନ୍ଦ୍ର ମହାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ କେନ୍ଦ୍ରର କେତେକ ସାମାଜିକ ସମସ୍ୟାର ସମାଧାନ କରିବା ସହିତ ମହତ୍ୱପୂର୍ଣ୍ଣ ପଦକ୍ଷେପ ସବୁ ନିଆଯାଇଥିଲା । ସମାଜର ଗରିବ ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ସାହାଯ୍ୟ ପାଇଁ ପରିବାର ପିଛା ଦଶ ଟଙ୍କା ସଂଗ୍ରହ କରିବା, ଘରଦେଖା ଓ ପିଠାଖିଆରେ ଲୋକଙ୍କ ସଂଖ୍ୟାକୁ ସିମିତ ରଖିବା, ଲୋକଙ୍କ ପାରିବାରିକ ତଥା ସାମାଜିକ ସମସ୍ୟାକୁ ସମାଜ ମାଧ୍ୟମରେ ଆପୋଷ ଆଲୋଚନା କରି ସମାଧାନ କରିବା ଇତ୍ୟାଦି ନିଷ୍ପତି ନିଆଯାଇଥିଲା । ଏହା ସହିତ ବ୍ରାହ୍ମଣୀ ଓ ବାହାଡୁକୀ ଦୁଇ ଗାଁର ୨୮ ପରିବାରକୁ ନେଇ ଗୋଟିଏ ପଙ୍ଗତରେ ପରିଣତ କରାଯାଇଥିଲା । ବୈଠକରେ କେନ୍ଦ୍ର ସଂପାଦକ ଫକୀର ମୋହନ ଖମାରୀ, କୋଷାଧ୍ୟକ୍ଷ ଉମାକାନ୍ତ ଖମାରୀ,ବରିଷ୍ଠ ସଦସ୍ୟ ହୃଦାନନ୍ଦ କର୍ମୀ,ଅନନ୍ତ ବଘାର, ଦିଲିପ ବସ୍ତିଆ, ସଂଗଠକ ମାଲିକ ମହାକୁର, ହେମସାଗର ବସ୍ତିଆ, ନକୁଳ ଗଡୁଆ, ବଦ୍ରିନାରାୟଣ କର୍ମୀ, ମିନିକେତନ ମହାକୁର,ସନାତନ ପଧାନ,ଶରତ ଅମାତ, ସତ୍ୟବାନ୍ ପଧାନ, ଦଶରଥ ପଧାନ, ପରମାନନ୍ଦ ବସ୍ତିଆ, ରମେଶ ପଧାନ, ବୈକୁଣ୍ଠ ପଧାନ, କିଶୋର ପଧାନ, ସନାତନ ଅମାତଙ୍କ ସହ କେନ୍ଦ୍ର ଅନ୍ତର୍ଗତ ବିଭିନ୍ନ ଗ୍ରାମର ସମାଜର କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଭୋଟ ବର୍ଜନ ନିଷ୍ପତ୍ତିରେ ଅଟଳ ସିର୍ଲିଗୁଡାବାସୀ

କୋକସରା,(ସବ୍ୟୁ): ନିର୍ବାଚନ ବିଗୁଲ ବାଜି ସାରିଛା ଆଉ ମାତ୍ର ହାତ ଗଣତି ଦିନ ପରେ ଗଣତନ୍ତ୍ରର ମହାପର୍ବ । ମତଦାନ ଅନୁଷ୍ଠିତ ହେବାକୁ ରହିଥିବା ବେଳେ ନୋ ବୁଥ ନୋ ଭୋଟ' ଜିଦରେ ଅଟଳ ରହିଛନ୍ତି ଗ୍ରାମବାସୀ । ଧର୍ମଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ସିର୍ଲିଗୁଡା ଗ୍ରାମବାସୀ ଭୋଟ ବର୍ଜନ ପାଇଁ ଚରମ ନିଷ୍ପତ୍ତି ନେଇଛନ୍ତି। ସୂଚନା ମତେ ସିର୍ଲିଗୁଡା ଏକ ରାଜସ୍ୱ ଗ୍ରାମ ହୋଇଥିବା ବେଳେ ବିଗତ କିଛିବର୍ଷରୁ ସିର୍ଲିଗୁଡା ଗ୍ରାମବାସୀ ନିଜ ଗ୍ରାମରେ ମତଦାନ କେନ୍ଦ୍ର ପାଇଁ ପ୍ରଶାସନ ନିକଟରେ ଦାବି କରି ଆସୁଛନ୍ତି। ପୂର୍ବରୁ ଗ୍ରାମ



ଠାରୁ ୮ କିମି ଦୁରରେ ଥିବା ବଙ୍ଗୋମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ବୁଥ କେନ୍ଦ୍ରକୁ ମତଦାନ ପାଇଁ ସିର୍ଲିଗୁଡା ଭୋଟର ଯାଉଥିଲେ। ସିର୍ଲିଗୁଡା ରାଜସ୍ୱ ଗ୍ରାମର ସିର୍ଲିଗୁଡା ଓ ହାମଲେଟ ଗାଁ ଅଁଳାଗୁଡାରେ ମୋଟ ୭୮୪ ଭୋଟର ରହିଛନ୍ତି। ତେବେ ସିର୍ଲିଗୁଡା ମତଦାତାଙ୍କ ଦାବି ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିକଟସ୍ଥ ଅଁଳାଗୁଡା ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ଆସନ୍ତା ନିର୍ବାଚନରେ ମତଦାନ କେନ୍ଦ୍ର କରାଯାଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ରହିଛି ଓ ସେମାନେ ଗତ ମାସରେ ଏକ ବୈଠକ କରି ଗାଁର ଆରାଧ୍ୟ ଦେବୀ ମା ଲଙ୍କେଶ୍ୱରୀ ଓ ଶିବ ମନ୍ଦିରରେ ଶପଥ କରି ଯେଉଁ ଦିନ ପର୍ଯ୍ୟନ୍ତ ଗାଁରେ ମତଦାନ କେନ୍ଦ୍ର ହେବନାହିଁ କେହି ଜଣେ ମଧ୍ୟ ମତଦାନ କରିବାକୁ ଅନ୍ୟତ୍ର କେନ୍ଦ୍ରକୁ ଯିବେନାହିଁ ବୋଲି ଚରମ ନିଷ୍ପତ୍ତି ନେଇଛନ୍ତି। ଭୋଟ ବର୍ଜନ କରିବା ଖବର ଗଣମାଧ୍ୟମରେ ପ୍ରକାଶିତ ପରେ କିଛିଦିନ ତଳେ ଧର୍ମଗଡ ଉପ ଜିଲ୍ଲାପାଳ ଧୀମାନ ଚକମାଙ୍କ ନେତୃତ୍ୱରେ ବିଡ଼ିଓ, ତହସିଲଦାର, ପୋଲିସ ଅଧିକାରୀ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ବିଫଳ ହୋଇଥିଲା। ନିଜ ନିଷ୍ପତ୍ତିରେ ଅଟଳ ରହିଛନ୍ତି ଗ୍ରାମବାସୀ ।

## ମୁଡ଼ି ବିକାଳିଙ୍କୁ ଟାଙ୍ଗିଆରେ ଆକ୍ରମଣ

ଘଣ୍ଟାପଡ଼ା,(ସବ୍ୟୁ): ବୌଦ୍ଧ ଜିଲ୍ଲା ଘଣ୍ଟାପଡା ଥାନା ଦେଢ଼ଣମାଳ ଗାଁରେ ଜଣେ ମୁଢ଼ି ବିକାଳି ଅଭଲେ ବିଶିକୁ ଟାଙ୍ଗିଆରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ମୁଢ଼ି ବିକାଳିକୁ ପ୍ରଥମେ କଣ୍ଟାମାଳ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବଲାଙ୍ଗିର ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଶନିବାର ସକାଳେ ଘଣ୍ଟାପଡା ଗାଁର ଅଭଲେ ଦେଢ଼ଣମାଳ ଗାଁକୁ ମୁଢ଼ି ବିକିବାକୁ ଯାଇଥିଲେ। ତେବେ ସେହି ଗାଁରେ ଥିବା ଏକ ମୁଢ଼ି ମିଲ ମାଲିକ ତ୍ରୀଲୋଚନ ମାଝୀ (୩୬)ଅଭଲେକୁ ଗାଁରେ ମୁଢ଼ି ନବିକିବାକୁ ପୂର୍ବରୁ ବାରଣ କରିଥିଲେ। ଆଜି ପୁଣି ଥରେ ଅଭଲେ ଦେଢ଼ଣମାଳ ଗାଁକୁ ମୁଢ଼ି ବିକିବାକୁ ଯାଇଥିବା ବେଳେ ମୁଢ଼ି ମିଲ ମାଲିକ ତ୍ରିଲୋଚନ ମାଝୀ ଏହା ଦେଖି ଉତକ୍ଷିପ୍ତ ହୋଇପଡ଼ିଥିଲେ। ବାରଣ କରିବା ସତ୍ତ୍ୱେ କାହିଁକି ଗାଁକୁ ମୁଢ଼ି ବିକିବାକୁ ଆସିଛ ବୋଲି ପ୍ରଶ୍ନ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ତ୍ରିଲୋଚନ ଟାଙ୍ଗିଆ ଆଣି ଅଭଲେଙ୍କୁ ଆକ୍ରମଣ କରିଥିଲେ। ଗ୍ରମାବାସୀ ଅଭଲେଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ବଲାଙ୍ଗିର ।ନାନ୍ତର କରାଯାଇଛି। ପୁଲିସ ଘଟଣାର ତଦନ୍ତ କରୁଛି।

## ନଦୀକୁ ଗାଧୋଇବାକୁ ଯାଇ ଜଣେ ମୃତ, ୨ ନିଖୋଜ

ସୁନ୍ଦରଗଡ଼,(ସବ୍ୟୁ): ତରକେରା ଘାଟରେ ବୁଡି ଜଣେ ମୃତ। ଅନ୍ୟ ଦୁଇ ନିଖୋଜ। ମୃତକ ରାଉରକେଲା ଡେଲିମାର୍କେଟ ଅଞ୍ଚଳର। ତିନି ସାଙ୍ଗ ଗାଧୋଇବାକୁ ତରକେରା ବ୍ରାହ୍ମଣୀ ନଦୀ ଘାଟକୁ ଯାଇଥିଲେ। ଜଣ ପରେ ଜଣେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ଅନ୍ୟ ଦୁଇ ଜଣ ନିଖୋଜ ହୋଇ ଯାଇଥିଲେ। ଅଗ୍ନିଶମ କର୍ମଚାରୀ ଓ ରଘୁନାଥପାଲି ପୁଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଜଣଙ୍କର ଶବ ଉଦ୍ଧାର ହୋଇଛି। ଅନ୍ୟ ଜଣଙ୍କର ଏଯାଏଁ ପତ୍ତା ମିଳିପାରିନି।

## ବିଜେପି ବିଦ୍ରୋହୀ ପ୍ରାର୍ଥୀ ନିହାରଙ୍କ ଶକ୍ତି ପ୍ରଦର୍ଶନ

ସୁନ୍ଦରଗଡ଼, (ସବ୍ୟୁ): ବିଜେପିର ବିଦ୍ରୋହୀ ନେତା ନିହାର ରାୟ ଶୁକ୍ରବାର ଶେଷ ଦିନରେ ବହୁ ଆଡ଼ମ୍ବରରେ ରାଉରକେଲା ବିଧାନସଭା କ୍ଷେତ୍ରରୁ ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ନାମାଙ୍କନ ଶୋଭାଯାତ୍ରାରେ ଜୋରଦାର ଶକ୍ତି ପ୍ରଦର୍ଶନ କରିଛନ୍ତି । ନିହାରଙ୍କ ବିଶାଳ ଶୋଭାଯାତ୍ରା ଯୋଗୁ ଦଳୀୟ ପ୍ରାର୍ଥୀଙ୍କ ଶିବିରରେ ଛନକା ପଶିଛି । ଶୁକ୍ରବାର ସକାଳେ ନିହାର ସେନା ସଂଗଠନ ଓ ତାଙ୍କର ହଜାର ହଜାର ସମର୍ଥକଙ୍କୁ ନେଇ ବାହାରିଥିଲା ନାମାଙ୍କନ ଶୋଭାଯାତ୍ରା । ନାମାଙ୍କନ ପୂର୍ବରୁ ସକାଳ ପ୍ରାୟ ୯ଟାରେ ନିହାର ରାୟ ଉଦିତନଗର ସିଂହାସିନୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ । ପରେ ହଜାରହଜାର ସମର୍ଥକଙ୍କ ଗହଣରେ ପଦଯାତ୍ରାରେ ପାନପୋଷ ଉପଜିଲ୍ଲାପାଳ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିଲେ । ଶୋଭାଯାତ୍ରାରେ ନିହାରଙ୍କ ପତ୍ନୀ, ଭଉଣୀ ଓ ପରିବାର ସମସ୍ତ ସଦସ୍ୟ ସାମିଲ ହୋଇଥିଲେ । ପ୍ରାର୍ଥିପତ୍ର ଦାଖଲ କରିବା ପରେ ନିହାର କହିଛନ୍ତି, ତାଙ୍କ ପ୍ରତି ଅନ୍ୟାୟ ହୋଇଛି ।

ବିଜେପି ଟିକେଟରୁ ବଞ୍ଚିତ ହେବା ପରେ ନିହାର ଦଳୀୟ ନିର୍ବାଚନୀ କାର୍ଯ୍ୟରୁ ଦୂରେଇ ଯାଇଥିଲେ । ରାଉରକେଲା ବିଜେପି ପ୍ରାର୍ଥୀ ଦିଲୀପ ରାୟଙ୍କ ପରି ସମାନ୍ତରାଳ କର୍ମୀସମ୍ମିଳନୀ କରି ଶକ୍ତିପ୍ରଦର୍ଶନ କରିଥିଲେ । ବିଜେପିର ଜୁଏଲ ଓରାମ, ଦିଲୀପ ରାୟଙ୍କ ସମେତ ବହୁ ବରିଷ୍ଠ ନେତା ତାଙ୍କ ଘରେ ପହଞ୍ଚି ମନାଇଥିଲେ ହେଁ ବିଫଳ ହୋଇଥିଲେ । ବର୍ତ୍ତମାନ ନିହାରଙ୍କ ପ୍ରଦର୍ଶନ ରାଉରକେଲା ବିଧାନସଭା ନିର୍ବାଚନର ଫଳାଫଳକୁ ପ୍ରଭାବିତ କରିବ ବୋଲି ବିଶେଷଜ୍ଞମାନେ ଆକଳନ କରୁଛନ୍ତି ।

## ପ୍ରାର୍ଥିପତ୍ର ଦାଖଲ କଲେ ସମାଜସେବୀ ମହେଶ

ସମ୍ବଲପୁର, (ସବ୍ୟୁ): ଆଗାମୀ ସାଧାରଣ ନିର୍ବାଚନ ପାଇଁ ମର୍ଯ୍ୟାଦାପୂର୍ଣ୍ଣ ସମ୍ବଲପୁର ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ମହେଶ ଶର୍ମା ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସ୍ଥାନୀୟ ହାଟପଡା ସ୍ଥିତ ରାମ ମନ୍ଦିରରେ ପୂଜାର୍ଚ୍ଚନା ପରେ ନିଜର ସମର୍ଥକ ଏବଂ ଶୁଭେଚ୍ଛୁ ମାନଙ୍କ ସହ ଏକ ଶୋଭାଯାତ୍ରାରେ ବାହାରି ସଦର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ସେ ୧ ସେଟ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ସୂଚନାଯୋଗ୍ୟ, ସମ୍ବଲପୁର ହାଟପଡା ନିବାସୀ ମହେଶ ଶର୍ମା ଓରଫ ଟେଣ୍ଟୁ ଅଞ୍ଚଳର ଜଣେ ଜଣାଶୁଣା ସମାଜସେବୀ ଭାବେ ପରିଚିତ । ସେ ବିଗତ ଦିନରେ ବିଜୁ ଜନତା ଦଳର ଜିଲ୍ଲା ସାଧାରଣ ସମ୍ପାଦକ ମଧ୍ୟ ଥିଲେ ।

## ଚିତ୍ରକୋଣ୍ଡା ବିଜେଡି ପ୍ରାର୍ଥିନୀ ଲକ୍ଷ୍ମୀପ୍ରିୟାଙ୍କ ପିତୃ ବିୟୋଗ

ମାଲକାନଗିରି, (ସବ୍ୟୁ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡାର ବିଜେଡି ପ୍ରାର୍ଥିନୀ ଲକ୍ଷ୍ମୀପ୍ରିୟା ନାୟକଙ୍କ ପିତା ଡମ୍ବରୁ ବାକାଙ୍କର ଶନିବାର ଦେହାନ୍ତ ହୋଇଯାଇଛି। ଗତ କିଛି ଦିନ ଧରି ସେ ଅସୁସ୍ଥ ଥିଲେ। ତାଂକୁ ବିଶାଖାପାଟଣମ୍ ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସା କରାଯାଉଥିଲା । ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସକାଳେ ତାଙ୍କର ମରଶରୀର ମାଥିଲି ନିକଟସ୍ଥ ମାଲିଗୁଡ଼ାରେ ପହଞ୍ଚିବା ପରେ ଶେଷ ଦର୍ଶନ ପାଇଁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ନିଜର ପୈତୃକ ଗ୍ରାମରେ ହିଁ ତାଙ୍କର ଶବ ସତ୍କାର କରାଯାଇଥିଲା। ମୃତ୍ୟୁ ବେଳକୁ ଡମ୍ବରୁ ବାକାଙ୍କୁ ୬୪ ବର୍ଷ ହୋଇଥିଲା।

## ମୋବାଇଲ ନମ୍ବର ଜାରି କଲେ ସାଧାରଣ ଓ ପୋଲିସ ପର୍ଯ୍ୟବେକ୍ଷକ

ବଲାଙ୍ଗିର, (ସବ୍ୟୁ): ନିର୍ବାଚନ ତାରିଖ ଆସନ୍ତା ମଇ ୨୦ ତାରିଖରେ ବଲାଙ୍ଗିର ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ହେବ । ଏହି ପରିପେକ୍ଷୀରେ ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ନାମାଙ୍କନ ପ୍ରକ୍ରିୟା ସରିବା ସହ ବଲାଙ୍ଗିରରେ ଭାରତୀୟ ନିର୍ବାଚନ ଆୟୁକ୍ତଙ୍କ ଦ୍ୱାରା ନିଯୁକ୍ତ ସାଧାରଣ ଓ ପୋଲିସ ପର୍ଯ୍ୟବେକ୍ଷକ ନିର୍ବାଚନୀ ବ୍ୟବସ୍ଥା ତଦାରଖ କରୁଛନ୍ତି । ବଲାଙ୍ଗିର ସଂସଦୀୟ କ୍ଷେତ୍ରରେ ସାଧାରଣ ପର୍ଯ୍ୟବେକ୍ଷକ ରୂପେ ( ଆଇଏଏସ) ରାଜ କୁମାର ବେନିଓ୍ୱାଲ ଏବଂ ରଞ୍ଜନ ଭିଶାଲ ଏବଂ ପୋଲିସ ପର୍ଯ୍ୟବେକ୍ଷକ ରୂପେ (ଆଇପିଏସ) ଶୈଳେନ୍ଦ୍ର କୁମାର ସିହ୍ନା ଆଇନ ଶୃଙ୍ଖଳା ପରିସ୍ଥିତି ଓ ଅନ୍ୟାନ୍ୟ ବ୍ୟବସ୍ଥା ତଦାରଖ କରିବେ । ଏଥି ନିମନ୍ତେ ସେ ୩ ଟି ମୋବାଇଲ ନମ୍ବର ଜାରି କରିଛନ୍ତି । ବଲାଙ୍ଗିର , ଟିଟିଲାଗଡ ଏବଂ କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ନିମନ୍ତେ କୌଣସି ଅଭିଯୋଗ ପାଇଁ ରାଜ କୁମାର ବେନିଓ୍ୱାଲଙ୍କୁ ୮୮୯୫୩୫୦୪୯୫ ନମ୍ବରରେ, ଲୋଇସିଂହା,ପାଟଣାଗଡ଼ ବିଧାନସଭା କ୍ଷେତ୍ର ନିମନ୍ତେ ରଞ୍ଜନ ଭିଶାଲଙ୍କୁ ୮୮୯୫୨୬୩୬୧୯ ନମ୍ବରରେ ଏବଂ ବଲାଙ୍ଗିର ଲୋକସଭା କ୍ଷେତ୍ର ନିମନ୍ତେ ପୋଲିସ ପର୍ଯ୍ୟବେକ୍ଷକ ଶୈଳେନ୍ଦ୍ର କୁମାର ସିହ୍ନାଙ୍କୁ ୮୮୯୫୩୫୦୭୪୬ ନମ୍ବର ରେ ଫୋନ ମାଧ୍ୟମରେ ଖର୍ଚ୍ଚ ବାବଦରେ କୌଣସି ଅଭିଯୋଗ ପର୍ଯ୍ୟବେକ୍ଷକଙ୍କୁ ସିଧାସଳଖ ଜଣେଇପାରିବେ । ନିର୍ବାଚନ ଶେଷ ଯାଏଁ ଏହି ନମ୍ବର ଉପଲବ୍ଧ ରହିବ ।

## ଅବସରପ୍ରାପ୍ତ ସୈନିକଙ୍କ ସହ ଆଲେଚନା କଲେ ପ୍ରଣବ ଓ ରୋହିତ



ସମ୍ବଲପୁର, (ସବ୍ୟୁ): ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ମାରାଥନ ପ୍ରଚାର କରିଛନ୍ତି । ଶନିବାର ସକାଳେ ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ନିକଟରେ ପହଞ୍ଚି ଅବସରପ୍ରାପ୍ତ କର୍ମଚାରୀ ,ଅବସରପ୍ରାପ୍ତ ସୈନିକ କର୍ମଚାରୀ ଓ ଅଧିକାରୀଙ୍କୁ ଭେଟିଛନ୍ତି । ତାଙ୍କୁ ଅବସରପ୍ରାପ୍ତ କର୍ମଚାରୀ ଓ ଯବାନ ଏବଂ ଅଗ୍ନିବୀର ତାଲିମ ନେଉଥିବା ପ୍ରଶିକ୍ଷାର୍ଥୀମାନେ ତାଙ୍କୁ ସ୍ୱାଗତ କରିଥିଲେ । ସମ୍ବଲପୁର ସେନା କର୍ମଚାରୀମାନେ ଏକ ଟ୍ରେନିଂ ଇନଷ୍ଟିଚ୍ୟୁଟ କରିଥିବାବେଳେ ଯୁବକ ଯୁବତୀମାନଙ୍କୁ ସେନାରେ ଭର୍ତ୍ତି କରିବା ପାଇଁ ତାଲିମ ଦେଉଛନ୍ତି । ତେଣୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଘର ସହିତ ମୌଳିକ ସୁବିଧା ଯୋଗାଇ ଦେବାକୁ ଦାବି କରିଥିଲେ । ଅବସରପ୍ରାପ୍ତ ସୈନିକମାନେ ଏକ ସୈନିକ ଗେଷ୍ଟ ହାଉସ ଦାବି କରିଥିଲେ । ଏହି ଅବସରରେ ପ୍ରଣବ ପ୍ରକାଶ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ କୃତଜ୍ଞତା ଜଣାଇବା ସହ ଯବାନମାନେ ଆମ ଦେଶର ଗର୍ବ ଓ ଗୌରବ ବୋଲି କହିଥିଲେ । ସୈନିକ ମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଗଭୀର ସମ୍ମାନ ରହିଛି । ସେମାନଙ୍କୁ ଯାହା ଦରକାର ମୁଖ୍ୟମନ୍ତ୍ରୀ ତାଠାରୁ ଅଧିକ ଚିନ୍ତା କରିଛନ୍ତି ବୋଲି କହିଥିଲେ । ଭୁବନେଶ୍ୱର ଓ ସମ୍ବଲପୁରରେ ଅବସରପ୍ରାପ୍ତ ସେନା ଅଧିକାରୀମାନଙ୍କ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ପୂର୍ବରୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇସାରିଛି । ଏହାକୁ ଖୁବଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ସେ ପ୍ରତିଶୃତି ଦେଇଥିଲେ । ଭିଏସଏସ ଆର୍ମି ଏକାଡେମୀ ସମ୍ବଲପୁରର ଯୁବପିଢ଼ୀଙ୍କୁ ନିଶା କବଳରୁ ରକ୍ଷା କରି ମୁଖ୍ୟସ୍ରୋତକୁ ଫେରାଇ ଆଣୁଛି ବୋଲି କହିବା ସହିତ ସେମାନଙ୍କ ପ୍ରତି ସବୁବେଳେ ସହଯୋଗ କରିବ ବୋଲି ପ୍ରତିଶୃତି ଦେଇଥିଲେ । କାର୍ଯ୍ୟକ୍ରମରେ ରେଢ଼ାଖୋଲ ବିଧାୟକ ତଥା ସମ୍ବଲପୁର ବିଧାନସଭା ପ୍ରାର୍ଥୀ ରୋହିତ ପୁଜାରୀ ମଧ୍ୟ ଉପସ୍ଥିତ ରହି ବିଭିନ୍ନ ଜନକଲ୍ୟାଣ ବିଷୟରେ ଆଲୋଚନା କରିଥିଲେ।

## ମାପ ଓଜନରେ ଚଞ୍ଚକତା ଖାଉଟି ହସ୍ତତନ୍ତ

ଝାରସୁଗୁଡ଼ା, (ସବ୍ୟୁ): ଝାରସୁଗୁଡ଼ା ସହର ସମେତ ଆଖପାଖ ଅଞ୍ଚଳର ବିଭିନ୍ନ ବଜାରରେ ପନିପରିବା ବ୍ୟବସାୟୀ ପନିପରିବା କିଣିବା ସମୟରେ ଠକାମିର ଶିକାର ହେଉଛନ୍ତି । ଏନେଇ ଦୀର୍ଘ ଦିନରୁ ଅଭିଯୋଗ ହେଉଛି । ସହରର ବିଟିଏମ, ଡେଲି ମାର୍କେଟ, ପୁରୁଣା ବସଷ୍ଟାଣ୍ଡ ପଛପଟ ଡେଲି ମାର୍କେଟ କଂଗ୍ରେସ ଅଫିସ୍ ଡେଲି ମାର୍କେଟ, ଝଣ୍ଡାଛକ ଡେଲି ମାର୍କେଟ, ସରାହାଲ ଡେଲି ମାର୍କେଟ ସମେତ ବିଭିନ୍ନ ସ୍ଥାନରେ ମାପ ଓଜନ ସମୟରେ ଖାଉଟି ପନିପରିବା ସତେତ ଆଳୁ ପିଆଜ କିଣିବା ସମୟରେ ଠକାମିର ଶିକାର ହେଉଛନ୍ତି।

ବିଭିନ୍ନ ବଜାରରେ ବିହାରୀ ସମେତ ବିଭିନ୍ନ ସମାଜର ବ୍ୟବସାୟୀ ବଟକରା ତଳପଟେ ଲୁହା ଲଗାଇ ପନିପରିବା ବିକ୍ରି କରୁଥିବାବେଳେ କିଲୋ ପ୍ରତି ଶହେରୁ ଶହେ ପଚାଶ ଗ୍ରାମର ଠକେଇ ହେଉଥିବାର ପରିଲକ୍ଷିତ ହେଉଛି। ସହରର ବିଭିନ୍ନ ବଜାରରେ ଦୀର୍ଘ ବର୍ଷରୁ ଏପରି ଅସାଧୁ ବ୍ୟବସାୟୀମାନେ ଖାଉଟି ମାନଙ୍କୁ ଠକି ପନିପରିବା ସମେତ ଆଳୁ ପିଆଜ ବିକ୍ରି କରୁଥିବାବେଳେ ଖାଉଟି ବିଭାଗ ଚଢାଉ କରୁନଥିବାରୁ ଏଭଳି ପରିସ୍ଥିତି ଦେଖାଯାଉଛି । ଏଥିପ୍ରତି ଖାଉଟି ବିଭାଗ ଅଧିକାରି ବ୍ୟାପକ ପଦକ୍ଷେପ ନେବାକୁ ଜନସାଧାରଣରେ ଦାବି ହେଉଛି।

## ପ୍ରାର୍ଥିପତ୍ର ଦାଖଲ କଲେ କୁଚିଣ୍ଡା କଂଗ୍ରେସ ପ୍ରାର୍ଥୀ କେଦାରନାଥ



ସମ୍ବଲପୁର, (ସବ୍ୟୁ): କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ କେଦାରନାଥ ବରିହା ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସେ ତାଙ୍କ ସମର୍ଥକ ଓ କଂଗ୍ରେସ କର୍ମୀଙ୍କ ସହ ସମଲେଇ ମନ୍ଦିର ଛକ ଠାରୁ ଏକ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ୨ ସେଟ୍ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ଯୁବ କଂଗ୍ରେସ ନେତା ଭକ୍ତରାମ କୁମୁରା ଓ ଜଗଦାନନ୍ଦ କୁମାର ପ୍ରସ୍ତାବକ ଏବଂ ସମର୍ଥକ ଭାବେ ପ୍ରାର୍ଥୀପତ୍ର ଦାଖଲ ସମୟରେ ଉପସ୍ଥିତ ଥିଲେ । ଶୋଭାଯାତ୍ରାରେ କଂଗ୍ରେସ ସମ୍ବଲପୁର ଲୋକସଭା ପ୍ରାର୍ଥୀ ନଗେନ୍ଦ୍ର କୁମାର ପ୍ରଧାନଙ୍କ ସହ ଇଣ୍ଡିଆ ମେଣ୍ଟ ସମର୍ଥିତ ଆମ ଆଦମୀ ପାର୍ଟିର ଶତାଧିକ କର୍ମକର୍ତ୍ତା ସାମିଲ ହୋଇଥିଲେ । ଏଥିରେ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ଜୟଶଙ୍କର ମିଶ୍ର, ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ତଥା ଜିଲ୍ଲା ଉପ ସଭାପତି ସୁବାସ ଚନ୍ଦ୍ର ବିଶ୍ୱାଳ, ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ସଂଜିତ ଶର୍ମା, ଅନ୍ୟତମ ସଦସ୍ୟ ଅଶୋକ ଦାନୀ, ଜିଲ୍ଲା କମିଟି ସାଧାରଣ ସମ୍ପାଦକ ସରୋଜ ପୂଜାରୀ, କୁଚିଣ୍ଡା ନଗର କଂଗ୍ରେସ କମିଟି ସଭାପତି ଅଖିଳ ପ୍ରତାପ ସିଂ, ଜିଲ୍ଲା ସମ୍ପାଦକ କିଶୋର କୁମାର ନାୟକ, ରବି ପରିଡା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଖତୁନାଥ ପିଙ୍ଗ, ଦିଲୀପ ପଟେଲ, ବରିଷ୍ଠ କଂଗ୍ରେସ ନେତା ଡ଼. ଶରତ ଚନ୍ଦ୍ର ଗୌନ୍ତିଆ, ଜିଲ୍ଲା ଉପସଭାପତି ଆରତୀ ନାୟକ, ଜୟନ୍ତ ପ୍ରଧାନ, ଆମ ଆଦମୀ ପାର୍ଟିର କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ସଭାପତି ବିନୟ ର୍ତିକୀ, ବ୍ଲକ ସଭାପତି ଇରାତ ନାଏକ, ମହିଳା ସଭାପତି ସନ୍ଧ୍ୟାରାଣୀ ମନ୍ଦାର, ଯୁବ ସଭାପତି ଦେବାଶିଷ ଗଡ଼ନାୟକ ଓ ସଙ୍ଗଠକ ରାଜକିଶୋର ଦେବତା ପ୍ରମୁଖ ସାମିଲ ଥିଲେ ।

## ବଙ୍ଗୀୟ ଭୋଟର ହେବେ ନିର୍ଣ୍ଣାୟକ

ନବରଙ୍ଗପୁର, (ସବ୍ୟୁ): ୧୫ ଲକ୍ଷ ଭୋଟର ବିଶିଷ୍ଟ ନବରଙ୍ଗପୁର ସଂସଦୀୟ କ୍ଷେତ୍ରରେ ରହିଛି ୭ଟି ବିଧାନସଭା ଆସନ । ତନ୍‌ମଧ୍ୟରୁ ଉମରକୋଟ ଏବଂ ମାଲକାନଗିରି ହେଉଛି ବଙ୍ଗୀୟ ଭୋଟରଙ୍କ ଗଡ଼ । ଉମରକୋଟରେ ପ୍ରାୟ ୫୦ ହଜାର ଓ ମାଲକାନଗିରିରେ ଅଛନ୍ତି ପାଖାପାଖି ୮୫ ହଜାର ବେଙ୍ଗଲି ମତଦାତା ।

ରାଜ୍ୟ ରାଜନୀତିର ଅନ୍ୟତମ ଚର୍ଚ୍ଚିତ ଲୋକସଭା କ୍ଷେତ୍ର ନବରଙ୍ଗପୁରରେ କାହା ଭାଗ୍ୟ ବଦଳାଇବେ ବଙ୍ଗୀୟ ଭୋଟର । ଦକ୍ଷିଣ ଓଡ଼ିଶାରେ ବଙ୍ଗୀୟ ମତଦାତାଙ୍କ ହଟସ୍ପଟ୍ ସାଜିଥିବା ଏହି ଆଦିବାସୀ ବହୁଳ ସଂସଦୀୟ କ୍ଷେତ୍ର ଏବେ ପ୍ରତ୍ୟେକ ଦଳର ଫୋକସରେ । ତଥ୍ୟ କହୁଛି, ଏହି ସଂସଦୀୟ କ୍ଷେତ୍ରରେ ୧୫ ଲକ୍ଷରୁ ଅଧିକ ମତଦାତା ଥିବାବେଳେ ପ୍ରାୟ ୨ ଲକ୍ଷ ହେଉଛନ୍ତି ବଙ୍ଗୀୟ । ପିଢ଼ୀ ପରେ ପିଢ଼ୀ ରହିଆସିଛନ୍ତି ଏଠାରେ । ଆଉ ଘରଦ୍ୱାର କରି ଓଡ଼ିଶା ସରକାରଙ୍କ ନଥିପତ୍ରରେ ସାମିଲ ହୋଇଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏମାନେ ଯେଉଁ ପ୍ରାର୍ଥୀ ଓ ଦଳକୁ ସମର୍ଥନ କରନ୍ତି, ପ୍ରାୟତଃ ଏକତରଫା ଭୋଟ୍ ଦିଅନ୍ତି । ଅର୍ଥାତ ନିର୍ବାଚନରେ ନିର୍ଣ୍ଣାୟକ ନିଷ୍ପତ୍ତି ନିଅନ୍ତି ଏହି ବଙ୍ଗୀୟ ମତଦାତା । ତେବେ ଗତ ପଞ୍ଚାୟତ ନିର୍ବାଚନରେ ପାଇଥିବା ପ୍ରତିଶ୍ରୁତି ପୂରଣ ହୋଇନଥିବାରୁ ଏବେ ଏମାନେ ଖପ୍ପା ।

ନବରଙ୍ଗପୁର, ଚିତ୍ରକୋଣ୍ଡା, ଝରିଗାଁ, ଡାବୁଗାଁ ଏବଂ କୋଟପାଡ଼ ବିଧାନସଭା ସିଟରେ ମଧ୍ୟ ବଙ୍ଗୀୟ ଭୋଟରଙ୍କ ରହିଛି ଦବଦବା । ତେଣୁ ସବୁଥର ଭଳି ଏଥର ୩ ପ୍ରମୁଖ ଦଳର ନଜର ବଙ୍ଗୀୟ ଭୋଟ୍ ଉପରେ । ଏହି ଭୋଟ୍ ଆଶାରେ ବଂଗୀୟ ନେତା ଅରବିନ୍ଦ ଢାଲିଙ୍କୁ ଦୁଇ ଦୁଇ ଥର ଜୟଦେବ ଆସନରୁ ଟିକଟ ଦେଇଥିଲା ଶାସକ ବିଜେଡି । କିନ୍ତୁ ଗତ ନିର୍ବାଚନରେ ବିଜେଡି ବଙ୍ଗୀୟ ଭୋଟରଙ୍କ ଆସ୍ଥାଭାଜନ ନହୋଇପାରିବାରୁ ହାତରୁ ଖସିଯାଇଥିଲା ମାଲକାନଗିରି ଓ ଉମରକୋଟ ସିଟ୍ । କାରଣ ଏଠି ବସବାସ କରୁଥିବା ବଙ୍ଗୀୟ ଗୋଷ୍ଠୀଙ୍କ ରହିଛି ଅନେକ ସମସ୍ୟା । ଯାହାକୁ ମୁଦ୍ଦା କରିଛନ୍ତି ବିରୋଧୀ । ଗତ ୨ ତାରିଖରେ ପ୍ରଚାରରେ ଆସିଥିବା ମତୁଆ ସଂପ୍ରଦାୟର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ରମନ୍ତ୍ରୀ ଶାନ୍ତନୁ ଠାକୁର ମଧ୍ୟ ରାଜ୍ୟ ସରକାରଙ୍କୁ ନିଶାନା କରିଥିଲେ ।

## ପିତୃ ମାତୃ ହୀନ ଶିଶୁକୁ ଥଇଥାନ କଲା ଆଇନ୍ ସେବା ପ୍ରାଧିକରଣ

ମାଲକାନଗିରି, (ସବ୍ୟୁ): ଜଣେ ପିତୃ ମାତୃ ହିନ ଶିଶୁ ବିପଦ ସଙ୍କୁଳ ଅବସ୍ଥାରେ ଜୀବନ ଅତିବାହିତ କରୁଥିବା ବେଳେ ଆଇନ୍ ସେବା ପ୍ରାଧିକରଣ ମୁଖ୍ୟ ଅଶୋକ କୁମାର ପଟ୍ଟନାୟକ ଏକ ଶିଶୁକୁ ଉଦ୍ଧାର କରି ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ନିକଟରେ ହାଜର କରାଇଥିଲେ । ଆଇନ ସେବା ପ୍ରାଧିକରଣର ଉପ ମୁଖ୍ୟ ଆଇନ ସେବା ଓକିଲ ରାଜେଶ ପଟନାୟକ ଓ ସହାୟକ ଆଇନ ସେବା ଓକିଲ ସାଗର ପାଣିଗ୍ରାହୀ ଓ ସଂଯୁକ୍ତ ଦତ୍ତ ପରାମର୍ଶ କଲା ପରେ ଜଣାଗଲା ଯେ ଶିଶୁଟିର ପିତା ମାତା କରୋନା ସମୟରେ ମୃତ୍ୟୁ ବରଣ କରିଥିଲେ ।

ପିତା ମାତାଙ୍କ ମୃତ୍ୟୁ ପରେ ତା'ର ଯତ୍ନ ନେବା ପାଇଁ ପରିବାରରେ ଆଉ କେହି ନଥିବା ଯୋଗୁଁ ସେ ଏକୁଟିଆ ସାହି ପଡିଶା ଲୋକମାନଙ୍କ ସାହଯ୍ୟରେ ଜୀବନ ବିତାଇବା ସହ ଦୋକାନ ଗୁଡିକରେ କାମ କରି ଆସୁଥିଲା । ଯଦିଓ ସରକାର ଆଶୀର୍ବାଦ ଯୋଜନାରେ ପିଲାଟିକୁ ଅନ୍ତର୍ଭୁକ୍ତ କରାଇଛନ୍ତି ।



କିନ୍ତୁ ଉକ୍ତ ରାଶି ବ୍ୟାଙ୍କ ଖାତା ରେ ଜମା ରହୁଛି । କୌଣସି ଅଭିଭାବକ ନଥିବା ଯୋଗୁଁ ଶିଶୁ ଟି ଉକ୍ତ ଟଙ୍କାକୁ ଉପଯୋଗ କରିପାରୁ ନାହିଁ । ବିଭିନ୍ନ କାମ ସହ ଶିଶୁଟି ଚଳିତ ବର୍ଷ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା – ୨୦୨୪ ଦେଇଛି । ଉପରୋକ୍ତ ସମସ୍ତ ବିଷୟକୁ ଆଖି ଆଗରେ ରଖି ଶିଶୁ ତରଫରୁ ଅଶୋକ କୁମାର ପଟ୍ଟନାୟକ ପିଲାଟିର ଉଚିତ ଥଇଥାନ ନିମନ୍ତେ ଅନୁରୋଧ କରିଥିଲେ । ଉପରୋକ୍ତ ସମସ୍ତ ବିଷୟକୁ ବିଚାରକୁ ନେଇ ଆଇନ୍ ସେବା ପ୍ରାଧିକରଣଙ୍କ ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ରାକେଶ କୁମାର ମୁଦୁଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରିବା ସହ ଚାଇଲ୍ଡ ଲାଇନ ଦ୍ୱାରା ଶିଶୁଟିକୁ ଶିଶୁ ମଙ୍ଗଳ କମିଟି, ମାଲକାନଗିରିଙ୍କ ନିକଟରେ ହଜାର କରାଇବାକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏହା ସହିତ ସମୟ ସମୟରେ ଅନୁସରଣ କରି ଶିଶୁଟିକୁ ଯେପରି ଅସାମାଜିକ ବ୍ୟକ୍ତିଙ୍କ ସଂସ୍ପର୍ଶରେ ନ ଆସେ ଓ ତା'ର ଯତ୍ନ, ସୁରକ୍ଷା, ଶିକ୍ଷା,ସହ ଶିଶୁଟିର ସ୍ଥାବର ଅବସ୍ଥାର ସମ୍ପତ୍ତିର କିପରି ସୁରକ୍ଷା କରାଯାଇ ପାରିବ ସେଥି ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରାଯାଇଛି ।

# ବୋରିଗୁମ୍ମା ବ୍ଲକରେ ହୋମ ଭୋଟିଂ



ବୋରିଗୁମ୍ମା, (ସବ୍ୟୁ): ଭାରତୀୟ ନିର୍ବାଚନ କମିଶନ ୨୦୨୪ ସାଧାରଣ ନିର୍ବାଚନ କିଛି ପରିବର୍ତ୍ତନ କରିଛନ୍ତି । ୮୫ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧ ବୃଦ୍ଧା ଓ ଶଯ୍ୟାଶାୟୀ ଭିନ୍ନକ୍ଷମଙ୍କ ପାଇଁ ନିର୍ବାଚନ କମିଶନ ଘରେ ରହି ପୋଷ୍ଟାଲ ବେଲେଟରେ ଭୋଟ ଦେବାର ବ୍ୟବସ୍ଥା କରାଯାଇଛି । ବୋରିଗୁମ୍ମା ବ୍ଲକର ୩୧ ଗୋଟି ପଞ୍ଚାୟତର ଦୁଇ ନିର୍ବାଚନ ମଣ୍ଡଳୀରେ ପ୍ରାୟ ୪୫ ଜଣ ବୃଦ୍ଧ ବୃଦ୍ଧା ଓ ଭିନ୍ନକ୍ଷମ ଶନିବାର ମତଦାନ ସାବ୍ୟସ୍ତ କରିଥିଲେ। ବୋରିଗୁମ୍ମା ବ୍ଲକର କୋଟପାଡ଼ ନିର୍ବାଚନ ମଣ୍ଡଳୀରେ ୧୯ ଜଣ ହୋମ ଭୋଟିଂ ମାଧ୍ୟମରେ ଭୋଟ ଦେଇଥିବା ବେଳେ ଜୟପୁର ନିର୍ବାଚନ ମଣ୍ଡଳୀର ୨୬ ଜଣ ଭୋଟ ଦେଇଥିଲେ। ଏଥି ନିମନ୍ତେ ବ୍ଲକ ନିର୍ବାଚନ ଅଧିକାରୀ ପ୍ରାୟ ୭ଟି ଟିମ ପ୍ରସ୍ତୁତ କରି ଗାଁ ଗାଁ ବୁଲି ହୋମ ଭୋଟିଂ କରାଇଥିଲେ। ଗୋଟିଏ ଟିମରେ ଜଣେ ପ୍ରିଜାଇଡିଂ ଅଧିକାରୀ, ଜଣେ ପୋଲିଂ ଅଧିକାରୀ, ଜଣେ ମାଇକ୍ରୋ ଅବଜର୍ଭର, ଜଣେ ପୋଲିସ ଓ ଭିଡ଼ିଓ ଗ୍ରାଫର ରହିଥିଲେ। ବୋରିଗୁମ୍ମା ଚନ୍ଦ୍ରଶେଖର ରଥ ଘରେ ରହି ମତଦାନ ସାବ୍ୟସ୍ତ କରିଥିବା ବେଳେ ବଣ୍ଡାଗୁଡା ଗ୍ରାମର ଦୁଇ ଭିନ୍ନକ୍ଷମ ମହିଳା ରମଣୀ ହରିଜନ ଓ କମଳା ପ୍ରତ୍ୟାଶା ହୋମ ଭୋଟିଂ ମାଧ୍ୟମରେ ନିଜ ମତଦାନ ସାବ୍ୟସ୍ତ କରିଛନ୍ତି। ଭାରତୀୟ ନିର୍ବାଚନ କମିଶନଙ୍କ ଏଭଳି ସୁନ୍ଦର ହୋମ ଭୋଟିଂ ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି ମତଦାତା ଓ ଗ୍ରାମବାସୀ।

# ବିପର୍ଯ୍ୟସ୍ତ ବିଦ୍ୟୁତ ସେବାକୁ ପୁନରୁଦ୍ଧାର କଲା ଟିମ୍ ଟିପିଡବ୍ଲୁଓଡିଏଲ୍

ସମ୍ବଲପୁର,(ସବ୍ୟୁ): ପଶ୍ଚିମ ଓଡ଼ିଶାର ବିଦ୍ୟୁତ ବିତରଣ କମ୍ପାନୀ ଏହାର ସମସ୍ତ ବିଦ୍ୟୁତ୍ ଗ୍ରାହକଙ୍କୁ ଗୁଣାତ୍ମକ ତଥା ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବା ଦିଗରେ ସଦାସର୍ବଦା ନିଜର ପ୍ରତିବଦ୍ଧତା ପାଳନ କରି ଆସିଛି । ମଙ୍ଗଳବାର ବରଗଡ଼ ସହରରେ ଘଟିଥିବା ବସ୍ ଦୁର୍ଘଟଣା ଯୋଗୁଁ ବିପର୍ଯ୍ୟସ୍ଥ ହୋଇ ପଡ଼ିଥିବା ବିଦ୍ୟୁତ ସେବାକୁ ଯୁଦ୍ଧକାଳୀନ ଭିତ୍ତିରେ ପୁନରୁଦ୍ଧାର କରିବା ।

ମଙ୍ଗଳବାର ଅପରାହ୍ନରେ ବରଗଡ଼ ସହର ସ୍ଥିତ ମ୍ୟୁନସିପାଲଟି ଲେନ୍‌ରେ ଏକ ଘରୋଇ ବସ୍ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଥିଲା । ଫଳରେ ବିଦ୍ୟୁତ ଖୁଣ୍ଟ କ୍ଷତିଗ୍ରସ୍ତ ହେବା ଯୋଗୁଁ ଉକ୍ତ ଅଞ୍ଚଳରେ ବିଦ୍ୟୁତ ସେବା ବ୍ୟାହତ ହୋଇଥିଲା । ଖବର ପାଇ ଟିପିଡବ୍ଲୁଓଡିଏଲର ରକ୍ଷଣାବେକ୍ଷଣକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିବା ପରେ ତୁରନ୍ତ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଫଳରେ ୩୫୦ ଗ୍ରାହକଙ୍କ ବିଦ୍ୟୁ ସରବରାହ ବ୍ୟାହତ ହୋଇଥିଲା । ତେବେ ଉନ୍ନତ ଜ୍ଞାନକୌଶଳ ଯୋଗୁଁ ବିଦ୍ୟୁତ ସରବରାହକୁ ତୁରନ୍ତ ପୁନଃସ୍ଥାପିତ କରିବା ସହିତ ଉକ୍ତ ବିଦ୍ୟୁତ ଖୁଣ୍ଟରୁ ଯୋଗାଣ ପାଉଥିବା ୫୦ ଗ୍ରାହକଙ୍କ ବିଦ୍ୟୁତ ସରବରାହ ପାଇଁ ଯୁଦ୍ଧାକାଳିନ ଭିତ୍ତିରେ ଟିପିଡବ୍ଲୁଓଡିଏଲର ରକ୍ଷଣାବେକ୍ଷଣକାରୀ ଦଳ ପୁନରୁଦ୍ଧାର କାର୍ଯ୍ୟକୁ ଆରମ୍ଭ କରି ନୂତନ ପୋଲ, ଏବି କେବୁଲ ଏବଂ କଣ୍ଡକ୍ଟର ବଦଳାଇ ୧ ତାରିଖ ସକାଳ ୫.୩୦ ସୁଦ୍ଧା ବିଦ୍ୟୁତ ସେବାକୁ ସମ୍ପୂର୍ଣ୍ଣ ରୂପେ ପୁନଃ କାର୍ଯ୍ୟକ୍ଷମ କରିଥିଲେ । ଏହି ଆହ୍ବାନପୂର୍ଣ୍ଣ ସମୟରେ ନିରାପତ୍ତାକୁ ପ୍ରାଧାନ୍ୟ ଦେଇ ନିରବଚ୍ଛିନ୍ନ ସମନ୍ୱୟ ଏବଂ ବରିଷ୍ଠ ତଥା ଦକ୍ଷ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବିଦ୍ୟୁତ ସେବାକୁ ପୁନଃରୁଦ୍ଧାର କରିବା ଟିପିଡବ୍ଲୁଓଡିଏଲର ଗ୍ରାହକଙ୍କ ପ୍ରତି ପ୍ରତିବଦ୍ଧାତାକୁ ପ୍ରମାଣିତ କରୁଛି ।

# ଯୁଯୋମୁରା ବ୍ଲକ କାର୍ଯ୍ୟାଳୟରେ ନିର୍ବାଚନ ସମ୍ପର୍କିତ ବୈଠକ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ନିର୍ବାଚନ ପରିଚାଳନାକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଯୁଯୋମୁରା ବିଡ଼ିଓ ବିଜୟ କୁମାର ସାଓଙ୍କ ସଭାପତିତ୍ୱରେ ସଭା ହୋଇଥିଲା । ଆଗାମୀ ନିର୍ବାଚନ ପାଇଁ ବ୍ଲକରେ ଥିବା ସମସ୍ତ ବୁଥ ଗୁଡ଼ିକରେ ଆନୁସାଙ୍ଗିକ ବ୍ୟବସ୍ଥା ନେଇ ଆଲୋଚନା କରାଯାଇଥିଲା । ଏଥିସହ ବିଭିନ୍ନ ବୁଥରେ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ସୁରୁଖୁରୁରେ ମତଦାନ ସାବ୍ୟସ୍ତ ପାଇଁ କରାଯିବାକୁ ଥିବା ସୁବିଧା ଉପରେ ତର୍ଜମା କରାଯାଇଥିଲା । ଗ୍ରୀଷ୍ମପ୍ରବାହ ପାଇଁ ବୁଥକୁ ଆସି ମତଦାନ ସାବ୍ୟସ୍ତ କରୁଥିବା ଭୋଟରଙ୍କ ପାଇଁ ଉପଯୁକ୍ତ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନିଆଯାଇଛି । ବୈଠକରେ ସନାତନ କେଛୋ, ଅତିରିକ୍ତ ବିଡ଼ିଓ ପ୍ରଜ୍ଞା ପାଣିଗ୍ରାହୀ, ଜିପିଡିଓ ଲାଲମୋହନ ବୁଡେକ ଓ ବ୍ଲକର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ପୂର୍ବତନ ବିଶ୍ୱହିନ୍ଦୁ ପରିଷଦ ସଭାପତିଙ୍କ ବିଜେଡିରେ ଯୋଗଦାନ

ବରଗଡ ,(ସବ୍ୟୁ) : ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଟାଉନ ବିଜେଡି ସଭାପତି କିଶୋର ମିଶ୍ରଙ୍କ ଅଧକ୍ଷତାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବିଜେଡି ନେତା ଅଚ୍ୟୁତାନନ୍ଦ ମହାପାତ୍ର,ପୌର ଅଧକ୍ଷା କଳ୍ପନା ମାଝୀ ପ୍ରମୁଖଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବରେ ଆଇନଜୀବି ତଥା ପୂର୍ବତନ ବିଶ୍ୱ ହିନ୍ଦୁ ପରିଷଦର ସଭାପତି ନିଧୁ ବନ ବିହାରି ପ୍ରସାଦ ପଣ୍ଡା,ବିଜେପି ନେତା ହେମନ୍ତ ପୁରୋହିତ,ଆଇନଜୀବି ସୁଶୀଲ କୁମାର ଶତପଥୀ, ଡ.ସୁମିତ କୁମାର ଦାସ,ବିଜୟ ସତପଥି ,ରାଜେନ୍ଦ୍ର ମହାନ୍ତି,ଅମିୟ ସତପଥି ରୋହିତ ସିଂହ ,ମନୋଜ ନାୟକ, ପ୍ରବୁଦ୍ଧ ଦତ୍ତ ବିତିଆ , ଭୀମ ଅର୍ମି ଜିଲ୍ଲା ସଭାପତି ଆଶିଷ ଗୌତମ,ମହମ୍ମଦ ଅମିନ, ମହମ୍ମଦ ଇଯାଜ ମହମ୍ମଦ ସଲିମ୍, ଲକ୍ଷ୍ମଣ ସୁନା , ଦିଲେଶ୍ୱର ତାଣ୍ଡି ,ସୁଦାମ କୁମ୍ଭାର ପ୍ରମୁଖଙ୍କ ବିଭିନ୍ନ ଦଳର ଶତାଧିକ କର୍ମୀ ବିଜେଡିରେ ଯୋଗଦାନ କରିଥିଲେ ।

# କଂଗ୍ରେସ ଭବନରେ ମିଶ୍ରଣ ପର୍ବ
## ନରସିଂହଙ୍କ ଲୋକପ୍ରିୟତା ଓ ସମରେନ୍ଦ୍ରଙ୍କ ଦକ୍ଷତାରେ ଅନୁପ୍ରାଣିତ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ସ୍ଥିତ ଜିଲ୍ଲା କଂଗ୍ରେସ ଭବନରେ ବିଧାୟକ ନରସିଂହ ମିଶ୍ର ଓ କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ରଙ୍କ ଉପସ୍ଥିତିରେ ବଲାଙ୍ଗିର ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ପୌରାଞ୍ଚଳର ବିଭିନ୍ନ ୱାର୍ଡ, ସଦର ବ୍ଲକ ଓ ଦେଓଗାଁ ବ୍ଲକ ଅଞ୍ଚଳର ପ୍ରାୟ ୩୫୦ରୁ ଉର୍ଦ୍ଧ୍ୱ ବିଜେପି ଓ ବିଜେଡି ଦଳର ଆଗ ଧାଡିର ନେତା ଓ କର୍ମୀ ନିଜ ନିଜ ରାଜନୈତିକ ଦଳ ତ୍ୟାଗ କରି ଆନୁଷ୍ଠାନିକ ଭାବେ କଂଗ୍ରେସ ଦଳରେ ଯୋଗଦାନ କରିଛନ୍ତି । ସେମାନେ କହିଥିଲେ ଯେ ବିଗତ ୧୦ ବର୍ଷରେ ବିଧାୟକ ନରସିଂହ ମିଶ୍ରଙ୍କ ପ୍ରଚେଷ୍ଟାରେ ବଲାଙ୍ଗିର ନିର୍ବାଚନ ମଣ୍ଡଳିରେ ଅନେକ ଗୁଡିଏ ବିକାଶମୂଖି କାର୍ଯ୍ୟ କରାଯାଇଛି ।

ଏଣୁ ଏ ବିକାଶଧାରାକୁ ତ୍ୱରାନ୍ୱିତ କରିବାକୁ ହେଲେ ସମସ୍ତେ ମିଳିମିଶି କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ରଙ୍କୁ ସମର୍ଥନ କରିବାକୁ ପଡିବ । ବିଧାୟକ ଶ୍ରୀ ମିଶ୍ର ଏବଂ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ଯୋଗ ଦେଇଥିବା ସମସ୍ତ ବ୍ୟକ୍ତିଙ୍କୁ ଦଳକୁ ସ୍ୱାଗତ କରିବା ସହ ଏମାନଙ୍କ ଯୋଗଦାନ ଫଳରେ କଂଗ୍ରେସ ଦଳ ଆହୁରି ମଜବୁତ ହେବ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ଅନୁଷ୍ଠିତ ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ଟାଉନ ସଭାପତି ବୁଲୁ ଦାନୀ, ଦଳିତ ନେତା ବିପିନ କୁଶଲିଆ, କାଉସିଲର ପ୍ରଦୀପ ମିଶ୍ର, ଅରବିନ୍ଦ ପରୁଆ, ବିପିନ ଦୀପ ପ୍ରମୁଖ ମଞ୍ଚାସୀନ ଥିଲେ ।

# ରଘୁନାଥ ଜଗଦଳା, ପ୍ରଦୀପ ସେଠିଙ୍କ ନାମାଙ୍କନ ଦାଖଲ

ସୋନପୁର / ବୀରମହାରାଜପୁର, (ସବ୍ୟୁ): ବୀରମହାରାଜପୁର ବିଧାନସଭା ୨୦୨୪ ସାଧାରଣ ନିର୍ବାଚନ ପାଇଁ ଭାରତୀୟ ଜନତା ଦଳ ତରଫରୁ ଆଜି ରଘୁନାଥ ଜଗଦଳା ନାମାଙ୍କନ ପତ୍ର ଦଖଲ କରିଛନ୍ତି । ନାମାଙ୍କନ ଏକ ବିରାଟ ଜନ ସମୁଦ୍ର ଭଳି ଏକ ଶୋଭାଯାତ୍ରା ଚମ୍ପାପୁରରୁ ବାହାରି ବିରାମହରାଜପୁର ଜଗନ୍ନାଥ ମନ୍ଦିରକୁ ଯାଇ ଜଗନ୍ନାଥ ଦର୍ଶନ କରି ବିଭିନ୍ନ ଛକ ଦେଇ ଉପ ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ପତ୍ର ଦାଖଲ କରିଥିଲେ । ନାମାଙ୍କନ ପତ୍ର ଦଖଲରେ ବୀରମହାରାଜପୁର ପଞ୍ଚାୟତ



ସମିତର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ, ନଳିନୀ ପଣ୍ଡା ବୀରମହାରାଜପୁର ବ୍ଲକ, ଉଲୁଣ୍ଡା ବ୍ଲକର ରାଧାକାନ୍ତ ମହାକୁର, ସତ୍ୟବ୍ରତ ମିଶ୍ର, ଅଶୋକ ପୃଷ୍ଟି ,ବିଜୟ ମହାକୁର ପ୍ରମୁଖ ଉପସ୍ଥିତ ଥିଲେ । ଠିକ ସେହିପରି ଆଜି ଦ୍ୱିତୀୟ ପର୍ଯ୍ୟରେ କଂଗ୍ରେସର ବିଧାୟକ ପ୍ରାର୍ଥୀ ଭାବେ ପ୍ରଦୀପ ସେଠି ମଧ ତାଙ୍କ ସମର୍ଥକଙ୍କୁ ଧରି ନାମାଙ୍କନ ପତ୍ର ଦାଖଲ କରିଥିଲେ ।

# ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ସଂପ୍ରସାରଣ କେନ୍ଦ୍ରର ଉପଦେଷ୍ଟା ମଣ୍ଡଳୀ ବୈଠକ

ଭବାନୀପାଟଣା,(ସବ୍ୟୁ): ଭୁବନେଶ୍ୱର ଓୟୁଏଟି ପକ୍ଷରୁ ପରିଚାଳିତ ସ୍ଥାନୀୟ ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ସଂପ୍ରସାରଣ କେନ୍ଦ୍ର, ଭବାନୀପାଟଣାରେ କେନ୍ଦ୍ରର ଉପଦେଷ୍ଟା ମଣ୍ଡଳୀ ବୈଠକ କେନ୍ଦ୍ର ପ୍ରଶିକ୍ଷଣ ହଲଠାରେ ଅନୁଷ୍ଠିତ ହୋଇଯାଇଛି । ଆର୍ ଆର୍ ଟି ଟିଏସ୍. ର ଭାରପ୍ରାପ୍ତ ସହ ନିର୍ଦ୍ଦେଶକ ଡ. ଭବାନୀ ଶଙ୍କର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓୟୁଏଟିର ସହକାରୀ ପ୍ରଫେସର ଡ.ମହାମାୟା ପ୍ରସାଦ ନାୟକ ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା କେନ୍ଦ୍ର ମୁଖ୍ୟ ଡ. ଅମିତାଭ ପଣ୍ଡା, ନୂଆପଡା ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ତଥା କେନ୍ଦ୍ର ମୁଖ୍ୟ ଡ. ଶାଶ୍ୱତୀ ପଟ୍ଟନାୟକ, କଳାହାଣ୍ଡି ଡି ଡି ଏଚ୍. କେ. ମହାଲିଙ୍ଗ, କଳାହାଣ୍ଡି ୱାଟରସେଡ୍ ପ୍ରକଳ୍ପ ନିର୍ଦ୍ଦେଶକ, ପ୍ରଭାକର ନାୟକ, ଏ ଡି ଏ.ଭବାନୀପାଟଣା, ପ୍ରମୋଦ କୁମାର ବେହେରା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ । ଭବାନୀପାଟଣା କୃଷି ମହାବିଦ୍ୟାଳୟର ବିଭିନ୍ନ ବିଭାଗର ସହକାରୀ ପ୍ରଫେସର, କଳାହାଣ୍ଡି କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ଆର୍ ଆର୍ ଟିଟିଏସ୍, କଳାହାଣ୍ଡିର ବୈଜ୍ଞାନିକମାନେ,ବିହନ କର୍ପୋରେସନ ଅଧିକାରୀ ଉପସ୍ଥିତ ଥିଲେ । ୨୦୨୪-୨୫ ବର୍ଷର କାର୍ଯ୍ୟକ୍ରମ ନିମନ୍ତେ ଖସଡ଼ା ପ୍ରସ୍ତୁତି ସହ ଏହାର ସଫଳତା ନିମନ୍ତେ ଆଲୋଚନା କରାଯାଇଥିଲା । ଶେଷରେ ଆରଆରଟିଟି ଏସ୍.ର ବୈଜ୍ଞାନିକ ଡା.ପରାଗ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅସହାୟ ବୃଦ୍ଧ ଗାଡ଼ି ଭଡା ଦେଇ ବ୍ୟାଙ୍କକୁ ଆସି ନିଅନ୍ତି ଭତ୍ତା ଟଙ୍କା

ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତ ଭାଲୁଡୁଙ୍ଗୁରି ଗ୍ରାମର ବୈଦାର ବରିହା (୮୦) ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ପାଇଁ ଗାଡ଼ି ଭଡା କରି ବ୍ୟାଙ୍କରୁ ଟଙ୍କା ନେଉଥିବା ଅଭିଯୋଗ ହେଉଛି । ପ୍ରକାଶ ଯେ ବୈଦାର ବରିହା ପଞ୍ଚାୟତ ପ୍ରଶାସନ ପାଖରୁ ହାତକୁ ହାତ ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ପାଉଥିଲେ । ହେଲେ ସରକାରଙ୍କ ତରଫରୁ ସ୍ୱଚ୍ଛତା ପାଇଁ ବ୍ୟାଙ୍କ ଏକାଉଣ୍ଟ୍ ମାଧ୍ୟମ ରେ ଭତ୍ତା ଟଙ୍କା ଦେବା ପାଇଁ ଆଦେଶ ଆସିଥିଲା । ଏହାପରେ ତାଙ୍କ ଭତ୍ତା ଟଙ୍କା ବ୍ୟାଙ୍କ ଏକାଉଣ୍ଟ୍ ରେ ପଡିଥିଲା । ସେ ଦେହ ଭଲ ଥିବ ସମୟରେ ବ୍ୟାଙ୍କକୁ ଆସି ଭତ୍ତା ଟଙ୍କା ନେଉଥିଲେ । ହେଲେ ଦୈବୀ ଦୁର୍ବିପାକ କାରଣରୁ ତାଙ୍କ ରହୁଥିବା ମାଟି କୁଡିଆ ଘର ବର୍ଷା ପାଣିରେ ବିଗତ କିଛି ବର୍ଷ ହେବ ଭାଙ୍ଗି ଯାଇଥିଲା । ଘର ଭାଙ୍ଗିବା ସମୟରେ ବୃଦ୍ଧ ବୈଦାରଙ୍କ ଦେହରେ ମାଟି ଅତଡା ଖସି ପଡିଥିଲା । ଫଳରେ ତାଙ୍କ ଅଣ୍ଟା ହାଡ ଭାଙ୍ଗିଯାଇଥିଲା । ଅଣ୍ଟା ହାଡ ଭାଙ୍ଗି ଯିବା ପରେ ସେ ଭତ୍ତା ଟଙ୍କା ବ୍ୟାଙ୍କ କୁ ଅଣାଯିବ ପାଇଁ ଅକ୍ଷମ ହୋଇପଡ଼ିଥିଲେ । ତାଙ୍କୁ ସହାୟତା ଦେବା ପାଇଁ କେହି ନଥିବା ରୁ ଗାଡ଼ି ଭଡା କରି ଭତ୍ତା ଟଙ୍କା ବ୍ୟାଙ୍କ କୁ ନେବା ପାଇଁ ଆସୁଥିବା ଅଭିଯୋଗ ହେଉଛି । ତେଣୁ ତାଙ୍କ ଏକାଉଣ୍ଟ ରେ ବହୁ ମାସର ଭତ୍ତା ଟଙ୍କା ରହିଯାଇଥିଲା । ଭତ୍ତା ଟଙ୍କା ପାଇବା ପାଇଁ ଅନେକ ଲୋକଙ୍କୁ ସହାୟତା ମାଗିଥିଲେ । ଶେଷରେ ସେ ଭତ୍ତା ଟଙ୍କା ପଡିବା ପାଇଁ ୫ କିମି ବାଟ ଗାଡ଼ି ଭଡା ରେ ଆଣି ଭତ୍ତା ଟଙ୍କା ନେଇଥିବା ଅଭିଯୋଗ ହେଉଛି । ଏନେଇ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ପଚାରିବାରୁ ତତ୍କାଳୀନ ହାତକୁ ହାତ ଭତ୍ତା ପାଇବା ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଥିଲେ । ଏଦିଗରେ ବ୍ଲକ ପ୍ରଶାସନ ତରଫରୁ ଧ୍ୟାନ ଦେଇ ଅସହାୟ ବୃଦ୍ଧଙ୍କୁ ହାତକୁ ହାତ ବାର୍ଦ୍ଧକ୍ୟ ଭତ୍ତା ଦେବା ପାଇଁ ଦାବି ହେଉଛି ।

# କଳମପୁରରେ ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ପାଳିତ




କଳମପୁର, (ସବ୍ୟୁ): ମଇ ୩ ତାରିଖକୁ ମିଳିତ ଜାତିସଂଘ ଦ୍ୱାରା ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ରୂପେ ଘୋଷଣା କରାଯାଇଥିଲା । ସାମ୍ବାଦିକଙ୍କ ଅଧିକାର ଓ ପ୍ରେସର ମହତ୍ତ୍ୱ ଉପରେ ସରକାରଙ୍କୁ ସ୍ମରଣ କରିବା ଏହି ଦିବସ ସ୍ମରଣୀୟ ବୋଲି ୟୁନାଇଟେଡ଼ ନେସନ୍ସ ଏଜୁକେସନାଲ ସାଇଣ୍ଟିଫିକ ଏଣ୍ଡ କଲଚରାଲ ଅର୍ଗାନାଇଜେସନ ପ୍ରେସ ଫ୍ରିଡମ ପୁରସ୍କାର ପ୍ରଦାନ କରିଛନ୍ତି । ସେଥିପାଇଁ ବିଶ୍ୱର ଯେକୌଣସି ଠାରେ ପ୍ରେସ ସ୍ୱାଧୀନତାର ପ୍ରତିରକ୍ଷା କିମ୍ବା ପ୍ରୋତ୍ସାହନରେ ଏକ ସ୍ୱତନ୍ତ୍ର ଅଧିକାର ଅଛି ବୋଲି ନିଜର ମତବ୍ୟକ୍ତ କରି ସାମ୍ବାଦିକ ଶଙ୍କର୍ଷଣ ବେହେରା ସଭା କାର୍ଯ୍ୟର ପରିଚାଳନା ଆରମ୍ଭ କରିଥିଲେ । କଳମପୁର ଅଞ୍ଚଳର ଜଣେ ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ରନାଥ ନାଏକ ଏଇ ଦିବସ ପାଳନ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ । ଏହା କଳମପୁର ବ୍ଲକ ଅଧିନସ୍ଥ ସାମ୍ବାଦିକ ସମୂହ ଏକତ୍ରିତ ହୋଇ ବିଜୁକଲ୍ୟାଣ ମଣ୍ଡପରେ ପାଳନ କରିଛନ୍ତି । ଅତିଥି ରୂପରେ ଯୋଗଦେଇଥିବା ଛତିଶଗଡ଼ ସରକାର ଠାରୁ ଅବସର ପ୍ରାପ୍ତ ଅବକାରୀ କମିଶନର ଗଙ୍ଗାଧର ମାଝୀ, ଇନ୍ଦ୍ରାବତୀ ମହାବିଦ୍ୟାଳୟର ଅବସର ପ୍ରାପ୍ତ ବରିଷ୍ଠ କିରାଣୀ ବିକ୍ରମ ଯୋଶୀ ଏବଂ ଜୟପାଟଣା ବରିଷ୍ଠ ସାମ୍ବାଦିକ ଶେଷଦେବ ବେହେରାଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ମଞ୍ଚାସୀନ ପାଇଁ ଆମନ୍ତ୍ରଣ କରିଥିଲେ ଶଙ୍କର୍ଷଣ ବେହେରା । ସାମ୍ବାଦିକ ଚକ୍ରଧର ନାଏକ ସ୍ୱାଗତ ଭାଷଣ ଦେଇଥିଲେ । ସାମ୍ବାଦିକ ଲକ୍ଷ୍ମୀରଞ୍ଜନ ବାଗଙ୍କୁ ସାମ୍ବାଦିକ କ୍ଷେତ୍ରରେ ଯୋଗଦାନ ଏକ ଉଦାହରଣ ବୋଲି ମତବ୍ୟକ୍ତ କରି ସୁରେନ୍ଦ୍ର ନାଏକ ଉପଢୌକନ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ । ଶେଷରେ ସାମ୍ବାଦିକ ଗଣେଶରାମ ବାଗ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଶେଷ ବେହେରାଙ୍କ ଦ୍ୱାରା ସାମ୍ବାଦିକ ଭବନର ଶୁଭାରମ୍ଭ କରାଯାଇଥିଲା ।

# ଜିଲ୍ଲାପାଳଙ୍କୁ ୪ଦଫା ଦାବି ପ୍ରଦାନ

କୋରାପୁଟ, (ସବ୍ୟୁ): କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ଅନ୍ତର୍ଗତ ମାଛକୁଣ୍ଡ ଥାନା ନିକଟରେ ୪ଶହରୁ ଉର୍ଦ୍ଧ ଜନତା ମୌଳିକ ସମସ୍ୟାର ସମାଧାନ ପାଇଁ ଧାରଣାରେ ବସିଛନ୍ତି । ଦାବି ମଧ୍ୟରେ ମାଛକୁଣ୍ଡ ଅଞ୍ଚଳରେ ଫୋର୍ ଜି ଟାୱାର ସ୍ଥାପନା, ଉଚ୍ଚ ଶିକ୍ଷା ନିମନ୍ତେ ମାଛକୁଣ୍ଡ ହାଇସ୍କୁଲକୁ ଯୁକ୍ତ ୨ ଶ୍ରେଣୀ ପର୍ଯ୍ୟନ୍ତ ଉନ୍ନୀତ କରିବା, ଲମତାପୁଟ ତହସିଲ କାର୍ଯ୍ୟାଳୟକୁ ମାଛକୁଣ୍ଡକୁ ଫେରାଇ ଆଣିବା, ଅନକାଡେଲି ଚିକିତ୍ସାଳୟରେ ଭଲ ସ୍ୱାସ୍ଥ୍ୟ ସେବା ଯୋଗାଇଦେବ ପ୍ରମୁଖ ଦାବି ରହିଛି । ଧାରଣାର ଦିତୀୟ ଦିନରେ ଲମତାପୁଟ ବିଡ଼ିଓ ଜୟନ୍ତ କୁମାର ମେହେର, ତହସିଲଦାର ଦିବାକର ବାଗ, ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ଦିପ କୁମାର ମେହର ଧାରଣା ସ୍ଥାନରେ ପହଂଚି ପଞ୍ଚାୟତ ବାସୀଙ୍କ ସହ ଆଲୋଚନା କରିଥିଲେ । ଦୀର୍ଘ ସମୟ ଧରି ଆଲୋଚନା ହୋଇଥିବା ପରେ ମଧ କୌଣସି ସୁଫଳ ମିଳିନଥିଲା । ପରେ ବିଡ଼ିଓ ୪ ଦଫା ଦାବିକୁ ନେଇ ଧାରଣାରେ ବସିଥିବା ବିଷୟକୁ କୋରାପୁଟ ଜିଲ୍ଲାପାଳ ଭି କିର୍ତିଭାସନଙ୍କୁ ଜଣାଇଥିଲେ ।

ଜିଲ୍ଲାପାଳ ଏ ବିଷୟଟିକୁ ଅତି ଗୁରୁତ୍ୱପୂର୍ଣ୍ଣ ଭାବେ ଦୃଷ୍ଟିରେ ରଖି ପଞ୍ଚାୟତବାସୀଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିବା ପାଇଁ ଜଣାଇଥିଲେ । ରବିବାର ଷଷ୍ଠ ଦିନରେ ଚିକେନପୁଟ୍ ଓ ଅନକାଡେଲି ପଞ୍ଚାୟତର ୨୦ରୁ ଉର୍ଦ୍ଧ ଲୋକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କୋରାପୁଟ ଠାରେ ପହଂଚି ଜିଲ୍ଲାପାଳଙ୍କୁ ଭେଟି ୪ ଦଫା ସମ୍ବଳିତ ଦାବିକୁ ନେଇ ଆଲୋଚନା କରିଥିଲେ ।

ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ମିଳିବା ପରେ ପଞ୍ଚାୟତବାସୀ ନିଜ ନିଜର ଗ୍ରାମକୁ ଫେରିଛନ୍ତି । ଆସନ୍ତା କାଲି ଏହି ସାକ୍ଷାତକାର ବିଷୟରେ ଧାରଣାରତ ଥିବା ଅଞ୍ଚଳବାସୀଙ୍କ ସହ ଆଲୋଚନା ପରେ ଏହି ଧାରଣାକୁ ଆସନ୍ତା ନିର୍ବାଚନ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇପାରିବ ବୋଲି ପଂଚାୟତ ବାସୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ଆଜିର ଏହି ସାକ୍ଷାତକାରେ ଡୁଡୁମା ମାନବିକ ଅଧିକାର ବାହିନୀ ନିରଞ୍ଜନ ନାୟକ,ଅରୁଣ ପାତ୍ର,କୈଳାସ ଜେନା,ଟି.ଶଙ୍କର ରାଓ,ଭି.ବି. ଦିନେଶ,ଇ.ଆର. ସାଇ, ଶିବ ଶଙ୍କର ନାୟକ, ଚିରଞ୍ଜିବି ମହାନ୍ତି ଓ ଚିକେନପୁଟ ସରପଞ୍ଚ ସୁନାଧର ମୁଦୁଲି ଏବଂ ଗ୍ରାମ ପଂଚାୟତ ଅଫିସର ସୁରେଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତିରେ ଦାବିପତ୍ର ପ୍ରଦାନ କରାଯାଇଥିଲା ।

# ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନକୁ ରୋକିବାରେ ସଫଳ ହୋଇଛି ଟିପିଡବ୍ଲୁଓଡିଏଲ

ସମ୍ବଲପୁର,(ସବ୍ୟୁ): ଟିପିଡବ୍ଲୁଓଡିଏଲ୍ ଏହାର ଗ୍ରାହକମାନଙ୍କୁ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ପରିଚାଳନା ଏବଂ ରକ୍ଷଣାବେକ୍ଷଣ କ୍ଷେତ୍ରରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରୁଛି । କେବୁଲ ଫଲ୍ଟ ଲୋକେଟର୍ ଟେକ୍ନୋଲୋଜିର ବ୍ୟବହାର ଦ୍ୱାରା ଚାରପଡା ଠାରେ ରେଲୱେ ଟ୍ରାକ ତଳେ ଯାଇଥିବା ସମ୍ବଲପୁର-ଝାରସୁଗୁଡା ଅଣ୍ଡରଗ୍ରାଉଣ୍ଡ ୩୩ କେ.ଭି. ବିଦ୍ୟୁ ତାରରେ ଥିବା ତ୍ରୁଟିର ସଠିକ୍ ସ୍ଥାନ ନିରୂପଣ କରିବା ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, କଟରବଗା ଫିଡରରୁ ସଂଯୋଗ ହୋଇଥିବା ଏହି ଅଣ୍ଡରଗ୍ରାଉଣ୍ଡ୍ ୩୩ କେ.ଭି. ବିଦ୍ୟୁ ତାର ଦ୍ୱାରା ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଅନ୍ତର୍ଗତ କଟରବଗା, ଟାମ୍ପରକେଲା, ପ୍ରଧାନପାଲି, ଗୁଲମାଲ, ବାସୁପାଲି, ଝାଙ୍କରପାଲି ଏବଂ ଚାରୋଟି ଶିଳ୍ପ ଅଞ୍ଚଳର ବିଦ୍ୟୁ ଗ୍ରାହକମାନଙ୍କୁ ବିଦ୍ୟୁତ ଯୋଗାଣ ହୋଇଥାଏ । ମାତ୍ର ଟିପିଡବ୍ଲୁଓଡିଏଲର ଟିମ୍ ଆଡ଼ଭାନ୍ସ କେବୁଲ ଫଲ୍ଟ ଲୋକେଟର୍ ଟେକ୍ନୋଲୋଜିର ବ୍ୟବହାର କରି ଏହି ୩୩ କେ.ଭି. ଲାଇନରେ ତ୍ରୁଟିର ସଠିକ୍ ସ୍ଥାନ ଚିହ୍ନଟ କରିବା ସହିତ ମାତ୍ର ୮ ଘଣ୍ଟା ମଧ୍ୟରେ ଏହି ତ୍ରୁଟି ସମାଧାନ କରିପାରିଛି । ଯଦି ତ୍ରୁଟି ଚିହ୍ନଟ ପ୍ରକ୍ରିୟା ପାଇଁ ପାରମ୍ପରିକ ଉପାୟ ଅବଲମ୍ବନ କରାଯାଇଥାନ୍ତା, ତେବେ ଏହି ତୃଟିର ସମାଧାନ ପାଇଁ ପାଖାପାଖି ୧୫ରୁ ୨୦ ଦିନ ସମୟ ଲାଗିଥାନ୍ତା । କାରଣ ଉକ୍ତ ପ୍ରଭାବିତ ଅଞ୍ଚଳଗୁଡିକକୁ ବିଦ୍ୟୁତ ଯୋଗାଣର କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ । ସେହିପରି ତ୍ରୁଟି ଚିହ୍ନଟ ପ୍ରକ୍ରିୟା ପାଇଁ ପାରମ୍ପାରିକ ଉପାୟରେ ପ୍ରାୟ ୧୦୦ ମିଟର ଲମ୍ବା ପର୍ଯ୍ୟନ୍ତ ଟନେଲ ଖୋଳିବା ପାଇଁ ପଡିଥାନ୍ତା । ମାତ୍ର ଏହି ଆଡ଼ଭାନ୍ସ ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ମାତ୍ର ୬.୪ କିଲୋମିଟର ଟନେଲ ଖୋଳାଯାଇ ତ୍ରୁଟି ସମାଧାନ କରାଯାଇପାରିଛି ।

# ଝାରସୁଗୁଡା ଜିଲ୍ଲାର କ୍ୟାନସର ରୋଗୀ ସଂଖ୍ୟା ଚିନ୍ତାଜନକ

ଝାରସୁଗୁଡା, (ସବ୍ୟୁ): ଝାରସୁଗୁଡା ଜିଲ୍ଲାରେ ଶିଳ୍ପ ଓ କୋଇଲା ଖଣିକୁ କେନ୍ଦ୍ର କରି ପରିବେଶ ଦୂଷିତ ହୋଇଛି । ଝାରସୁଗୁଡା ଜିଲ୍ଲାର ବାୟୁମଣ୍ଡଳ, ମାଟି, ପାଣି ସବୁ ଦୂଷିତ ହୋଇଛି । ଏପରି ଏକ ପରିବେଶ ସୃଷ୍ଟି ହୋଇଛି । ଯାହା କି ଝାରସୁଗୁଡା ଜିଲ୍ଲା ଭାରତ ବର୍ଷ ରେ ୬ନମ୍ବର କ୍ୟାନସର ରୋଗୀ ସଂଖ୍ୟା ହିସାବରେ ପରିଗଣିତ ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି । ଲୋକ ପ୍ରତିନିଧି ଓ ପ୍ରଶାସନର ଶିଳ୍ପ ସ୍ଥାପନ ନାମରେ ଅଳ୍ପ ସମୟ ମଧ୍ୟରେ ପ୍ରଚୁର ଅର୍ଥ ରୋଜଗାର କରିବାର ମନୋଭାବ ହିଁ ପ୍ରଦୂଷଣର କାରଣ ହୋଇଛି । ଜଙ୍ଗଲ ଓ ଗଛଲତା ଧ୍ୱଂସ । ଗଛ ଅଙ୍ଗାରକାମ୍ଳ ନେଇ ଅମ୍ଳଜାନ ଛାଡେ । ମଣିଷ ଓ ପ୍ରାଣୀମାନେ ଅମ୍ଳଜାନ ଗ୍ରହଣ କରି ଅଙ୍ଗାରକାମ୍ଳ ଛାଡନ୍ତି ।

ଜଙ୍ଗଲ ଓ ଗଛଲତା ଧ୍ୱଂସ ହୋଇ ଯିବାରୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ କ୍ରମେ ଅଧିକା ହୋଇଯାଉଛି । ଯବକ୍ଷାରଜାନ ମଧ୍ୟ ବୃଦ୍ଧି ଲାଭ କରୁଛି । ପୁନଶ୍ଚ ନାନାବିଧ ଶିଳ୍ପ-ପ୍ରତିଷ୍ଠା ଫଳରେ ବାୟୁ ମଣ୍ଡଳରେ ଅଙ୍ଗାରକାମ୍ଳ କ୍ରମେ ଅଧିକା ହେଉଛି । ବ୍ରଜରାଜନଗର ଅଞ୍ଚଳରେ ଥିବା ମହାନଦୀ କୋଇଲା ଖଣି ଯଥା ଓରିଏଣ୍ଟ ଅଣ୍ଡରଗ୍ରାଉଣ୍ଡ -୩ ବହୁ ବର୍ଷରୁ ବନ୍ଦ ଥିବା ୯୩୦ ଏକର କୋଇଲା ଖାଦାନ ଚଳିତ ବର୍ଷ ଖୋଲା ମୁହିଁ ଖଣିରେ ପରିଣିତ ହେବ । ଏହା ହେବା ଦ୍ୱାରା ଶହଶହ ମଣ୍ଡଳିୟା ଅଞ୍ଚଳରେ ଥିବା ଗଛମାନ କଟା ହେବ । ଖୋଲାମୁହିଁ ମାଇନସ୍ ହେଲେ ଏଠାରେ ୬୨୮.୮୫ ଜଙ୍ଗଲ ଜମି ,ସରକାରୀ ବିନା ଜଙ୍ଗଲ ୮୪.୭୬ ଏକର ପ୍ରଜାସ୍ୱତ୍ୱ ୨୧୬.୪୦ ରହିଛି । ଏହାକୁ ଖୋଲାମୁହିଁ ଖାଦାନ କରିବା ପାଇଁ ଗତ ୨୩ ମାର୍ଚ୍ଚ ମାସରେ ଟେଣ୍ଡର ହୋଇଥିଲା । ଏହି ଟେଣ୍ଡରରେ ଓରିଏଣ୍ଟ ରିସୋର୍ଶ କୋଲ

## ପ୍ରଦୂଷଣରେ ଅସ୍ତବ୍ୟସ୍ତ ଜନତା

ପ୍ରାଇଭେଟ୍ ଲିମିଟେଟ୍ କଲିକତା ଠିକାରେ ପାଇଛି । ଯାହର କି ବ୍ରଜରାଜନଗର ଅଞ୍ଚଳରେ ସର୍ଭେ କାର୍ଯ୍ୟ ଆରମ୍ଭ କରିଛି । ଏହା କାର୍ଯ୍ୟକ୍ଷମ ହେଲେ ବ୍ରଜରାଜନଗର ଅଞ୍ଚଳରେ ରହିବା ଅସମ୍ଭବ ହେବ । ବିଶେଷ କରି ମଣ୍ଡଳିଆ ଅଞ୍ଚଳ ବାସୀ କ୍ଷିତିଗ୍ରସ୍ତ ହେବେ । ଏହାକୁ ବିରୋଧ କରି ଆନ୍ଦୋଳନ ପାଇଁ ପ୍ରସ୍ତୁତି ଦାନା ବାନ୍ଧିଲାଣି । ଜିଲ୍ଲାରେ ଶିଳ୍ପ ସଂସ୍ଥାରୁ ଏବଂ କୋଇଲା ଖାଦାନ ଅଞ୍ଚଳରୁ ଯାନ ବାହାନରୁ ନିର୍ଗତ ବିକୃତ ଗନ୍ଧ ଯୁକ୍ତ ବାଷ୍ପର ଆକ୍ରାନ୍ତରେ ସାରା ଅଞ୍ଚଳର ବାୟୁ ମଣ୍ଡଳର ପ୍ରଚଣ୍ଡ ଭାବରେ ପ୍ରଦୂଷଣ ।

ଶିଳ୍ପ କାରଖାନାରୁ ଅଳିଆ ଆବର୍ଜନା ଜଳ ସଙ୍ଗେ ମିଶି ଯେଉଁ ପ୍ରଦୂଷଣ ସଙ୍କଟ ସୃଷ୍ଟି ହୋଇ ତାହା ସେହି ଅଞ୍ଚଳବାସୀ ଭୋଗ କରୁଛନ୍ତି । ଶିଳ୍ପ ଖଣି ନିର୍ମାଣ ପାଇଁ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଗଛକଟା ହୋଇଛି । ଫଳରେ ଖରା ଦିନେ ଝାରସୁଗୁଡା ଜିଲ୍ଲାରେ ସର୍ବଦା ୪୦ଡିଗ୍ରି ଉପରେ ତାପମାତ୍ର ରହୁ ଥିବା ବେଳେ ଜିଲ୍ଲାରେ ଥିବା କୋଇଲା ଖାଦାନ ଅଞ୍ଚଳରେ ତାପ ମାତ୍ରା ୨ ରୁ ୩ ଡିଗ୍ରି ଅଧିକ ଅନୁଭୂତ ହୋଇଥାଏ ।

ଝାରସୁଗୁଡା ଏବଂ ସମ୍ବଲପୁର ଜିଲ୍ଲାରେ ଏନ୍.ଏଲ.ସି ୩୨୦୦ ମେଗାୱାଟର ପାୱାର ପ୍ଲାଣ୍ଟ ଓ ୧୫୧୧ ଏକର ଜମି ଉପରେ କୋଇଲା ଖାଦାନ କରୁଛି । ୧୨୦୦ ମେଗାୱାଟ ର ପାୱର ଏଠାରୁ ତାମିଲନାଡୁ,ପଣ୍ଡିଚେରି,ଓ କେରଳ ଯିବ । ଝାରସୁଗୁଡା ଏବଂ ସମ୍ବଲପୁର ଜିଲ୍ଲାର ଜନସାଧାରଣ ପ୍ରଦୂଷଣର ଶିକାର ହେବେ । ସେହିପରି ବେଦାନ୍ତ ୨୪୦୦ମେଗାୱାଟର ପାୱାର ପାଣ୍ଟ । ଓ.ପି.ଜି.ସି.୧୭୦୦ ମେଗାୱାଟର ପାୱର ଉତ୍ପାଦନ କରିବ । ଆଦିତ୍ୟ ବିର୍ଲାର ଆଦିତ୍ୟ ଆଲୁମନିୟମ ୯୦୦ ମେଗାୱଟର ପାୱାର, ହିରାକୁଦ ୪୬୭.୫ ମେଗାୱାଟର ପାୱର,ଭୂଷଣ ୫୦୬ ମେଗାୱଟର ପାୱାର,ଶ୍ୟାମ ଡିଆରଆଇ ୧୨୭ମେଗାୱାଟ ର ପାୱାର ଉତ୍ପାଦନ ଆନୁମାନିକ ଉଭୟ ଜିଲ୍ଲାରେ ହେଉଛି ।

ପରିବେଶବିତ୍ ଝାରସୁଗୁଡା ପରିବେଶକୁ ନେଇ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି । ଯଦି ପରିବେଶ ପ୍ରତିଦୃଷ୍ଟି ଦିଆ ନଯାଏ ଝାରସୁଗୁଡାର ଭବିଷ୍ୟତ ଅନ୍ଧକାର ହୋଇଯିବ । ବାୟୁ ମଣ୍ଡଳରେ ଗ୍ରିନହାଇସ ଗ୍ୟାସ ବହୁତ ମାତ୍ରାରେ ବଢିଯିବ ଯାହାଦ୍ୱାରା ତପମାତ୍ରା ଝାରସୁଗୁଡା ଅଞ୍ଚଳରେ ବଢିବ । ଏହି ବାୟୁମଣ୍ଡଳକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କଲେ ମଧ୍ୟ ଏହାର ପ୍ରଭାବ କମିବ ନାହିଁ । ବାୟୁ ମଣ୍ଡଳରେ ଧୂଳିକଣା ମାତ୍ରା ଷ୍ଟାଣ୍ଡ ଠାରୁ କମ ରହିଲେ ବି ଜିଲ୍ଲାରେ ଥିବା କାରଖାନା ଗୁଡିକର (କଲେଟିଭ ଏମିସନ) ନିର୍ଗତ ହେଉଥିବା ଧୂଳିକଣା ଚାରି ପାର୍ଶ୍ୱରେ ଆମ୍ବିଏଣ୍ଟଏୟାର ଉକ୍ରର୍ଷର ସ୍ତର ଠାରୁ ଅଧିକ ରହିବ । ଏମିତିକି ବର୍ତ୍ତମାନ ଝାରସୁଗୁଡା ଏକ କ୍ରୀଟିକାଲ ପ୍ରଦୃଷିତ ଅଚଂଳ ଓ ପରିବେଶ ସମ୍ବେଦନଶୀଳ ଜୋନ ଭାବରେ ସରକାରୀ ଘୋଷଣା କରାଯାଇଛି । ନୂତନ ଭାବରେ ଜିଲ୍ଲା କୁ ଆସୁଥିବା ଶିଳ୍ପସଂସ୍ଥାକୁ ବର୍ତ୍ତମାନର ବାୟୁମଣ୍ଡଳ ସାମାର୍ଥ୍ୟ ନାହିଁ,ଯାହାକି ପରିବେଶକୁ ନିୟନ୍ତ୍ରିତ କରିପାରିବ । ବାୟୁମଣ୍ଡଳ ରେ ଅଙ୍ଗାରକାମ୍ଳ ଓ ଯବକ୍ଷାରଯାନ ବୃଦ୍ଧି ପାଉଥିବାରୁ ବାୟୁ ମଧ୍ୟ ଉତ୍ତପ୍ତ ହୋଇ ଯାଉଛି । ବହୁ ପରିମାଣ ରେ କ୍ଲୋରୋ-ଫ୍ଲେରୋକାରବନ୍ ବାୟୁ ମଣ୍ଡଳକୁ ଯାଉଥିବାରୁ ଏହା ଉର୍ଦ୍ଧ୍ୱ ସ୍ତର ରେ ଘନୀଭୂତ ବଳୟ ସୃଷ୍ଟି କରିଦେଇଛି ।

ପରିବେଶବିତ୍ କହନ୍ତି ଯେ ଝାରସୁଗୁଡା ଜିଲ୍ଲାରେ ପ୍ରଦୂଷଣର ମାତ୍ରା ନ୍ୟାସନାଲ ଆମ୍ବିଏଣ୍ଟ ଏୟାର କ୍ୱାଲିଟି ମାନଦଣ୍ଡ,ଶ୍ୱାସ ପ୍ରଶ୍ୱାସରେ ନେଉଥିବା ବାୟୁର ଧୂଳିକଣାର ମାତ୍ରା ୯୦ଭାଗ ଅଟେ । କିନ୍ତୁ ୬୦ ଭାଗ ରହିବା କଥା । ଝାରସୁଗୁଡା ଜିଲ୍ଲାରେ ବିଦ୍ୟୁତ ଶକ୍ତିର ଉତ୍ପାଦନ ପାଇଁ ବ୍ୟବହାର ହେଉଥିବା କୋଇଲାରେ ୩୪ଭାଗ ରୁ ଅଧିକା ପାଉଁଶ ରହୁଛି । ଏହି କୋଇଲା ପାୱାର ପାଣ୍ଟ ରେ ଜଳିବା ପରେ ବର୍ଜ୍ୟବସ୍ତୁ ହିସାବରେ ବହୁମାତ୍ରାରେ ପାଉଁଶ ନିର୍ଗତ ହେଉଛି । ଉଦାହରଣ ସ୍ୱରୂପ କାରଖାନାରେ ଲାଗିଥିବା ଇ.ଏସ.ପି. ଯାହାକି ପାଉଁଶକୁ ସଂଗ୍ରହ କରିଥାଏ । କିନ୍ତୁ ଇଏସପି ସଠିକ ଭାବରେ ୨୪ଘଣ୍ଟା କାମ ନକରିବା କିମ୍ବା ଯାନ୍ତ୍ରିକ ତୃଟି ଯୋଗୁ ସାମୟିକ ସମୟ ପାଇଁ ଅତିରୁ ଅତି ମାତ୍ରାରେ ପାଉଁଶ ନିର୍ଗତ ଚିମିନି ଦ୍ୱାରା ହୋଇ ଥାଏ । ଏପର୍ଯ୍ୟନ୍ତ ଏହି ସାମୟକ ସମୟ ପାଇଁ ନିର୍ଗତ ହୋଇଥିବା ପାଉଁଶକୁ ନିୟନ୍ତ୍ରଣ କରିବାପାଇଁ କୌଣସି ଯାନ୍ତ୍ରୀକ ବ୍ୟବସ୍ଥା କରାଯାଇ ନାହିଁ । ବୁଦ୍ଧିଜିବି ମାନେ ଏଥିପ୍ରତି ଗଭୀର ଚିନ୍ତା କରିବା ସମୟ ଅବତୀର୍ଣ୍ଣ । ନଚେତ ଆଗାମି ପିଢ଼ୀ ପାଇଁ ଭାବିବାକୁ ଆଉ ସମୟ ନଥିବ ।

# ଲଳିତ ନାୟକ ଫାଉଣ୍ଡେସନ ପକ୍ଷରୁ ଶ୍ରମିକ ଦିବସ ପାଳିତ
## ବିଶିଷ୍ଟ ଶ୍ରମିକ ନେତାଙ୍କ ତ୍ୟାଗକୁ ମନେ ପକାଇଲେ



ବଲାଙ୍ଗିର, (ସବ୍ୟୁ): ବଲାଙ୍ଗିର ସହର ନିକଟସ୍ଥ କେବିକେ ଆଇଟିଆଇ ଠାରେ ବୁଧବାର ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଲଳିତ ନାୟକ ଫାଉଣ୍ଡେସନର ଅଧ୍ୟକ୍ଷ ତଥା ଶ୍ରମିକ ନେତା ଦୀପକ ରଞ୍ଜନ ନାୟକ(ବାବୁଲୁ) ନାୟକ ଆୟୋଜିତ ସଭାକୁ ସଭାପତିତ୍ୱ କରିଥିଲେ। ସଭା ପୂର୍ବରୁ ଶ୍ରମିକ ନେତା ସ୍ୱର୍ଗତ ଲଳିତ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଖଟିଖିଆ ଶ୍ରମିକ ମାନଙ୍କ ତ୍ୟାଗ ଓ କର୍ମକୁ ଲଳିତ ନାୟକ ନିଜେ ହୃଦୟଙ୍ଗମ କରି ଶ୍ରମିକ ମାନଙ୍କ ସ୍ୱାର୍ଥ, ସୁରକ୍ଷା ଓ ଅଧିକାର ପାଇଁ ଅହରହ ଉଦ୍ୟମ କରି ଲଢେଇ କରୁଥିଲେ ବୋଲି ସଭାରେ ମତପ୍ରକାଶ ପାଇଥିଲା। ଆଗାମୀ ଦିନରେ ଶ୍ରମିକ ସଂଗଠନକୁ ନେତୃତ୍ୱ ନେଉଥିବା ଦୀପକ ରଞ୍ଜନ (ବବୁଲୁ)ଙ୍କୁ ସବୁ ପ୍ରକାର ସମର୍ଥନ କରାଯିବ ବୋଲି ଉପସ୍ଥିତ ବିଭିନ୍ନ ସଙ୍ଗଠନ ମାନେ ମତ ରଖିଥିଲେ । ସୌମ୍ୟ ରଞ୍ଜନ ମିଶ୍ର ସଭାକୁ ସଂଯୋଜନା କରିଥିଲେ । ସମ୍ମାନୀତ ଅତିଥି ଭାବେ ଶ୍ରମିକନେତା ପ୍ରଭାକର ମିଶ୍ର ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ କାଶ୍ୟପ ସେଠ୍, ଲିକୁନ ଭୋଇ, ମେଘନାଥ ବାରିକ୍, ଦିଲିପ ସେଠ୍ , ଭୀମସେନ ନାଏକ, ପାହାଡା ତାଣ୍ଡି, ପଞ୍ଚମନ ଭୋଇ ପ୍ରମୁଖ ସମେତ ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ବିବେକାନନ୍ଦ ପଟେଲ ଧନ୍ୟବାଦ ଦେଇଥିଲେ।

# ସ୍ୱଭାବକବି ଗଙ୍ଗାଧର ମେହେର

**ଅକ୍ଷୟ କୁମାର ରାଉତ**

ସ୍ୱଭାବ କବି ଗଙ୍ଗାଧରଙ୍କର ପ୍ରତି କାବ୍ୟରେ ବାରିହୋଇ ପଡେ । ପ୍ରକୃତି ଜଗତର ଅନିନ୍ଦ୍ୟ ଶୋଭାର ରୂପାୟନ । କେଉଁଠି ଦେଖିବାକୁ ମିଳେ ପ୍ରକୃତି ବିଭବର ଜୀବନ୍ତ ପରିକଳ୍ପନା, ନୈସର୍ଗିକ ଶୋଭାର ମନୋହାର ଆଲେଖ୍ୟ ଓ ଚରିତ୍ରର ପରିସ୍ଫୁଟନ ପାଇଁ ପ୍ରକୃତି ଜଗତରୁ ସାମ୍ୟମୂଳକ ବା ପାର୍ଥକ୍ୟମୂଳକ ଦୃଷ୍ଟାନ୍ତ । କବି ଯେଉଁଠି ପ୍ରକୃତି ବିଭବର ଜୀବନ ରୂପାୟନ କରିଛନ୍ତି ,ସେଠାରେ ଦେଖିବାକୁ ମିଳେ ପ୍ରକୃତି ବିଭାବରେ ବ୍ୟକ୍ତିତ୍ୱର ଆରୋପ । କେଉଁଠି ତାକୁ ହସାଇଛନ୍ତି, କନ୍ଦାଇଛନ୍ତି, ରଗାଇଛନ୍ତି ଓ କଥା କୁହାଇ ଗତିଶୀଳ କରାଇଛନ୍ତି। ଏହି ମହାନ କବି ସମ୍ବଲପୁର ଜିଲ୍ଲାର ବରପାଲୀ ଗ୍ରାମର ଗୋଟିଏ ଗରିବ ତନ୍ତୁବାୟ ପରିବାରରେ ୧୮୬୨ ମସିହା ଅଗଷ୍ଟ ୯ ତାରିଖ ଶ୍ରାବଣ ପୂର୍ଣ୍ଣମା ଓ କର୍କଟ ୨୬ ଦିନ ଶନିବାର ରାତି ୧୧.୩୦ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଚୈତନ୍ୟ ମେହେର ଓ ମାତାଙ୍କ ନାମ ସେବତୀ, ତାଙ୍କର ପିତାମହ ସଦାଶିବ ସମ୍ବଲପୁର ସହରରେ ବସବାସ କରୁଥିଲେ । କିନ୍ତୁ ପ୍ରପିତାମହ କେଶବ ମେହେର ବରପାଲିରେ ବାସ କରୁଥିଲେ । ଗଙ୍ଗାଧରଙ୍କ ଉପରେ ବିଜୁଳି ଓ ତଳେ ଡାଳିମ୍ବ ନାମରେ ଦୁଇଭଉଣୀ ଥିଲେ । ଗଙ୍ଗାଧରଙ୍କ ବାଲ୍ୟକାଳ ଏକ ଆଧ୍ୟାତ୍ମିକ ଗାଉଁଲି ପରିବେଶ ମଧ୍ୟରେ କଟିଥିଲା । ପ୍ରତିଦିନ ସେ ପିତାମହ ସଦାଶିବଙ୍କ ସାଙ୍ଗରେ ଜଗନ୍ନାଥ ମନ୍ଦିରକୁ ଯାଉଥିଲେ ଓ ସଂକୀର୍ତ୍ତନରେ ଭାଗ ନେଉଥିଲେ । ସେ ପିଲାଟିବେଳରୁ ନମ୍ର, ଶାନ୍ତ ଓ ସରଳ ସ୍ୱଭାବର ଥିଲେ ।

ଗଙ୍ଗାଧରଙ୍କ ପିତା ଚୈତନ୍ୟଙ୍କୁ ପିତାମହ ସଦାଶିବ ଭିନ୍ନେ କରିଦେବାରୁ, ଗଙ୍ଗାଧରଙ୍କ ପାଠପଢା ବିଳମ୍ବ ଘଟିଥିଲା । ସେ ସାତବର୍ଷ ବୟସରେ ଗ୍ରାମ ଚାଟଶାଳୀରେ ଅଧ୍ୟୟନ ଆରମ୍ଭ କଲେ । କିନ୍ତୁ ଚାଟଶାଳୀଟି ଭାଙ୍ଗିଯିବାରୁ ତାଙ୍କ ପିତା ବରପାଲୀସ୍ଥ ବ୍ରାଞ୍ଚ ସ୍କୁଲରେ ଗଙ୍ଗାଧରଙ୍କୁ ପାଠ ପଢାଇଲେ । ଦାରିଦ୍ର୍ୟର ଦାରୁଣ କଷାଘାତରେ ନିଷ୍ପେଷିତ ହୋଇଥିବାରୁ ପାଠପଢାରେ ତାଙ୍କର ବହୁବାଧା ସୃଷ୍ଟି ହେଲା । ତେଣୁ ସେ ପାଠ ପଢିବା ସମୟରେ ତନ୍ତରେ ଲୁଗାବୁଣି ପରିବାରର ଭରଣପୋଷଣ ପାଇଁ ପିତାଙ୍କୁ ସାହାଯ୍ୟ କରୁଥିଲେ ।

ତାଙ୍କର ହସ୍ତାକ୍ଷର ସୁନ୍ଦର ହୋଇଥିବାରୁ ସେ ଲେଖି କିଛି ଅର୍ଥ ମଧ୍ୟ ଉପାର୍ଜନ କରୁଥିଲେ । ସେ କାଳରେ ବାଲ୍ୟବିବାହ ପ୍ରଥା ପ୍ରଚଳିତ ଥିଲା । ତେଣୁ ତାଙ୍କର ପିତା ଗଙ୍ଗାଧରଙ୍କୁ ଦଶ ବର୍ଷ ବୟସରେ ମଣ୍ଡା ଗ୍ରାମର ଶାନ୍ତାଙ୍କୁ ବିବାହ କରିଦେଲେ । ବ୍ରାଞ୍ଚ ସ୍କୁଲରେ ଶିକ୍ଷା ସମାପ୍ତ କରି ଗଙ୍ଗାଧର ସ୍ଥାନୀୟ ମେଡିକାଲ ଭର୍ଣ୍ଣାକୁଲର ସ୍କୁଲରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଲେ । ଉକ୍ତ ଦାରିଦ୍ର୍ୟ ଯୋଗୁଁ ସେ ପୁସ୍ତକ କ୍ରୟ କରିପାରୁ ନଥିଲେ । ପାଠ ପଢା ସମୟରେ ସେ ତିନିଟଙ୍କା ଆଠ ଅଣା ଖର୍ଚ୍ଚ କରିଥିଲେ ।

ଗଙ୍ଗାଧରଙ୍କର 'ଦୁର୍ବାକ୍ଷତ' ବିଧାନ ୧୮୭୮ ମସିହାରେ ହେଲା । ତାଙ୍କର ପତ୍ନୀ ଶାନ୍ତାରେ ମଣ୍ଡାରୁ ବରପାଲି ଆସିଲେ, ଗଙ୍ଗାଧରଙ୍କର ଗୃହସ୍ଥ ଜୀବନ ଆରମ୍ଭ ହେଲା। ପରିବାର ପୋଷଣର ଭାର ଗଙ୍ଗାଧରଙ୍କ ଉପରେ ନ୍ୟସ୍ତ ହେଲା । ଏଣିକି ତନ୍ତ ଚାଳନାରେ ଗଙ୍ଗାଧର ବହୁ ସମୟ ବିନିଯୋଗ କଲେ । ଉତ୍କୃଷ୍ଟ ବୟନଶିଳ୍ପୀ ଭାବେ ଗଙ୍ଗାଧର ସୁଖ୍ୟାତି ଲାଭ କଲେ । ଠିକ୍ ଏତିକିବେଳକୁ ଘରପୋଡିରେ ତନ୍ତ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ଉପକରଣ ପୋଡିଗଲା । ଗଙ୍ଗାଧରଙ୍କ ଦାରିଦ୍ର , ବେଡି ଉପରେ ନଳିତାବିଡା ପରି ହୋଇଉଠିଲା । ପରେ ଗଙ୍ଗାଧର ତନ୍ତ ଓ ଉପକରଣଗୁଡିକୁ ପଡୋଶୀମାନଙ୍କ ଠାରୁ ଯୋଗାଡ କରିଥିଲେ ।

୧୮୮୫ ମସିହାରେ ଗଙ୍ଗାଧର ବରପାଲୀ ଜମିଦାରଙ୍କ ଅଧିନରେ ଜଣେ ସାଧାରଣ ଅମିନ ଭାବରେ ଚାକିରିରେ ଯୋଗ ଦେଲେ । ପରେ ଜମିଦାରଙ୍କ ମାଲ ମୋହରିର ସହିତ ଖମାର ଓ ବଜାର ହିସାବ ମଧ୍ୟ ବୁଝୁଥିଲେ । ସେଥିପାଇଁ ସେ ମାସିକ ୭ ଟଙ୍କା ଦରମା ପାଉଥିଲେ । ଗଙ୍ଗାଧର କିଛିବର୍ଷ ପରେ ୧୫ ଟଙ୍କା ଦରମାରେ ଜୁଡିସିଆଲ ମୋହରିର ଭାବରେ ସରକାରୀ ଚାକିରିରେ ଯୋଗ ଦେଲେ । ପଦ୍ମପୁରରେ କାମକଲା ବେଳେ ସେ ମାସିକ ୩୫ ଟଙ୍କା ଦରମା ପାଉଥିଲେ । ଏହି ପଦ୍ମପୁରରୁ ଚାକିରିରୁ ଅବସର ଗ୍ରହଣ କରିଥିଲେ ।

ଓଡିଆ ଭାଷାର ସ୍ୱତନ୍ତ୍ର ନିମିତ ଗଙ୍ଗାଧର ଉତ୍କଳ ସମ୍ମିଳନୀର ଭିନ୍ନ ଭିନ୍ନ ଅଧିବେଶନରେ ଯୋଗ ଦେଇଥିଲେ । କଟକର ଇଦ୍‌ଗା ପଡିଆରେ ୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ରେ ହୋଇଥିବା ପ୍ରଥମ ଉତ୍କଳ ସମ୍ମିଳନୀରେ ଗଙ୍ଗାଧର ଯୋଗଦେଇ ଜାତୀୟ ପଗଡି ପରିଧାନ କରିଥିଲେ । କବିବର ରଧାନାଥ ରାୟଙ୍କ ଘରେ ଅତିଥି ହୋଇଥିଲେ । ଏକ ସମୟରେ ରାଧାନାଥ ରାୟ ତାଙ୍କର 'ବ୍ୟାକରଣ ପ୍ରବେଶ' ପ୍ରଣୟନ କରିଥିଲେ । ଏହି ପୁସ୍ତକର ଭୁଲ ଜାଣିବା ପାଇଁ ରାଧାନାଥ ଗଙ୍ଗାଧରଙ୍କ ସହାୟତା ଲୋଡିଥିଲେ ।

ଫକୀରମୋହନ ସେନାପତି, ରାଧାନାଥ ରାୟ, ମଧୁସୁଦନ ରାଓ, ରାଘବ ମିଶ୍ର, ବିଶ୍ୱନାଥ କର, ନୀଳକଣ୍ଠ ପୂଜାରୀ, ବଜ୍ରମୋହନ ପଣ୍ଡା, ହିନ୍ଦୀ ସାହିତ୍ୟର କବି ଲୋଚନ ପ୍ରସାଦ ପାଣ୍ଡେୟ, ନିଳମଣି ବିଦ୍ୟାରତ୍ନ ଆଦିଙ୍କ ସହ ଗଙ୍ଗାଧରଙ୍କ ସାରସ୍ୱତ ସମ୍ପର୍କ ଥିଲା । ୧୪.୦୭.୧୮୯୭ରେ ଗଙ୍ଗାଧରଙ୍କ ପତ୍ନୀ ଶାନ୍ତାଙ୍କର ମୃତ୍ୟୁ ପରେ ରାଧାନାଥ ରାୟ ଗଙ୍ଗାଧରଙ୍କୁ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିବା ପାଇଁ ଉପଦେଶ ଦେଇଥିଲେ । ତେଣୁ ସେ ବିଧବା ଚମ୍ପାଙ୍କୁ ଦ୍ୱିତୀୟ ବିବାହ କଲେ । ଦ୍ୱିତୀୟ ପତ୍ନୀଙ୍କର କିଛି ସନ୍ତାନ ନଥିଲେ।

ଗଙ୍ଗାଧର ନିଜ ଉପାର୍ଜନରେ ବରପାଲି ଜମିଦାରଙ୍କ ଠାରୁ ଖଣ୍ଡିଏ ରୟତି ଜମି କ୍ରୟ କରିଥିଲେ । ଗଙ୍ଗାଧର ଅବସର ଗ୍ରହଣ ପରେ ପଦ୍ମପୁରର ଜମିଦାରଙ୍କ ଅଡିଟର ପଦବୀ ଗ୍ରହଣ କରିଥିଲେ । ଜମିଦାର ରାଜେନ୍ଦ୍ର ସିଂହ ବରିହା କବିଙ୍କ ସ୍ମୃତିକୁ ଅମର କରିବା ପାଇଁ 'କବିବର ପୁର' ନାମରେ ଏକ ନୂତନ ଗ୍ରାମ ପ୍ରତିଷ୍ଠା କରିଥିଲେ ବି ଗଙ୍ଗାଧରଙ୍କୁ ତେଣ୍ଡାପଦର ନାମକ ଏକ ଗ୍ରାମ ଜମିଦାର ପୁରସ୍କାର ରୂପେ ପ୍ରଦାନ କରିଥିଲେ । ଏହି ତେଣ୍ଡାପଦର ଗାଁଜମିରେ ଫସଲ ଫଳାଇବା ପାଇଁ ବହୁ ଖର୍ଚ୍ଚ କରି ସେ ଅସଫଳ ହୋଇଥିଲେ । ବରପାଲିର ଜମିଦାର ସୂର୍ଯ୍ୟାଦୟ ସିଂହଙ୍କ ନିମନ୍ତ୍ରଣ ପାଇଁ ଗଙ୍ଗାଧର ଜମିଦାରଙ୍କ ପରାମର୍ଶଦାତା ରୂପେ ନିଯୁକ୍ତି ପାଇଥିଲେ । ସେଠାରେ ସେ ଜନକଲ୍ୟାଣ ପାଇଁ ଏକ ସମିତି ଗଠନ କରିଥିଲେ, ତାର ନାମ ଥିଲା 'ସାଧୁ ସମିତି' ।

ଗଙ୍ଗାଧରଙ୍କର ପାରିବାରିକ ଜୀବନ ଦୁଃଖପୂର୍ଣ୍ଣ ଥିଲା । ଅଭାବ, ଅନଟନ ମଧ୍ୟରେ ଅତିବାହିତ କରୁଥିଲେ । ଦାରିଦ୍ର୍ୟର ଦାରୁଣ କଷାଘାତରେ ନଷ୍ପେଷିତ ହୋଇ ମଧ୍ୟ ସ୍ୱକୀୟ ସାଧନା ପଥରୁ ତିଳେ ହେଲେ ବିଚ୍ୟୁତ ହୋଇନଥିଲେ । ଅସାଧାରଣ ଧୈର୍ଯ୍ୟ, କର୍ତ୍ତବ୍ୟନିଷ୍ଠା, ନିର୍ଭୀକତା ଓ ଦୃଢ ମନୋବଳ ଯୋଗୁଁ ତାଙ୍କର କବି ପ୍ରତିଭା ବିଚ୍ଛୁରିତ ହୋଇଥିଲା । ତାଙ୍କ ପୁତ୍ରର ବିୟୋଗ ଯୋଗୁଁ ସେ ମର୍ମାହିତ ହୋଇଥିଲେ ମଧ, ତାଙ୍କ ଭୁଲିଆ ସମାଜର ଉନ୍ନତି ପାଇଁ ନାନା ପଦକ୍ଷେପ ଗ୍ରହଣ କରିଥିଲେ ।

ଗଙ୍ଗାଧରଙ୍କ କାବ୍ୟ ପ୍ରତିଭାରେ ପ୍ରାଚୀନ ଧାରାର ପ୍ରଭାବ ଆଧୁନିକତା ଅପେକ୍ଷା ଅଧିକ ଥିଲା । ତାଙ୍କର 'ଇନ୍ଦୁମତୀ' କାବ୍ୟ 'ଉତ୍କଳପ୍ରଭା' ରେ ପ୍ରକାଶ ପାଇବାପରେ ସେ ୨୦ ଟଙ୍କା ପୁରସ୍କାର ପାଇଥିଲେ । ସେ ପ୍ରଧାନତଃ କାବ୍ୟର କବି ଥିଲେ । କବି ଗଙ୍ଗାଧର ମେହେର ଓଡ଼ିଆ ସାହିତ୍ୟରେ ଉଚ୍ଚକୋଟିର କାବ୍ୟ ଓ କବିତାମାନ ରଚନାକରି ଯାଇଅଛନ୍ତି ସେଗୁଡିକ ହେଲା– ଇନ୍ଦୁମତୀ, କୀଚକବଧ, ତପସ୍ୱନୀ, ପ୍ରଣୟବଲ୍ଲରୀ, ପଦ୍ମିନୀ, ରସରତ୍ନାକର, ଉତ୍କଳଲକ୍ଷ୍ମୀ, ବଳରାମ ଦେବ, ଅଯୋଧ୍ୟା ଦୃଶ୍ୟ, ଅହଲ୍ୟାସ୍ତବ, ଭାରତୀରୋଦନ, ସୁଖସ୍ୱପ୍ନ, ତରୁବର, ବେଦବ୍ୟାସ, ଚନ୍ଦ୍ରରଜନୀ, ଭକ୍ତି, ଅମୃତମୟ, ମଧୁମୟ, ଉତ୍କଳଭାରତୀଙ୍କ ଉକ୍ତି, ଗଣେଶଙ୍କର ଆତ୍ମକଥା, ତାକୁ ମଧ ବୋଲୁଥାନ୍ତି ଧର୍ମ–ଅବତାର,ମାତୃଭୂମି, ଉତ୍କଳ ସମ୍ମିଳନୀ ଉପଲକ୍ଷେ, ଭାରତୀ–ଭାବନା, ଅନ୍ନର ମହିମା,କୃଷକର ଆତ୍ମକଥା, ଧାନଚାଷ, କପା କବିଙ୍କର ଶ୍ରେଷ୍ଠକାବ୍ୟ ଓ କବିତାକୃତି। ଗଙ୍ଗାଧର ତାଙ୍କକାବ୍ୟ ଓ କବିତାରେ ଆଦର୍ଶ ବାସ୍ତବତା, ଦର୍ଶନ, ଧର୍ମ, ସତ୍ୟଦୃଷ୍ଟି, କାଳ୍ପନିକତା, ସଂସ୍କାର ଓ କୁସଂସ୍କାର ପ୍ରଭୃତିକୁ ଉପଜୀବ୍ୟ କରିଛନ୍ତି ।

ଏହି କାଳଜୟୀ କବି ଗଙ୍ଗାଧର ୧୯୨୪ ଏପ୍ରିଲ ୪ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ସ୍ୱଭାବକବି ଗଙ୍ଗାଧର ମେହେର ତାଙ୍କ କାବ୍ୟ ପ୍ରତିଭା ପାଇଁ ଉତ୍କଳର ଜନମାନସ ଓ ଓଡିଆ ସାହିତ୍ୟ ଭଣ୍ଡାରରେ ଚିର ଜାଜ୍ଜ୍ୱଲ୍ୟ ମାନ ହୋଇ ରହିବେ । କବି ଗଙ୍ଗାଧରଙ୍କୁ ସମ୍ବୋଧନ କରି କବି ନନ୍ଦ କିଶୋର ବଳ ଯଥାର୍ଥରେ ଲେଖିଛନ୍ତି–

*'ଭିକ୍ଷୁକ ସଙ୍ଗତେ ନୃପ ମୁକୁଟ–ମଣ୍ଡିତ*
*କାଳବଳେ ହେବେ ସର୍ବେଭବୁଁ ଅନ୍ତର୍ହିତା*
*କିନ୍ତୁ ତୁମ୍ଭେ ଦିନ କବି ରହିବ ଜୀବିତ*
*ଯେତେଦିନ ଭବେ ଥିବ ଓଡ଼ିଆ ସାହିତ୍ୟ ।'*

**ପାରାଦ୍ୱୀପ ଗଡ, କୁଜଙ୍ଗ, ଜଗତ୍‌ସିଂହପୁର**
**ମୋ–୯୯୩୭୬୯୧୪୭୫**

# ଖୋଲା ହସ ଅନ୍ତରାଳେ ଲୁହର ନଈ

ଗଳ୍ପ

**ସୁନନ୍ଦା ମହାନ୍ତି**

ଡାକ୍ତର ପଚାରିଲେ ଆଛା ଆପଣ ସୁନାମୁଦି ମାଟିରେ କାହିଁ ପୋତିଲେ ? ଉତ୍ତର ନଥିଲା ମାଟି କାହିଁକି ଖାଉଛନ୍ତି ? ତଥାପି କିଛି ଉତ୍ତର ଦେଉନଥିଲେ ଅଭିନ । ପୁଅ କହୁଥିଲା ଖାଲି ସେତିକି ନୁହେଁ ଆଜ୍ଞା ଘରର ସବୁ ଜିନିଷ ପତ୍ର ପାଣିରେ ଫୋପାଡି ତାଳି ମାରନ୍ତି କେବେ କେବେ ତ ଖୁବ କାନ୍ଦନ୍ତି ପୁଣି କେବେ ହସନ୍ତି । ଡାକ୍ତର ଚିନ୍ତାଗ୍ରସ୍ତ ରହିଲେ କାରଣ ଅଭିନଙ୍କୁ ସେ ଜାଣନ୍ତି । ପ୍ରଥମ ଦୁଇବର୍ଷ କଲେଜରେ ପଢିବା ବେଳୁ ସେ ଅଭିନଙ୍କୁ ଜାଣନ୍ତି । ଏକାଠି ଅନେକ ଥର ଅଭିନଙ୍କ ସଙ୍ଗେ ମିଶି ତାଙ୍କ ଗାଁକୁ ଯାଇଛନ୍ତି । ଗାଁରେ ମାଉସୀଙ୍କ ହାତରୁ ଯିଏ ସେ ଆରିଷା ପିଠା ଖାଇଥିବ ସେ କଣ କେବେ ଭୁଲିବ ! ଦୁଇବର୍ଷ ପାଠ ପଢା ଭିତରେ ଅଭିନ ଆର୍ଟ୍ସରେ ଟପ୍ପର ହେଲା ଓ ସେ ସାଇନ୍ସରେ ଟପ୍ପର ହୋଇ ଡାକ୍ତରୀ ଲାଇନକୁ ଗଲାପରେ ଅଭିନ ତା ବ୍ୟାଚର ଟପ୍ପର ଓଏସ ଲିଷ୍ଟରେ ଥିଲା । କିନ୍ତୁ ଆଜି ତାର ଏଭଳି ଅବସ୍ଥା ଦେଖି ନିଜ ଆଖିକୁ ବିଶ୍ୱାସ କରିପାରୁନଥିଲେ ଡାକ୍ତର ନବନୀତ ପଟ୍ଟନାୟକ । ହଠାତ ପଚାରିଦେଲେ ଆଛା ତୁମ ମାଆଙ୍କ ନାମ ବିନି ତ? ନାହିଁ ଆଜ୍ଞା ମୋ ମାଆଙ୍କ ନାମ ମାୟା । ମାୟା ପଟ୍ଟନାୟକ । ଚିନ୍ତିତ ହୋଇପଡିଲେ ଡାକ୍ତର ନବନୀତ କାରଣ ସେ ଭଲ କରି ଜାଣିଥିଲେ ଅଭିନ ପଟ୍ଟନାୟକ ତାଙ୍କ ଗାଁ ଝିଅ ବିନିକୁ ହିଁ କଥା ଦେଇଥିଲା ତାକୁ ବାହା ହେବ ବୋଲି । ତେବେ ମାୟା କିଏ ? ସେ କେମିତି ଅଭିନ ଜୀବନରେ ଆସିଲା, ତା ପୁଅକୁ ପଚାରିନପାରି କେବଳ କହିଥିଲେ ଆଛା କହିଲ ଦେଖି, ତୁମ ଜେଜେମା କୋଉଠି? ସେ ଗାଁରେ ଆଜ୍ଞା ।

ଆମେ ମାଆ ମୁଁ ଓ ବାପା ଏଇ ସହରରେ ରହୁ । ଗାଁରେ ବୁଢୀମା ରହେ । ଏଥର ସଜାଡି ହୋଇ ବସିଲେ ଡାକ୍ତର । କହିଲେ ମୁଦିଟିକୁ ମତେ ଦେଖେଇ ପାରିବ ରାଜେଶ । କୋଉ ମୁଦି ଆଜ୍ଞା? ଯୋଉ ମୁଦିଟାକୁ ତୁମ ବାପା ଥରକୁ ଥର ମାଟିରେ ପୋତି ଦିଅନ୍ତି । ପକେଟରେ ଯତ୍ନରେ ରଖିଥିବା ମୁଦିଟିକୁ କାଢ଼ି ରାଜେଶ ଡାକ୍ତରଙ୍କ ହାତକୁ ବଢ଼େଇ ଦେଲା । ଯୋଉଥିରେ 'ମାୟା' ଲେଖାଯାଇଥିଲା । ଏତିକିରୁ ନବନୀତ ସ୍ଥିର ନିଶ୍ଚିନ୍ତ ହେଲେ ଯେ ମୁଦିଟିକୁ ଅଭିନ ଘୃଣା କରନ୍ତି ନିଶ୍ଚୟ । ତେବେ ତାଙ୍କ ସ୍ତ୍ରୀଙ୍କ ସହ ଅଭିନଙ୍କର କେମିତି ସମ୍ପର୍କ ପଚାରି ନପାରି ନବନୀତ ରାଜେଶଙ୍କୁ କହିଥିଲେ ତୁମ ବାପାଙ୍କ କେଶ୍ ଖୁବ ଜଟିଳ । ତାଙ୍କ କେଶ୍ ହିଷ୍ଟ୍ରି ଷ୍ଟଡି ନକଲେ ଯେତେ ଔଷଧ ଦେଲେ ମଧ୍ୟ କାମ କରିବ ନାହିଁ । ଆଛା ପୁଅ ବାପାଙ୍କ ମୁଣ୍ଡ ବିଗିଡିବାର କାରଣ କଣ ତୁମେ କିଛି କହିପାରିବ ରାଜେଶ? ଗୋଟେ ସଚୋଟ ଅଫିସରଙ୍କ ନିଜ ମାନସିକ ସ୍ଥିତି ଠିକ ନାହିଁ ମାନେ ଦୁଇଟି କାରଣ ଥାଇପାରେ । କଣ ଆଜ୍ଞା? ପ୍ରଥମତଃ ଅସନ୍ତୁଷ୍ଟ ଚାକିରି । ହେଲେ ବାପା ତ ଭଲ୍ୟୁଣ୍ଟାରୀ ରିଟାୟାରମେଣ୍ଟ ନେଇସାରିଛନ୍ତି ବିଗତ ପାଞ୍ଚ ବର୍ଷ ଆଗରୁ । ହଉ ତୁମେ ଏ ଔଷଧ ନେଇ ଯାଅ । ପନ୍ଦର ଦିନ ପରେ ଆସି ମତେ ଦେଖାକର । ପନ୍ଦର ଦିନ ପରେ ଆସିବା ଦୂର କଥା ପାଞ୍ଚ ଦିନ ପରେ ବାପାଙ୍କୁ ନେଇ ପୁଣି ଆସିଥିଲା ରାଜେଶ ହସ୍ପିଟାଲ ଓ କହିଥିଲା ବାପାଙ୍କୁ ଆଉ ବୁଝେଇ ହେଉନି ଆଜ୍ଞା ଖାଲି ମାଟି ଓ ମାଆ ଦୁଇଟି ଶବ୍ଦ କହି ମାଟି ପୁଳା ପୁଳା ଖାଉଛନ୍ତି । ଆଛା ମାଆଙ୍କୁ ସଙ୍ଗରେ ଆଣିଲନି କିଛି ତଥ୍ୟ ବୁଝିବାର ଥିଲା ତ ହଉ ମୁଁ ନିଜେ ଯିବି ମାଆଙ୍କୁ ଦେଖା କରିବାକୁ । ତୁମେ ଅପେକ୍ଷା କର । କାରଣ ଅଭିନ କେବଳ ତୁମ ବାପା ନୁହଁନ୍ତି ମୋର ମଧ୍ୟ କେବଳ ପେସେଣ୍ଟ ନୁହଁନ୍ତି ବରଂ ଭଲ ସାଙ୍ଗ ଥିଲୁ ଆମେ । ଆଉ ଉଚ୍ଚମନା ଅଭିନକୁ ଦେଖି ମୋର କାହିଁକି ସନ୍ଦେହ ହେଉଛି କିଛି ଗୋଟେ ବଡ଼ କାରଣ ଅଛି । ଏଥିରେ ଯୋଉଥିପାଇଁ ତାଙ୍କର ଏ ନର୍ଭସ ଅବସ୍ଥା ।

ଟିକେ ପରେ ନିଜେ ଡାକ୍ତର ନବନୀତ ବନ୍ଧୁ ଅଭିନଙ୍କ ସହ ତାଙ୍କ ପୁଅ ରାଜେଶ ସଙ୍ଗେ ଘରକୁ ଆସି ମାୟାକୁ ଭେଟି ଆଶ୍ଚର୍ଯ୍ୟ ଚକିତ ହୋଇପଡ଼ିଥିଲେ । ସ୍ୱାମୀଙ୍କ ଏପରି ଅବସ୍ଥାରେ ଟିକେ ବି ବିଚଳିତ ନଥିଲେ ଉଗ୍ର ଆଧୁନିକା ମହିଳା ମାୟା ବରଂ କହିଥିଲେ ଏତେବଡ଼ ଅଧିକାରୀ ହେଲେ କଣ ହେବ ଯାହାର ମନରୁ ଗାଁ ନିଶା ଯାଇନି ସେ କେମିତି ସୁସ୍ଥ ମସ୍ତିଷ୍କ ରହିପାରିବେ ? ମାୟାଙ୍କର ଏହି ସଂକ୍ଷିପ୍ତ କଥାବାର୍ତ୍ତାରୁ କିଛି କ୍ଲୁ ପାଇଗଲେ ଡାକ୍ତର ନବନୀତ । ପୁଅ ରାଜେଶକୁ ଦୁଃଖରେ ବିଗଳିତ ହୋଇ କହିଲେ ମୋର ମୋ ସାଙ୍ଗ ପାଇଁ କିଛି କର୍ତ୍ତବ୍ୟ ଅଛି । ପୁଅ ଚାଲ ତୁମ ଗାଁକୁ ଯିବା ଅଭିନକୁ ନେଇ । ଗାଁରେ ପହଞ୍ଚୁ ପହଞ୍ଚୁ କି ପିଲା ବୁଢା ସମସ୍ତେ ଦଉଡି ଆସିଥିଲେ ଅଭିନଙ୍କୁ ଦେଖିବାକୁ । ଖାଲି ଖାଲି ନୁହେଁ, ଠିକ ସେହି ରୋଷଣୀ ବାଜା ନାଚ ଗୀତ ଭିତରେ, ଯେମିତି ଅଭିନ ଉଚ୍ଚ ପଦସ୍ଥ ଅଫିସର ହେବା ଦିନ ବଧେଇ ଜଣେଇବାକୁ ସମସ୍ତେ ଆସିଥିଲେ. ଡାକ୍ତର ଲକ୍ଷ୍ୟ କରୁଥିଲେ କିଛିବି ପରିବର୍ତ୍ତନ ନଥିବା ଅଭିନ ଯେବେ ମାଆଙ୍କୁ ଦେଖିଥିଲେ ଭୋ ଭୋ କାନ୍ଦିଥିଲେ । ମାଆଙ୍କ ପାଖରେ କେହି ନଥିଲେ. ଯିଏ ଥିଲେ ସେ କିଏ ପ୍ରଶ୍ନରେ ମାଉସୀ କହିଥିଲେ ଆକୁ ଚିହ୍ନି ପାରୁନୁ ନବ ? ଏ ପରା ବିନି । ଅଭିନ ସିନା ମାୟାକୁ ପସନ୍ଦ କରି ବାହା ହୋଇଗଲା ହେଲେ ବିନି ଚିରକୁମାରୀ ରହି ମୋର ସେବା କରୁଛି । ବାହା ହୋଇ ଚାକିରି ଜାଗାକୁ ମାୟାକୁ ନେଇ ଗଲା ଯେ ଗଲା । ମୁଁ ମଝିରେ ମଝିରେ ଯାଉଥିଲି ହେଲେ ବଡ଼ଲୋକ ଘର ଝିଅ ମାୟାର ବ୍ୟବହାର ସହି ନପାରି ଫେରିଆସିଲି । ବିନିର ବାପା ମରିଗଲା ପରେ ତା' ମୁଁହକୁ ଚାହିଁ ବଞ୍ଚିଛିରେ ନବ । ମୋ ପୁଅକୁ ଭଲ କରିଦେ ଧନ । ଚାନ୍ଦ ଯେତେ ଦୂରରେ ଥିଲେ ମଧ୍ୟ ସେ ଆକାଶର । ମୋ ପୁଅ ଭଲରେ ଥିଲେ ଭଲ ।

ଆଜି ବି ମାଉସୀ ସେମିତି ସ୍ନେହ ଶ୍ରଦ୍ଧାର ଜୀବନ୍ତ ନାରୀ ପ୍ରତିମୂର୍ତ୍ତୀଟିଏ । ବିନି ଦେବୀଙ୍କ ସାହାଯ୍ୟରେ କେତେ ପ୍ରକାର ସୁସ୍ୱାଦୁ ଭୋଜନରେ ଆପ୍ୟାୟିତ କରୁ କରୁ ଅଭିନର ଏ ପ୍ରକାର ପାଗେଳାମୀର କାରଣ ଯେ ମାୟା ଏକଥା ବୁଝିବାକୁ ବାକି ନଥିଲେ ମଧ୍ୟ ଏତେ ସବୁ ପରେ ଅଭିନର ନିର୍ବିକାର ରହିବା ଦେଖି ଡାକ୍ତର ନବନୀତ ରାଜେଶକୁ କହିଥିଲେ ତୁମେ କଲେଜକୁ ଫେରିଯାଅ ରାଜେଶ । ମୋ ସାଙ୍ଗ ଅଭିନ କେମିତି ଭଲ ହେବ ସେ କଥା ମତେ ଲାଗିଲା । ତୁମେ କେବଳ ଗୋଟେ ଲଫାପା ନେଇ ତୁମ ମାଆଙ୍କୁ ଦେବ ଓ ମୋ ଛୁଟି ଦରଖାସ୍ତ ହସ୍ପିଟାଲରେ ଦେଇ ତୁମ ପାଠପଢ଼ାରେ ତୁମେ ଧ୍ୟାନ ରଖିବ । ଡାକ୍ତର ନବନୀତଙ୍କ କହିବା ଅନୁଯାୟୀ ରାଜେଶ ଲଫାପା ଓ ଛୁଟି ଦରଖାସ୍ତ ଧରି ସହରକୁ ଚାଲିଯାଇଥିଲା । ବିନିଙ୍କ ସହିତ କଥାବାର୍ତ୍ତା ହୋଇ ନବନୀତ ଜାଣି ପାରିଥିଲେ ଚାକିରି ପାଇବା ପରେ ଅଭିନ ବଦଳି ଯାଇଥିଲେ । ବିନି ପରିବର୍ତ୍ତେ ମାୟାଙ୍କୁ ହିଁ ପସନ୍ଦ କରୁଥିଲେ । କିନ୍ତୁ ମାୟା ଅଭିନଙ୍କୁ ସନ୍ଦେହ କରି ତାଙ୍କୁ ଗାଁରୁ ଦୂରେଇ ରଖୁଥିଲେ । ଏମିତିକି ମାଉସୀଙ୍କୁ ଦେଖିବାକୁ ଛାଡ଼ି ଦେଉନଥିଲେ । ତାର କାରଣ କେବଳ ମୁଁ ନବଭାଇ । ତୁମେ ଜାଣ ତୁମ ସାଙ୍ଗ ମତେ କେତେ ଭଲ ପାଉଥିଲେ କିନ୍ତୁ ବିଶ୍ୱାସ କର ନବଭାଇ ଅଭିଭାଇଙ୍କ ବାହାଘର ପରେ ମୁଁ କେବେ ବି ଚାହିଁନି ତାଙ୍କୁ ପୂର୍ବ ନଜରରେ । ମୁଁ କାହିଁକି ବାହା ହୋଇନି ତାହା ମୋ ଭାଗ୍ୟର ଲିଖନ କିନ୍ତୁ ମୋ ଯୋଗୁଁ ଅଭିଭାଇର ଜୀବନ ନଷ୍ଟ ହେଉଯାଉ ମୁଁ କେବେ ଚାହେଁନା । ହେଲେ ମାଉସୀଙ୍କର ଏଥିରେ ଦୋଷ କଣ ? ଅଭିଭାଇ ଓ ମାୟା ଭାଉଜଙ୍କ ପାଇଁ ମାଉସୀଙ୍କୁ କାହିଁକି ଦଣ୍ଡ ମିଳିବ ?

ଠିକ୍ କଥା କହିଛ ବିନି କିନ୍ତୁ ତୁମକୁ ଏକ ପରୀକ୍ଷା ଦେବାକୁ ପଡିବ ? କଣ ନବଭାଇ ? ତୁମେ ଯଦି ପ୍ରକୃତରେ ତୁମ ଅଭିଭାଇଙ୍କୁ ଭଲ ପାଅ ତାଙ୍କ ଦେହ ସୁସ୍ଥ ହେବା ପାଇଁ ତୁମକୁ ମିଛି ମିଛିକା ଅଭିନୟ କରିବାକୁ ପଡିବ । କଥାଦିଅ । କଥାଦେଲି ନବଭାଇ କୁହ ମତେ କଣ କରିବାକୁ ପଡିବ? ତୁମକୁ ମିଛି ମିଛିକା ଅଭିର ନବବଧୂ ସାଜିବାକୁ ପଡିବ । ସ୍ତବ୍ଧ ହୋଇ ଠିଆ ହୋଇଥିଲେ ବିନି । ନବନୀତ ଏ ଭିତରେ ଅଭିନର ମନସ୍ତତ୍ତ୍ୱ ପଢୁଥାନ୍ତି ଗଭୀର ଅନୁଶୀଳନ କରି କିନ୍ତୁ ଅଭିର ଗ୍ରାମ ପ୍ରତି ଓ ମାଆଙ୍କ ପ୍ରତି ଗଭୀର ଅନୁକମ୍ପା ଥିବା ବେଳେ ହୃଦୟ ମନ୍ଦିରରେ କିଏ ବୁଝିବା କଷ୍ଟ ହେଉଥିଲା । ଯଦି ବିନି ତେବେ ଏଠି ଗାଁରେ, ବିଲ, ବଣ, ଗାଁର ଗଡିଆ ପୋଖରୀ, ମନ୍ଦିର ଦେଖି ଅଭିନର ଆଖିରେ ଯେତିକି ଚମକ ବିନିକୁ ଦେଖି ସେ ଚମକ ନଥାଏ । ଯଦି ମାୟା ତା ହୃଦୟ ମନ୍ଦିରର ରାଣୀ ତେବେ ମାୟା ଲେଖାଥିବା ମୁଦିକୁ ମାଟିରେ ପୋତିବା କାରଣ କଣ ହୋଇପାରେ ! ହୁଏତ ଆଜିବି ବିନି ତା ହୃଦୟର କେଉଁ ନିବୃତ୍ତ କୋଠରୀରେ ବନ୍ଦିନୀ ବା ମାୟା ଯୋଗୁଁ ଗାଁ, ମାଆ, ତୋଟା, ବିଲ, ବଣ ଓ ଗାଁ ପୋଖରୀର ପଠାର ସ୍ପର୍ଶ ପାଇପାରୁନଥିବାରୁ ମାୟା ଉପରେ କ୍ଷୁବ୍ଧ । ଜାଣିଲେ ସିନା ସେହିଭଳି ପଥ୍ୟ ଦେବାକୁ ପଡିବ ନବନୀତକୁ । ସେପଟେ ମାୟା ଅଭିନର ବିନି ସହ ବାହାଘର ଲଫାପା ପାଇ କଣ କରୁଛି ଦେଖିବାକୁ ବାକି ରହିଲା ।

ନିର୍ଦ୍ଦିଷ୍ଟ ଦିନ ବରବେଶ କରାଇ ବେଦୀକୁ ଅଣାଗଲା ଅଭିନଙ୍କୁ । ବେଦୀରେ ବସି, ପୁରୋହିତ ମନ୍ତ୍ର ଉଚ୍ଚାରଣ ଭିତରେ ବିନିର ଓଢଣା ଖୋଲି ଚମକି ପଡି ମାୟା ବୋଲି ଡାକି ପଛକୁ ହଟି ଗଲାବେଳକୁ, ମାୟା ପହଞ୍ଚି ଧରିନେଇଥିଲା ଅଭିନଙ୍କୁ । କହୁଥିଲା ମୋର ସବୁ ଭୁଲ ଅଭିନ ।

ମୁଁ ମାଆଙ୍କ ପାଖରେ ରହି ତୁମକୁ ଏଇ ଗାଁରେ ଦେଖିବାକୁ ଚାହେଁ । ଅଭିନ ମୁହଁ ଉଜ୍ଜଳି ଉଠୁଥିବା ବେଳେ ବିନି ମୁଁହଟା ବିଷ ଜ୍ୱାଳାରେ ନେଳି ପଡି ଆସୁଥିଲା । ବିନି ବିନି ଡାକି ଅଭିନଙ୍କ ସହ ମାୟା ମାଉସୀ ଓ ମାନସ୍ତତ୍ତ୍ୱବିତ ଡାକ୍ତର ନବନୀତ ଦଉଡି ଆସିବା ବେଳକୁ ବିନିର ପ୍ରାଣପକ୍ଷୀ ଉଡିଯାଇଥିଲା ତ ଟିକିଏ ଆଗରୁ ଖୋଲା ହସରେ ଅଭିନ ଫାଟି ପଡୁ ପଡୁ ଚୁପ ହୋଇଯାଇଥିଲେ । ରାଜେଶ ଆସି ବାପାଙ୍କ ଭଲହୋଇଯିବା ଦେଖି ଯେତିକି ଖୁସି ହୋଇଥିଲା ବିନି ପିଇସୀଅପାଙ୍କ ଆବର୍ତ୍ତମାନରେ ସେତିକି ଦୁଃଖୀ ହୋଇଥିଲା । ଡାକ୍ତର ନବନୀତ ଫେରି ପଡୁ ପଡୁ ଅଭିନକୁ କହିଥିଲେ ରାଜେଶକୁ ଜୋଇଁ କରିବାରେ ତୋର ଆପତ୍ତି ନାହିଁ ତ ଅଭିନ ? ଏତେ ଦୁଃଖ ପରେ ବି ଅଭିନ ହସୁଥିଲା ଖୋଲା ହସ । ନବବର୍ଷର ନୂଆ ସକାଳ ସୁରୁଜ ମୁରୁଜ ବୁଣିବା ପୂର୍ବରୁ ଅଭିନ ଡାକ୍ତର ନବନୀତକୁ ବିଦାୟ ଦେବା ପୂର୍ବରୁ ସମୁଦୀ କହି କୁଣ୍ଢେଇ ପକେଇବା ଦେଖି ସମସ୍ତେ ହସୁଥିଲେ ଖୁବ ଖୋଲା ହସ ।

**ସାକ୍ଷୀଗୋପାଳ**
**ପୁରୀ, ମୋ–୯୦୪୦୯୭୭୩୨୭**

# କବିତା

## ଖରା

**ସୁଦର୍ଶନ ମହାପାତ୍ର**

ଆସିଥିଲା ସିନା ବସନ୍ତ ଧରାକୁ
ଖୁସିର ବିପଣି ଧରି
ଖରାର ଡହକ କଲା ନିର୍ଯାତିତ
ଅବିଳମ୍ବେ ଗଲା ଚାଲି ।
କୋଇଲିର କଂଣ୍ଠ କୋହ ଜର୍ଜରିତ
କୁହୁ ପାରିଲାନି ଗାଇ
କହିଥାନ୍ତା କାଳେ ଖର ଖରା କଥା
ମଳୟର ଦେଖା ନାହିଁ ।
ଖଇ ଫୁଟା ଖରା ସହୁଛି ଧରଣୀ
ସେ ଯେ' ମାଆ ସର୍ବଂସହା
ରଡ଼ ନିଆଁ ତାପ କରେ ହନ୍ତସନ୍ତ
କିଏ ବା କହିବ ଆହା ।
ନଈ ପୋଖରୀର ଗର୍ଭକୋଷ ଶୂନ୍ୟ
ଖରା ମତି ପ୍ରାୟ କଂସ
ସତେକି ନିୟତି ଭବିଷ୍ୟବାଣୀରେ
କେତେ ପ୍ରାଣ ହେବ ନାଶ ।
ପତର ବିହୀନ ପାଦପ ଶାଖାରେ
ଝୁଲୁଛି ବୈଶାଖୀ ଖରା
ଜଳାଶୟ ନୁହେଁ ଦୃଶ୍ୟ ମୃଗତୃଷ୍ଣା
ମୃତ୍ୟୁ ଆବାହନୀ ପରା ।
କଳାପାହାଡ଼ ଏ ଖରାର ଆତଙ୍କ
ଭାଙ୍ଗେ ସ୍ୱପ୍ନ ଭାଙ୍ଗେ ଶାନ୍ତି
କରିଛି ଶପଥ ନେବ ପ୍ରତିଶୋଧ
ମଣିଷ ସୌଖିନ ମତି ।
ପଶୁ ପକ୍ଷୀ କୀଟ ବନ ଜଳଚର
ଦୁର୍ଗତିର ସୀମା ନାହିଁ
କୃତକର୍ମ ଆମ ଭୋଗେ ବସୁନ୍ଧରା
ଡାକେ ହରି ତ୍ରାହି ତ୍ରାହି ।

**କୁଞ୍ଜବିହାରୀ ଲେନ, କଟକ**
**ମୋ–୯୪୩୮୧୭୫୫୪୨**

## ସବୁଜ ସୁନାର କ୍ଷେତ

**କବି ଦୀନବନ୍ଧୁ ବେଜ**

ଚାରିଆଡ଼େ ସବୁଜିଆ ଗଛ ବୁଦା ବୁଦା
ଦେଖି ଦେଲେ ପୂରିଯାଏ ଆଖି,
ଠିଆ ହେଲେ କ୍ଷଣକରେ ପୂରେନାହିଁ
କିନ୍ତୁ ଏହି ମଣିଷର ପାଟି ।
ସବୁଜିଆ ପତ୍ର ଅଟେ ଖାଣ୍ଟି ସୁନାପରି
କେନ୍ଦୁପତ୍ର ବିଡ଼ା ବନ୍ଧା ହୁଏ ,
ଗୋଟାଏ କମରରୁ ଆନ କମରକୁ ବଳ
ସହ ଆର୍ଥିକ ସ୍ୱଚ୍ଛଳ ବି ହୁଏ ।
ଜୀବନ ଜୀବିକାର ମାପ ମାନଦଣ୍ଡ ନେଇ
ଫୁଲ ମହ ମହ ମହକ ମହୁଲ,
ତାକୁ ବିକି ଭାଙ୍ଗି ଗଢ଼େ ସଂସାରର ଗାଡ଼ି
ଦାୟିତ୍ୱ ନିଭାଏ ସନ୍ତାନ ତୁଲ୍ୟ ।
ଗୀତ ଗାଏ କୋୟା, ଦେଶିଆ ଓ ବଣ୍ଡା
ଫଳ ମହୁଲ ବିସ୍ତାରିତ କ୍ଷେତ,
ଘଣାରୁ ବହି ଯାଇଥାଏ ହୋଇ ଝର ଝର
ଟୋଲା ବୋଲି କରେ ଆକର୍ଷିତ ।
ମାତାଲରେ ଝୁମେଇଦିଏ ମହୁଲିର ନିଶା
ନିଷ୍ଠାରେ କାର୍ଯ୍ୟ କରେ ମହୁଲ ବୃକ୍ଷ ।
ଧୋଇକି ମରୁଡ଼ି ନାହିଁ ବର୍ଷା ହୁଏ ଫି ବର୍ଷ
ଅମୂଲ୍ୟ ଏ ବରଦାନ ରଖିଛି ପ୍ରକୃତି
ଆୟ ଦିଏ ଫୁଲଫଳ ପେଛା ପେଛା ଫଳି
ଖୁସିର ଲହରୀ ଭାଙ୍ଗିଥାଏ ବଣ୍ଡା ଘାଟୀ

**ବାସୁଦେବପୁର, ଭଦ୍ରକ, ଓଡ଼ିଶା**
**ମୋ–୭୬୮୩୯୨୦୨୨୨**

## ଭାବରେ ନ ଥାଏ ଊଣା

**ଧ୍ରୁବ ଚରଣ ଘିବେଲା**

ଜହ୍ନ ହସିଦେଲେ କଇଁ ଦିଏ ହସି
ପୋଖରୀରେ ହସ ଚହଟେ
ଜହ୍ନ ଜ୍ୟୋସ୍ନା ଛୁଆଁ କଇଁ କୁତୁକୁତୁ
ଜହ୍ନ କଥା କେତେ ଭାବେ ।
ପୂର୍ଣ୍ଣିମାର ଜହ୍ନ ପୂରା ରୁପା ବର୍ଣ୍ଣ
ଜହ୍ନ ଛବି ଧରେ ପୋଖରୀ
ଜହ୍ନ ଛବି କଇଁ କତିରେ ରହିଲେ
କଇଁ ଖୁସି ଅସୁମାରୀ ।
ଜହ୍ନ ଓ କଇଁର ସେ ଚୋରା ପୀରତି
ଆଭାରେ ଲୁଚନ୍ତି ତାରା
ଆନମନା କଇଁ ପ୍ରେମ ରସେ ଭିଜି
ଦିଶି ଆସେ କେତେ ତୋରା ।
ତାଙ୍କ ପ୍ରୀତି ଦେଖି ତାରା ଈର୍ଷା ଯା'ନ୍ତି
ଲୁଚାଇ ଦିଅନ୍ତି ମୁହଁ
ଜହ୍ନ ଜୋଛନାରେ ନଭ ଅଗଣାରେ
ଦିଶନ୍ତିନି ତାରା ଜହଁ ।
କାହିଁ କେତେ ଦୂରେ ଜହ୍ନ କଇଁ ଘର
ଯୋଜନ ଯୋଜନ ଦୂର
ଦୂରତା ବାଧକ ସାଜେ ନାହିଁ କେବେ
ଥିଲେ ଭାବ ପ୍ରୀତି ଡୋର ।
କାହିଁ କେଉଁ କାଳୁ ଚନ୍ଦ୍ରମା କୁମୁଦ
ପ୍ରୀତି ଭାବ ଛଳଛଳ
କାହିଁ ଜହ୍ନ କାହିଁ କଇଁ ପ୍ରୀତି ଭାବ
ଜମା ନାହିଁ କୋଳାହଳ ।

**ବଉଦରାଜ, ବୌଦ୍ଧ**
**ମୋ–୯୪୩୭୪୭୮୪୬୬**

## ପ୍ରତୀକ୍ଷା

**କବିରତ୍ନ ନୂତନ କୁମାର ବେହେରା**

ତୁମେ କରିଛ ପ୍ରତୀକ୍ଷା ମୁଁ ବି କରିଛି
କିଏ ବା କରୁନି ଇପ୍ସିତ ଇଚ୍ଛାକୁ ପ୍ରତୀକ୍ଷା
ମାଟିରୁ ଚାରାଟି ବୀଜପତ୍ର ନେଇ ଅଙ୍କୁରି ଉଠି
ପ୍ରତୀକ୍ଷା କରିଥାଏ ହେବାକୁ ଦ୍ରୁମଟିଏ
ବୈବାହିକ ଜୀବନରେ ନାରୀ ପୁରୁଷ ଉଭୟେ
ପ୍ରତୀକ୍ଷା କରିଥାନ୍ତି ପାଇବାକୁ ସୁପୁତ୍ରଟିଏ
ଅବା କନ୍ୟା ରତ୍ନଟିଏ ସର୍ବ ଗୁଣେ ସମ୍ପୂର୍ଣ୍ଣା
ସକାଳର ସୂର୍ଯ୍ୟ ଉଇଁବାକୁ ପ୍ରତୀକ୍ଷା କରିଥାନ୍ତି
କାଟି କୁଟାର ନୀଡ଼ରେ ପକ୍ଷୀ ସମୂହ
ଦିନର ଆଲୁଅ ଆସିଲେ
ଉଡ଼ି ଯିବେ ଖାଦ୍ୟ ପାଇଁ
ସମୁଦ୍ର ଗର୍ଭରୁ ନାଚି ଖେଳି
ଆସୁଥିବା ଲହରୀ
ପ୍ରତୀକ୍ଷା କରିଥାଏ ହେବାକୁ ପ୍ରବଳ ଜୁଆର
ମାଡ଼ି ଆସିଲେ ଭେଦି ଯିବ ବେଳାଭୂଇଁ
ସାରା ପ୍ରକୃତିରେ ପୃଥିବୀରୁ ଆକାଶ ପର୍ଯ୍ୟନ୍ତ
ସଚରାଚରରେ ସଭିଏଁ ତ ଥାଆନ୍ତି ପ୍ରତୀକ୍ଷିତ
ଜୀବନର ପ୍ରତିଟି ଆଗାମୀ ଶୁଭ ମୁହୂର୍ତ୍ତକୁ
କିଛି ନା କିଛି ଲକ୍ଷ୍ୟ
ଉଦ୍ଦେଶ୍ୟ ରଖି ସମସ୍ତେ
ଧୈର୍ଯ୍ୟ ସହିତ କରିଥାନ୍ତି
ଦୀର୍ଘ ସମୟ ପ୍ରତୀକ୍ଷା
ଯେଉଁଠି ଥାଏ ଆଶା ପୂର୍ଣ୍ଣ ହେବାର ସମ୍ଭାବନା
ସେଇଠି କରିବାକୁ ହୋଇଥାଏ ପ୍ରତୀକ୍ଷା
ପ୍ରତିଟି ପ୍ରତୀକ୍ଷାର ଥାଏ,
ଏକ ନିର୍ଦ୍ଦିଷ୍ଟ ସୀମା
ଅତିବାହିତ ହେଲେ ସେ
ନିର୍ଘଣ୍ଟ ଲାଗେ ନିଃସ୍ୱ
ଋତୁରାଜ ବସନ୍ତକୁ ପ୍ରତୀକ୍ଷା
କରିଥାଏ ଫଗୁଣ
ବର୍ଷାର ଛୁଆଁ ପାଇବାକୁ ଚାହିଁଥାଏ ଶ୍ରାବଣ
ମିଳନ ବିଚ୍ଛେଦର ଦୃଶ୍ୟାନ୍ତରକୁ ହୃଦୟେ ସଞ୍ଚି
ଜୀବଜଗତ ଜୀବନ ନେଇ ରହିଛି ବଞ୍ଚି
ପ୍ରତୀକ୍ଷା କରିବା ବିନା ଦିଶେନି କିଛି ବିକଳ୍ପ
ପ୍ରତୀକ୍ଷାର ଅନ୍ତ ପରେ ମିଳେ ଯଦି ସାର୍ଥକତା
ହୃଦବୋଧ ହୁଏ ପ୍ରତୀକ୍ଷାର ଫଳ ମିଠା
ଆଉ ପ୍ରତୀକ୍ଷା କରିବା ହୁଏ ଯେବେ ବ୍ୟର୍ଥ
ପ୍ରତୀକ୍ଷାର ଅନ୍ତ ହେଲେ ବି ଲାଗେ ଅସ୍ତବ୍ୟସ୍ତ
ମଣିଷର ମାନସିକତା
ସଦା ଦୋଦୁଲ୍ୟମାନ
ସେଇ ପ୍ରତୀକ୍ଷାକୁ ନେଇ ବିତୁଥାଏ ଜୀବନ
ପର୍ବତ ଶିଖରରେ ଫୁଟିବ ବୋଲି ନୀଳକଇଁ
ଅବା ପଶ୍ଚିମ ଦିଗରେ ଆସିବ ସୂର୍ଯ୍ୟ ଉଇଁ
ଭାବି ଏକ ଖିଆଲରେ ପ୍ରତୀକ୍ଷା କରିବା ବୃଥା
ପ୍ରତୀକ୍ଷାର ଅନ୍ତ ସେଇଠି ହୁଏ ଫଳପ୍ରଦ
ଯେଉଁଠି ଥାଏ ବାସ୍ତବ ସତ୍ୟର ଶ୍ରମ ସାଧନା
ଏତଦ୍ ଭିନ୍ନ ପ୍ରତୀକ୍ଷା ପାଲଟି ଯାଏ ପ୍ରବଞ୍ଚନା
ସେ ପ୍ରତୀକ୍ଷା ଏକ ଅନାବଶ୍ୟକ ପରୀକ୍ଷା ।

**କୋହି,ବାରିପଦା,ମୟୂରଭଞ୍ଜ**
**ମୋ–୮୦୧୮୩୫୩୩୨୨**

ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com





କୋରାପୁଟ, ନବରଙ୍ଗପୁର, ରାୟଗଡା, ପାରଳାଖେମୁଣ୍ଡିରେ ବିଜେଡ଼ି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଓ କାର୍ତ୍ତିକ ପାଣ୍ଡିଆନ୍

# ବିଜେପି ପକ୍ଷରୁ ଉପାସନା ବ୍ରହ୍ମଗିରି ବିଧାନସଭା ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ

ପୁରୀ (ସବ୍ୟୁ): ବ୍ରହ୍ମଗିରି ବିଧାନସଭା ର୍ନିବାଚନ ମଣ୍ଡଳୀ ପାଇଁ ବିଜେପି ବିଧାୟିକା ପ୍ରାର୍ଥୀ ଉପାସନା ମହାପାତ୍ର ଆଜି ଏକ ବିରାଟ ପଟୁଆରରେ ହଜାର ହଜାର ସମର୍ଥକଙ୍କ ସହ ଆସି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀ ପତ୍ର ଦାଖଲ ସେ ଏକ ବିଶାଳ ଶୋଭାଯାତ୍ରାରେ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିବା ପରେ ପୁରୀ ଅଭିମୁଖେ ଆସିଥିଲେ। ନାମାଙ୍କନ ପତ୍ର ଦାଖଲ ପରେ ଉପାସନା ପ୍ରତିକ୍ରିୟାରେ କହିଛନ୍ତି ତାଙ୍କ ବାପା ସ୍ୱର୍ଗତଃ ଲୁଲୁ ମହାପାତ୍ରଙ୍କ ପ୍ରାର୍ଥୀ ପତ୍ର ଦାଖଲକୁ ଲୋକେ ଯେଭଳି ଅପେକ୍ଷା ନିର୍ବାଚନ ମଣ୍ଡଳୀରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବାଟମାରକଣା ହୋଇଛିଛ ମାଳ ମାଳ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଏହି ଅଞ୍ଚଳ ବସୀ ଏଯାଏଁ ବିଶୁଦ୍ଧ ପାନୀୟ ଜଳ ପାଇ ପାରୁନାହାନ୍ତି । ଏହି ଅଞ୍ଚଳ ଏକ ବାତ୍ୟା ପ୍ରବଣ ଅଞ୍ଚଳ ହୋଇଥିବାବେଳେ ଭୂତଳ କେବୁଲିଂ



କରିଛନ୍ତି । ସ୍ୱର୍ଗତଃ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କୁ ସ୍ତ୍ରୀ ତଥା ଉପସନାଙ୍କ ମା ନମିତା ମହାପାତ୍ରଙ୍କ ସମେତ ତାଙ୍କ ପରିବାର ଓ ଶ୍ୱଶୁର ଘର ଲୋକେ ଉପସ୍ଥିତ ଥିଲେ । ବ୍ରହ୍ମଗିରି ଗଡରୋଡଙ୍ଗ ସ୍ଥିତ ନିଜ ବାସଭବନରୁ ୨୦ ହଜାରରୁ ଊର୍ଦ୍ଧ୍ୱ ଦଳୀୟ ନେତା,କର୍ମୀ ଓ ସମର୍ଥକଙ୍କ ଗହଣରେ କରୁଛନ୍ତି ଆଜି ସେ ଇତିହାସର ପୁନରାବୃତ୍ତି ହୋଇଛି । ଏହି ଅଭୂତପୂର୍ବ ଭଲ ପାଇବା ଓ ସମର୍ଥନ ପାଇଁ ସେ ବ୍ରହ୍ମଗିରି ବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି ଛବ୍ରହ୍ମଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ ଲୋକଙ୍କ ସେବା ସେ ଉତ୍ସର୍ଗୀକୃତ ବୋଲି କହିଛନ୍ତିଛବ୍ରହ୍ମଗିରି ବିଧାନସଭା ଆବଶ୍ୟକ ଛକିନ୍ତୁ ତାହା ମଧ ଦମ୍ଭ ହୋଇପାରିନାହିଁଛସେ ଏହି ସବୁ ପ୍ରଶାନ୍ତ ନେଇ ର୍ନିବାଚନ ଲଢୁଛନ୍ତି । ବକ୍ସି ମାଟିର ରକ୍ତ ପ୍ରବାହିତ ହେଉଥିବାରୁ ସଂଗ୍ରାମ କରି ଶିଖିଛି । ଲୋକେ ତାଙ୍କୁ ନିଶ୍ଚିନ୍ତ ଆଶୀର୍ବାଦ କରି ବିଜୟୀ କରିବେ ବୋଲି ସେ ଦୃଢ଼ ନିଶ୍ଚିନ୍ତ ଅଛନ୍ତି ।

# ଜୟନ୍ତୀଙ୍କ ଘରବାହୁଡା

କୋରେଇ (ସବ୍ୟୁ): ବିଜେପି ବିଧାୟକ ପ୍ରାର୍ଥୀ ଆକାଶ ଦାସ ନାୟକଙ୍କ ନୀତି ଆଦର୍ଶକୁ ପାଥେୟ କରି ଆଜି ବରୁଣ୍ଡେଇ ପଂଚାୟତର ପୂର୍ବତନ ସମିତି ସଭ୍ୟା ଜୟନ୍ତୀ ସାହୁ ବିଜେପି ନେତା ନିରାକାର ସାହୁଙ୍କ ନେତୃତ୍ୱ ରେ ଆଜି ପୁଣି ବିଜେପିରେ ଯୋଗ ଦେଇଛନ୍ତି ।ଶ୍ରୀମତୀ ସାହୁ ଆଜି ପୂର୍ବାହ୍ନରେ ଯାଜପୁରରୋଡ ସ୍ଥିତ ବିଜେପି କାର୍ଯ୍ୟାଳୟରେ ପହଂଚବା ପରେ ଆକାଶ ଦାସ ନାୟକ ତାଙ୍କୁ ଦଳୀୟ ଉତ୍ତରୀୟ ଶହ ପୁଷ୍ପଗୁଛ ଦେଇ ସ୍ୱାଗତ କରବାସହ ଶ୍ରୀମତୀ ସାହୁ ଦଳରେ ମିଶିବା ପରେ ଦଳର ସଙ୍ଗଠନ ବୃଦ୍ଧି ହେଉଥିବା ପ୍ରକାଶ କରଥିଲେ । ଆଜିର ମିଶ୍ରଣପର୍ବ ରେ ନାରୀନେତ୍ରୀ ଇତିଶ୍ରୀ ସାମଲ, ଦୀପ୍ତିମୟୀ କୁଅଁର, ବରୁଣ୍ଡେଇ ସରପଞ୍ଚଙ୍କ ପ୍ରତିନିଧି ଓ ପୂର୍ବତନ ସରପଞ୍ଚ ଉଦୟନାଥ ପରିଡା, ପ୍ରଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଅକ୍ଷୟ ତୃତୀୟା ଉପଲକ୍ଷେ ମାଲାବାର୍ ଗୋଲ୍ଡ ଆଣ୍ଡ ଡାଏମଣ୍ଡ ପକ୍ଷରୁ ସ୍ୱତନ୍ତ୍ର ଅଳଙ୍କାର ସମ୍ଭାର

ଭୁବନେଶ୍ୱର (ସବ୍ୟୁ): ସମୃଦ୍ଧି ଓ ପ୍ରାଚୁର୍ଯ୍ୟର ପ୍ରତୀକ ପବିତ୍ର ଅକ୍ଷୟ ତୃତୀୟା ଉପଲକ୍ଷେ ମାଲାବାର୍ ଗୋଲ୍ଡ ଆଣ୍ଡ ଡାଏମଣ୍ଡ ଆଣିଛି ସ୍ୱତନ୍ତ୍ର ଅଳଙ୍କାର ସମ୍ଭାର । ଏଥି ସହିତ ଗ୍ରାହକମାନଙ୍କ ପାଇଁ ବିଶେଷ ଅଫର ବ୍ୟବସ୍ଥା ରହିଛି । ଗ୍ରାହକମାନେ ସୁନା ଅଳଙ୍କାର ପାଇଁ ଗଢ଼ା ମଜୁରୀ ଉପରେ ୨୫ ପ୍ରତିଶତ ରିହାତି ପାଇପାରିବେ । ସେହିପରି ପ୍ରେସିଆ/ଏରା ଖଚିତ ଅଳଙ୍କାର କ୍ରୟ ଉପରେ ଗଢ଼ା ମଜୁରୀ ପାଇଁ ୨୫ ପ୍ରତିଶତ ରିହାତି ଏବଂ ହୀରା ଅଳଙ୍କାର କ୍ରୟ ଉପରେ ହୀରା ମୂଲ୍ୟର ୨୫ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଗ୍ରାହକମାନଙ୍କୁ ମିଳିବ । ଏହି ଆକର୍ଷଣୀୟ ଅଫର ଏପ୍ରିଲ ମାସ ୨୭ତାରିଖରୁ ମେ ମାସ ୧୨ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ । ସୁନା ମୂଲ୍ୟରେ ଅସ୍ଥିରତା ରହୁଥିବାରୁ ଏଥିରୁ ସୁରକ୍ଷା ଦେବା ପାଇଁ ମାଲାବାର ଅଗ୍ରୀମ ବୁକିଂ ସୁଯୋଗ ପ୍ରଦାନ କରୁଛି । ଗ୍ରାହକମାନେ ସର୍ବନିମ୍ନ ୧୦ ପ୍ରତିଶତ ଅର୍ଥ ଦାଖଲ



କରି ଅଳଙ୍କାର ବୁକିଂ କରିପାରିବେ ଏବଂ କିଣିବା ସମୟରେ ବୁକିଂ ସମୟର ମୂଲ୍ୟ କିମ୍ବା ପ୍ରଚଳିତ ମୂଲ୍ୟ, ଯାହା ସର୍ବନିମ୍ନ ଥିବ ସେହି ହାରରେ ସେମାନେ ଅଳଙ୍କାର କିଣିପାରିବେ । ଏଥି ସହିତ ଗ୍ରାହକମାନେ ଗୋଟିଏ ମାଗଣା ରୂପା ମୁଦ୍ରା ଘରକୁ ନେଇପାରିବେ । ଅକ୍ଷୟ ତୃତୀୟା ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡ ପକ୍ଷରୁ ବିଭିନ୍ନ ପ୍ରକାର ଆକର୍ଷଣୀୟ ବ୍ରାଣ୍ଡ୍‌ର ଅଳଙ୍କାର ପ୍ରଦର୍ଶନ କରାଯାଉଛି । ଏଥି ମଧ୍ୟରେ ମାଇନ୍ ଡାଏମଣ୍ଡ ଜୁଏଲରୀ, ଏରା ଅନ୍‌କଟ୍ ଡାଏମଣ୍ଡ ଜୁଏଲରୀ, ଡିଭାଇନ୍ ହେରିଟେଜ୍ ଜୁଏଲରୀ, ଏଥନିକ୍ସ ହ୍ୟାଣ୍ଡିକ୍ରାଫ୍ଟ ହୋଇଥିବା ଜୁଏଲରୀ, ପ୍ରେସିଆ ଜେମ୍‌ଷ୍ଟୋନ୍ ଜୁଏଲରୀ ଏବଂ ଭିରାଜ୍ ପୋଲ୍‌କୀ ଜୁଏଲରୀ ପ୍ରଭୃତି ଅନ୍ତର୍ଭୁକ୍ତ । ସବୁପ୍ରକାର ଗ୍ରାହକମାନଙ୍କ ରୁଚିକୁ ଲକ୍ଷ୍ୟ ରଖି ଏହିସବୁ ଅଳଙ୍କାର ପ୍ରସ୍ତୁତ କରାଯାଇଛି । ଗ୍ରାହକମାନେ ୨୨ ଓ ୨୪ କ୍ୟାରେଟ୍ ହୁଇଡ୍ ହଲ୍‌ମାର୍କ ସୁନା ମୁଦ୍ରା ମଧ କିଣିପାରିବେ ।

# ଆମ୍ରି ହସ୍ପିଟାଲ ପକ୍ଷରୁ ମାଗଣା ଯକୃତ ପରାମର୍ଶ ଶିବିର

ଭୁବନେଶ୍ୱର (ସବ୍ୟୁ): ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଛି ଆମ୍ରି ହସ୍ପିଟାଲ । ଲୋକଙ୍କୁ ଭରସାଯୋଗ୍ୟ ଓ ପକେଟସୁଲଭ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ଏହା ସର୍ବଦା ବଦ୍ଧପରିକର । ଆମ୍ରି ହସ୍ପିଟାଲ ଜନସାଧାରଣଙ୍କୁ ସେବା ଯୋଗାଇବା ନିମନ୍ତେ ପୁଣି ଆଉ ଏକ ପଦକ୍ଷେପ ଗ୍ରହଣ କରିଛି । ଆମ୍ରି ହସ୍ପିଟାଲ ପରିସରରେ ଏକ ଲିଭର କ୍ଲିନିକର ଶୁଭାରମ୍ଭ କରିଛି । ଏଠାରେ ଆସନ୍ତା ମେ ୮ ତାରିଖରେ ଏକ ମାଗଣା ଯକୃତ ସ୍ୱାସ୍ଥ୍ୟ ପରୀକ୍ଷା ଓ ପରାମର୍ଶ ଶିବିର ଆୟୋଜନ କରୁଛି ।

ଲିଭର ପ୍ରତିରୋପଣ ସର୍ଜନ ଡକ୍ଟର ରାଜଶେଖର କେ କହିଛନ୍ତି, ଯକୃତ ରୋଗର ଶେଷ ପର୍ଯ୍ୟାୟରେ ଯକୃତ ପ୍ରତିରୋପଣ କରିବା ଦ୍ୱାରା ନିଶ୍ଚୟ ଏହି ସମସ୍ୟାର ସମାଧାନ ହୋଇପାରିବଛ ଯକୃତ ରୋଗରୁ ସମ୍ପୂର୍ଣ୍ଣ ସୁସ୍ଥ ହେବାକୁ ହେଲେ ଠିକ୍ ସମୟରେ ପରାମର୍ଶ ଏବଂ ଅସ୍ତ୍ରୋପଚାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆମ୍ରି ହସ୍ପିଟାଲର ପରିସରରେ ଲିଭର କ୍ଲିନିକ୍ ଉଦଘାଟନୀ ଦିବସରେ ସେଠାକୁ ଯାଇ ଡାକ୍ତରଙ୍କ ପାଖରୁ ସଠିକ୍ ପରାମର୍ଶ ନେବା ପାଇଁ ଆମେ ସମସ୍ତଙ୍କୁ ଉତ୍ସାହିତ କରୁଛୁ । ଏହି ଅବସରରେ ଆମ୍ରି ହସ୍ପିଟାଲର ମେଡିକାଲ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜିର ବରିଷ୍ଠ ପରାମର୍ଶଦାତା ଡାକ୍ତର ପ୍ରତାପ ବେହେରା ସ୍ୱାସ୍ଥ୍ୟ ଉପରେ ଯକୃତର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରି କହିଥିଲେ, ଆମ ଲିଭର ସାମଗ୍ରିକ ସ୍ୱାସ୍ଥ୍ୟ ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏଛ ସନ୍ତୁଳିତ ଖାଦ୍ୟ ଗ୍ରହଣ କରିବା, ନିୟମିତ ବ୍ୟାୟାମ ଏବଂ ମଦ୍ୟପାନକୁ ନିୟନ୍ତ୍ରଣ କରିବା ଭଳି ସରଳ ଜୀବନଶୈଳୀ ଯକୃତ ରୋଗର ଆଶଙ୍କାକୁ ଯଥେଷ୍ଟ ହ୍ରାସ କରିପାରେ । ମାଗଣା ଲିଭର ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ଅଂଶଗ୍ରହଣକାରୀମାନେ ପ୍ରଶଂସନୀୟ ପରାମର୍ଶ ଦ୍ୱାରା ଉପକୃତ ହୋଇପାରିବେ । ଏକ ବିଶେଷଜ୍ଞ ଟିମର ମାର୍ଗଦର୍ଶନରେ ଯକୃତର ସୁସ୍ଥତା ସୁନିଶ୍ଚିତ କରିବାର ସୁଯୋଗ ପାଇବେ ଅଂଶଗ୍ରହଣକାରୀ ।

# ଅସନ୍ତୋଷକୁ କିପରି ସମ୍ଭାଳିବେ ବିଜେପି ବାରବାଟୀ କଟକ ପ୍ରାର୍ଥୀ ଡାକ୍ତର ପୂର୍ଣ୍ଣ ସାର

କଟକ **(ପ୍ରଫୁଲ୍ଲ ମହାନ୍ତି)** ନିର୍ବାଚନ ଘି ଢ଼ାଉଁ ଢ଼ାଉଁ ବାଜୁଛି । ଟାଇଁ ଟାଇଁ ଖରାରେ ସକାଳୁ ସକାଳୁ ପ୍ରାର୍ଥୀ ମାନେ ପ୍ରଚାରରେ ବାହାରି ପଡୁଛନ୍ତି ମୈଦାନକୁ । ବାରବାଟୀ କଟକ ନିର୍ବାଚନ ମଣ୍ଡଳୀରେ ପ୍ରଚାରରେ ସବୁଠି ଆଗରେ ଅଛି କଂଗ୍ରେସ । କଂଗ୍ରେସ ଦଳ ଏଠାରେ ଷ୍ଟାଣ୍ଡିଂ ବିଧାୟକ ମହମ୍ମଦ ମୋକିମଙ୍କ ଉପରେ ଭରସା କରି ତୃଣମଳ ସ୍ତରରେ ସଂଗଠନ ସଜାଡିବାରେ ଲାଗିପଡିଥିଲା । ବିଜେଡିର ଏଠାରେ ସଂଗଠନ ମଜବୁତ ଥିଲାବେଳେ ସାଂସଦ ଦେବାଶିଷ ସାମନ୍ତରାୟ ଓ ମେୟର ସୁବାସ ସିଂ ଏହାକୁ ଆହୁରି ମଜବୁତ କରିଦେଇଛନ୍ତି । ବିଜେପିର ସଂଗଠନ ବାରବାଟୀ କଟକରେ ଲଲାଟେନ୍ଦୁ ବଡୁଙ୍କ ହାତରେ ରହିଥିଲା । ତେବେ ଏହି ନିର୍ବାଚନ ମଣ୍ଡଳୀରେ ସଂଗଠନ ଯାହା ହାତରେ ବି ଥାଉ ସବୁଦଳ କିନ୍ତୁ ଭରସା କରିଛି ନୂଆ ପାର୍ଥୀଙ୍କ ଉପରେ । ଯଦିଓ କଂଗ୍ରେସ ପକ୍ଷରୁ ଏଠାରେ କେହି ଦାବିଦାର ନ ଥିଲେ ବିଧାୟକ ମହମ୍ମଦ ମୋକିମ ଦୁର୍ନୀତିରେ ଛନ୍ଦି ହୋଇପଡିବାରୁ କଂଗ୍ରେସ ଏଠାରେ ନୁଆଭାବେ ତାଙ୍କ ଝିଅ ଅନଭିଜ୍ଞ ସୋଫିଆ ଫିର୍ଦ୍ଦୋସକୁ ପ୍ରାର୍ଥୀ ଭାବେ ନିର୍ବାଚନକୁ ଓହ୍ଲାଇଛି । ଅବଶ୍ୟ ମୋକିମ ବାବୁ ନିଜେ ପ୍ରତ୍ୟକ୍ଷ ନିର୍ବାଚନ ଲଢୁ ନ ଥିଲେ ବି ଝିଅ ସୋଫିଆକୁ ଜିତାଇବା ପାଇଁ ସମସ୍ତ କୌଶଳକୁ ଏକତ୍ର କରି ଦେଇଛନ୍ତି । ଝିଅ ସୋଫିଆ ଜିତିବା ହାରିବା ମୋକିମ ବାବୁଙ୍କ ହାରିବା ଜିତିବା ସହ ସମାନ । ଅପରପକ୍ଷେ ବିଜେଡି ପ୍ରକାଶ ବେହେରାଙ୍କୁ ଏଠାରେ ପ୍ରଥମ କରି ଟିକେଟ ଦେଇ କଟକରେ ଆଶାୟୀ ଥିବା ଅନେକ ପ୍ରାର୍ଥୀଙ୍କୁ ଅଣଦେଖା କରିଛି । ପ୍ରକାଶ ଯଦିଓ କଟକ ପାଇଁ ନୂଆ ,ଅଭିଜ୍ଞତା ଦୃଷ୍ଟିରୁ ସେ ଜଣେ ସୁସଂଗଠକ ସମ୍ପନ୍ନ ରାଜନୈତିକ ବ୍ୟକ୍ତିତ୍ୱ । ତେବେ ଦଳ ଭିତରେ ଥିବା ଅର୍ନ୍ତଦ୍ୱନ୍ଦ ଏବେ ପ୍ରକାଶଙ୍କ ପ୍ରଚାରକୁ ଆଗକୁ ନେଇପାରୁନି । ଏପରି ସ୍ଥଳେ ବହୁ ବିଳମ୍ବରେ ବିଜେପି ତାର ପ୍ରାର୍ଥୀଭାବେ ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ଟିକେଟ ଦେଇଛି । ପ୍ରଥମେ ପ୍ରଥମେ ଲୋକ ସଭା କଟକ ଆସନରୁ ଲଢ଼ିବା ପାଇଁ ମନସ୍ଥ କରିଥିବା ପୂର୍ଣ୍ଣ ବାବୁ ବାରବାଟୀ କଟକରୁ ଲଢ଼ିବା ପାଇଁ ଅମଙ୍ଗ ହୋଇ ଶେଷରେ ଦଳରୁ ଟିକେଟ ପାଇଛନ୍ତି । ଦଳ କିନ୍ତୁ ଏଠାରେ ଦୀର୍ଘଦିନ ହେଲା ବିରୋଧୀଙ୍କ ସହ ମୁକାବିଲା କରୁଥିବା କାହାକୁ ବି ଜଣକୁ ବିଶ୍ୱାସକୁ ନେଇପାରିନି । ପୂର୍ଣ୍ଣ ବାବୁ ଜଣେ ସୁନାମଧନ୍ୟ ଡାକ୍ତର ହୋଇପାରି ଥାନ୍ତି କିନ୍ତୁ ରାଜନୀତିରେ ଅଭିଜ୍ଞତା ବିଗ୍ ଜିରୋ । ଆଶାୟୀ ଥିବା ବିଜେପି ଟିକଟ ଲବିରେ ପ୍ରଥମେ ଧର୍ମେନ୍ଦ୍ର ପ୍ରଧାନଙ୍କ ଏକାନ୍ତ ଅନୁଗତ କର୍ପୋରେଟର ଗଗନ ଓଝା ରହିଥିବାବେଳେ ଅନୁଭବ ମହାନ୍ତି ଏବଂ ଅରିନ୍ଦମ ରାୟ ବିଜେପିରେ ଯୋଗଦାନ ପରେ ଏଥିରେ ଯବନିକା ପଡିଥିଲା । ତେବେ ପରବର୍ତ୍ତୀ ଅବସ୍ଥାରେ ଏହି ଲବିରେ ସୌରୀ ମହାପାତ୍ର ,ଲଲାଟେନ୍ଦୁ ବଡୁ , ସ୍ମୃତି ପଟ୍ଟନାୟକ , ପୂର୍ଣ୍ଣ ମହାପାତ୍ରଙ୍କ ନାଁ ଯୋଡି ହୋଇଯାଇଥିଲା । ଶେଷରେ ଦଳ ପୂର୍ଣ୍ଣ ମହାପାତ୍ରଙ୍କ ଉପରେ ଭରସା କରି ଟିକେଟ ଦେଇଛି । ସେ ଯାହା ହେଉ ସଂଗଠନକୁ ମଜବୁତ କରିବାକୁ ହେଲେ ସମସ୍ତଙ୍କୁ ଏକାଠି ନ କଲେ ବିଜେପି ଯେ ରସାତଳକୁ ଯିବ କହିବା ବାହୁଲ୍ୟ । ଦେଖାଯାଉ ଅସନ୍ତୋଷ ଓ କର୍ମୀଙ୍କୁ ଏକାଠି କରିବାକୁ ଆଉମାତ୍ର ଦିନ ୨୦ ଟି ବାକି ରହିଥିଲା ବେଳେ ନିର୍ବାଚନ ବୈତରଣୀ ପାର ହେବାକୁ ପୂର୍ଣ୍ଣ ସାର କେତେ ସକ୍ଷମ ହେବେ ଆଗାମୀ ଦିନରେ ଜଣାପଡିବ ।

# ମୟୂରଭଞ୍ଜରେ ବିଜେପିର ଷ୍ଟ୍ରାଟେଜି ପାଇଁ ପ୍ରଭାରୀ ସୁନୀଲ ବଂଶଲ ଓ ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂହ ରାଓ୍ୱତ

ବାରିପଦା, (ସବ୍ୟୁ) : ସାଧାରଣ ନିର୍ବାଚନକୁ ନେଇ ମୟୂରଭଞ୍ଜ ରାଜନୀତି ଚଳଚଞ୍ଚଳ ହୋଇପଡିଛି । ୭ତାରିଖରୁ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବାକୁ ଥିବାବେଳେ ଏବେ ବିଭିନ୍ନ ଦଳ ନିଜର ପ୍ରାର୍ଥୀକୁ କିପରି ବିଜୟ କରାଇବେ ସେ ନେଇ ଷ୍ଟ୍ରେଟେଜି କରିବାରେ ବ୍ୟସ୍ତ । ଏଠାରେ ସୂଚନାଯୋଗ୍ୟ ଯେ, ୨୦୧୯ ସାଧାରଣ ନିର୍ବାଚନରେ ମୟୂରଭଞ୍ଜ ଲୋକସଭା ସହ ୬ଟି ବିଧାନସଭା ଦଖଲ କରିଥିଲା ବିଜେପି । ପୁଣି ଥରେ ମୟୂରଭଞ୍ଜ ଲୋକସଭା ଓ ବିଧାନସଭା ରେ ବିଜେପି ନିଜର ବିଜୟ ବାନା ଉଡାଇବା ପାଇଁ ଜୋରସୋର କସରତ ଆରମ୍ଭ କରିଦେଇଛି । କେନ୍ଦ୍ରୀୟ ବିଜେପି ନେତୃବୃନ୍ଦ ମୟୂରଭଞ୍ଜ ଜିଲ୍ଲା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇ କିପରି ବିଜେପି ର ବିଜୟ ହେବ ସେଥିପାଇଁ କସରତ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂହ ରାଓ୍ୱତ ଗତ କିଛି ଦିନ ହେଲା ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ବାରିପଦାରେ ଡେରା ପକାଇଛନ୍ତି । ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀକୁ ଘନଘନ ଗସ୍ତ କରିବା ସହ ବିଜେପି ପ୍ରାର୍ଥୀ, ପଦାଧିକାରୀ ନେତୃବୃନ୍ଦ ଓ କର୍ମୀମାନଙ୍କୁ ନେଇ କବାଟ କିଳା ବୈଠକ ଆରମ୍ଭ କରିଦେଇଛନ୍ତି । ଏଥିସହ ବିଜେପି ଦଳର କର୍ମୀମାନଙ୍କୁ ସମାବେଶ ସହିତ ମିଶ୍ରଣ ପର୍ବ ଆରମ୍ଭ କରିଦେଇଛନ୍ତି । ବିଜେପି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ନିର୍ବାଚନ ପର୍ଯ୍ୟନ୍ତ ଶ୍ରୀ ରାଓ୍ୱତ ମୟୂରଭଞ୍ଜରେ ଡେରା ପକାଇବେ ବୋଲି ଜଣାଯାଇଛି । ସେହିପରି ଶନିବାର ବିଜେପି ଆଉ ଦୁଇପାଦ ଆଗକୁ ଯାଇ ବିଜେପିର ସର୍ବଭାରତୀୟ ସାଧାରଣ ସମ୍ପାଦକ ତଥା ଓଡିଶା ପ୍ରଭାରୀ ସୁନୀଲ ବଂଶଲ ଶନିବାର ସନ୍ଧ୍ୟାରେ ବାରିପଦାରେ ପହଁଞ୍ଚିଛନ୍ତି । ବାରିପଦାର ବାଜାର ଇଣ୍ଡିଆ ଠାରେ ବିଜେପି ର ମୟୂରଭଞ୍ଜ ଲୋକସଭା ପ୍ରାର୍ଥୀ ନବଚରଣ ମାଝୀ ଓ ବିଭିନ୍ନ ବିଧାନସଭା ମଣ୍ଡଳୀର ପ୍ରାର୍ଥୀ, ପଦାଧିକାରୀ ଓ କର୍ମୀମାନଙ୍କ ସହ ଆଗାମୀ ମୟୂରଭଞ୍ଜ ଲୋକସଭା ଓ ସମସ୍ତ ବିଧାନସଭାରେ ବିଜେପିର ପ୍ରାର୍ଥୀ କିପରି ବିଜୟ ହେବେ ସେ ନେଇ ଷ୍ଟ୍ରେଟେଜି ପ୍ରସ୍ତୁତ କରିଛନ୍ତି ।

# ବୟସଙ୍କ ସଂପୂର୍ଣ ଆଣ୍ଠୁ ରିପ୍ଲେସମେଟ୍ ଶାରୀରିକ ଚଳନ ଫେରାଇ ଆଣିଥାଏ

ଭୁବନେଶ୍ୱର (ସବ୍ୟୁ): କଟକରେ ଅଶ୍ୱିନୀ ହସ୍ପିଟାଲରେ, ଦୁର୍ବଳ ଆଣ୍ଠୁ ସ୍ଥିତି ଥିବା ଲୋକଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ ଲମ୍ଫ ଦେଇ, ଅସ୍ଥିଶଲ୍ୟ ବିଭାଗର ବରିଷ୍ଠ ପରାମର୍ଶଦାତା, ଡାକ୍ତର ସତ୍ୟ ନାରାୟଣ ବେହେରାଙ୍କ ଦ୍ୱାରା ଏକ ଉନ୍ନତ ସଂପୂର୍ଣ ଆଣ୍ଠୁ ରିପ୍ଲେସମେଟ୍ (ଟିକେଆର୍) ଅସ୍ତ୍ରୋପଚାର କରି ଏକ ଗୁରୁତ୍ୱପୂର୍ଣ ମେଡିକାଲ ସଫଳତା ହାସଲ କରଯାଇଛି। ଯନ୍ତ୍ରଣା ହ୍ରାସ କରିବା ଏବଂ ଚଳନ ଶକ୍ତି ଫେରାଇ ଆଣିବା ଉଦ୍ଦେଶ୍ୟରେ ଏହି ପ୍ରଣାଳୀ, ବିଗତ ଚାରି ବର୍ଷ ଧରି ଚାଲିବାରେ କଷ୍ଟ ଅନୁଭବ କରୁଥିବା ଓ ଘଟଣାକ୍ରମେ ପ୍ରାୟତଃ ବିଗତ ଏକ ବର୍ଷ ପାଇଁ ଶଯ୍ୟାଶାୟୀ ଥିବା ୭୬ ବର୍ଷ ବୟସ୍କ ପୁରୁଷ ରୋଗୀଙ୍କ ଠାରେ ପ୍ରୟୋଗ କରାଯାଇଥିଲା ।

ଡାକ୍ତର ବେହେରାଙ୍କ ବିଶେଷ ଜ୍ଞାନ ଏବଂ ଟିକେଆର୍ ବୈଷୟିକ ଜ୍ଞାନର ଉନ୍ନତି ଏହି ରୂପାନ୍ତରାଣାତ୍ମକ କାର୍ଯ୍ୟରେ ଏକ ଗୁରୁତ୍ୱପୂର୍ଣ ଭୂମିକା ଗ୍ରହଣ କରିଅଛି । ଅସ୍ତ୍ରୋପଚାର କରିବାର କେବଳ ଦୁଇ ସପ୍ତାହ ମଧ୍ୟରେ, ରୋଗୀ ସ୍ୱାଧୀନ ଭାବରେ



ଚାଲିବାରେ, ଟିକେଆର୍ ପ୍ରଣାଳୀ ସହିତ ସଂଯୁକ୍ତ ଥିବା ଫଳପ୍ରଦତା ଏବଂ ଦ୍ରୁତ ଆରୋଗ୍ୟ ପ୍ରଦର୍ଶନ କରିବାରେ ଏକ ଗୁରୁତ୍ୱପୂର୍ଣ ପରିବର୍ତନ ହାସଲ କରିଛନ୍ତି । ଏହି ସଫଳ ଅସ୍ତ୍ରୋପଚାର କେବଳ ରୋଗୀଙ୍କ ଯନ୍ତ୍ରଣା ଉପଶମ କରିନାହିଁ, ବରଂ ସେହପରି ଆହ୍ୱାନର ସମ୍ମୁଖୀନ ହେଉଥିବା ଅଗଣିତ ବ୍ୟକ୍ତିଙ୍କୁ ଆଶା ଓ ଆଶ୍ୱାସନା ପ୍ରଦାନ କରି ଅସ୍ଥିଶଲ୍ୟ ବୈଷୟିକ ଜ୍ଞାନରେ ଏକ ନିରନ୍ତର ପରିର୍ବତନରେ ଏକ ରେଖା ଟାଣି ଅଛି ।

ଅସ୍ଥିଶଲ୍ୟ ବିଭାଗରେ ବରିଷ୍ଠ ପରାମର୍ଶଦାତା, ଡାକ୍ତର ସତ୍ୟ ନାରାୟଣ ବେହେରା ଏହାର ଫଳାଫଳ ସହିତ ଆତ୍ମତୃପ୍ତିର ସହିତ ବର୍ଣନା କରନ୍ତି, 'ଏହି ଆହ୍ୱାନର ସମାଧାନ କରିବା ଏବଂ ସଂପୂର୍ଣ ଆଣ୍ଠୁ ରିପ୍ଲେସମେଟ୍ ପ୍ରଣାଳୀର ରୂପାନ୍ତରଣାତ୍ମକ ପ୍ରଭାବ ଦର୍ଶନ କରିବା ଅସାଧାରଣ ଅସ୍ଥିଶଲ୍ୟ ଯତ୍ନ ପ୍ରଦାନ କରିବା ପାଇଁ ଆରମ୍ଭ ପ୍ରତିବଦ୍ଧତାର ଆଶ୍ୱାସନା ସୂଚିତ କରୁଛି। ବାସ୍ତବରେ, ଆରମ୍ଭ ରୋଗୀ ପୁନଃ ସ୍ୱାଧୀନତା ଏବଂ ଚଳନ ଶକ୍ତି ପ୍ରାପ୍ତ କରୁଥିବା ତଥା ଜୀବନକୁ ସଂପୂର୍ଣ ଭାବରେ ଆଲିଙ୍ଗନ କରୁଥିବା ଦେଖିବା ଆମ ପାଇଁ ସନ୍ତୋଷଜନକ ଅଟେ ।

# ଧୀରେ ଧୀରେ ମଜଭୁତ ହେଉଛି ପ୍ରଭାସ କର ସଂଗଠନ

ମୋରଡା ,(ସବ୍ୟୁ) :ସାଧାରଣ ର୍ନିବାଚନ ଯେତିକି ପାଖେଇ ଆସୁଚି ମୋରଡା ର୍ନିବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଭାସ କର ମହାପାତ୍ରଙ୍କ ସଂଗଠନ ମଧ ଧୀରେ ଧୀରେ ମଜବୁତ ହେଉଛି । ଅନ୍ୟ ଦଳରୁ ନେତା କର୍ମୀ ଆସି କଂଗ୍ରେସ ଦୋଳରେ ସାମିଲ ହେଉଛନ୍ତି । ଶନିବାରଦିନ ମୋରଡା ବ୍ଲକ ଅଧୀନ କଲରାଫୁଲିଆସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ବିଧାୟକ ପ୍ରାର୍ଥୀ ପ୍ରଭାସ କର ମହାପାତ୍ରଙ୍କ ନେତୃତ୍ୱରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ସୁଲିଆପଦା କୁଜିଡ଼ିହି ପଞ୍ଚାୟତର ବିଜେଡି ନେତା ପ୍ରତାପ ରାଜ, ସାମର୍ଜିତ ଦାସ,ସିୟନାଥ ଥୟାଲ, ଗଣେଶ୍ୱର ଆଚାର୍ଯ୍ୟଙ୍କ ନେତୃତ୍ୱରେ ଛଅ ଜଣ ୱାର୍ଡ ସଭ୍ୟ ଯୋଗ ଦେଇଥିବାବେଳେ ମୋରଡା ବ୍ଲକ ମୋରଡା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟା ଉର୍ମିଳା ପାତ୍ରଙ୍କ ନେତୃତ୍ୱରେ ଯୁବ ବିଜେପି ନେତା ନିଶ୍ଚିତ ମହାନ୍ତ,ଜଗଦିଶ ମହାନ୍ତ, ବିଜେଡି ଯୁବ ନେତା ରାବଣ ମୁର୍ମୁ,ଦୁବାଇ ମୁର୍ମୁ ଯୋଗ ଦେଇଥିଲେ ଝ ନୂଆଝାଳିଆ ପଞ୍ଚାୟତ ପୂର୍ବତନ ସରପଞ୍ଚ ରଘୁନାଥ ମୁର୍ମୁ, ଦାଶରଝଥ ମାର୍ଣ୍ଡି ରଙ୍କ ନେତୃତରେ ୱାର୍ଡ ସଭ୍ୟ ମନୋଜ ନାଏକ,ବିଜେପି ନେତା କାଳିଚରଣ ଙ୍କ ସମେତ ବିଜେପି, ବିଜେଡି, ଆମ ଆଦମୀ ପାର୍ଟିରୁ ବହୁ ନେତା କର୍ମୀ କଂଗ୍ରେସର ନିତୀ ଆଦର୍ଶକୁ ବିଚାର କରି ତଥା ବିଧାୟକ ପ୍ରାର୍ଥୀ ପ୍ରଭାସକର ମହାପାତ୍ରଙ୍କ କାର୍ଯ୍ୟ ଦକ୍ଷତା, ନିତୀ, ଆଦର୍ଶକୁ ଅନୁକରଣ କରି ବିଦ୍ଧି ବଦ୍ଧ ଭାବେ କଂଗ୍ରେସର ଟପି ଓ ଉତ୍ତରୀୟ ଦେଇ ଉକ୍ତ ମିଶ୍ରଣ ପର୍ବରେ କଂଗ୍ରେସରେ ଯୋଗ ଦେଇଛନ୍ତି । ମିଶ୍ରଣ ପର୍ବରେ ଶ୍ରୀ ମହାପାତ୍ରଙ୍କ ସହିତ ର୍ନିବାଚନମଣ୍ଡଳୀର ମହିଳା ସଭାପତି ମଞ୍ଜୁତା ବେହେରା, ବରିଷ୍ଠ କଂଗ୍ରେସ ନେତା ଶୋଭାକର ମୁଖୀ, ସୁଲିଆପଦା ବ୍ଲକ ସଭାପତି ଧ୍ରୁବେନ୍ଦ୍ରନାଥ ସି,ମୋରଡା ବ୍ଲକ ସଭାପତି ରାଜେଶ ପଡିହାରୀ, ବ୍ଲକ ଯୁବ ସଭାପତି ତାପସ ରଞ୍ଜନ ରାଉତ,ଶଶଧର ବେହେରା ପ୍ରମୁଖ ଉପସ୍ଥିତ ଥିବା ବେଳେ ଯୁବନେତା ଶୁଭ କୁମାର ମହାନ୍ତ, ଅସିତ କୁମାର ବେହେରା,ସିଲଟୁ ଜେନା, ତାପସ ସିଂ ପ୍ରମୁଖ ସହଯୋଗ କରିଥିଲେ ।

# ଯୋଡିଶଙ୍ଖ ନାଦରେ ଆସି ନାମାଙ୍କନ ଭରିଲେ ପ୍ରଦୀପ ସାହୁ



ଖୋର୍ଦ୍ଧା (ସବ୍ୟୁ): ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ବେଗୁନିଆ ବିଧାନସଭା ଆସନରୁ ଶୁକ୍ରବାର ନାମାଙ୍କନପତ୍ର ଦାଖଲ କରିଛନ୍ତି ବିଜେଡି ପ୍ରାର୍ଥୀ ପ୍ରଦୀପ ସାହୁ । ନାମାଙ୍କନ ଭରିବା ପୂର୍ବରୁ ପ୍ରଥମେ ଶ୍ରୀ ସାହୁ ଭୁଷୁଣ୍ଡପୁରସ୍ଥିତ ମାଉଗ୍ରତାରା ଓ ଗୋଡାଲୋକନାଥଙ୍କ ଆଶିଷ ଭିକ୍ଷା କରି ପ୍ରାର୍ଥୀପତ୍ର ଦାଖଲ କରିବାକୁ ବାହାରି ଥିଲେ । ପୂର୍ବାହ୍ନ ରେ ହଜାର ହଜାର ସମର୍ଥକ ଙ୍କୁ ଧରି ଖୋର୍ଦ୍ଧା ଟିଏଲସି ରୋଡ଼ ରୁ ଏକ ବିରାଟ ଶୋଭାଯାତ୍ରାରେ ଯୋଡିଶଙ୍ଖ ଧ୍ୱନୀ ସାଙ୍ଗକୁ ହୁଲୁହୁଲି ଓ ଚାଙ୍ଗୁ ବାଦ୍ୟରେ ଖୋର୍ଦ୍ଧାସହର ପରିକ୍ରମା କରି ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନଅଧିକାରୀଙ୍କ କାର୍ଯ୍ୟାଳୟ କୁ ଯାଇଥିଲେ ।

ନାମାଙ୍କନ ସମୟରେ ଜଟଣୀ ବିଧାୟକ ସୁରେଶ ରାଉତରାୟ, ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ, ବେଗୁନିଆ ବିଧାୟକ ତଥା ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର କୁମାର ସାହୁ, ବେଗୁନିଆ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବୋଲଗଡ ବ୍ଲକ ଅଧ୍ୟକ୍ଷ, ଦୁଇ ବ୍ଲକ ଉପାଧ୍ୟକ୍ଷଙ୍କ ସମେତ ବହୁ କର୍ମୀ ଓ ସମର୍ଥକ ସାମିଲ ହୋଇଥିଲେ । ଏହି ଅବସରେ ସାମ୍ବାଦିକଙ୍କ ପ୍ରଶ୍ନ ରେ ଶ୍ରୀ ସାହୁ କହିଥିଲେ ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କ ପାଇଁ କରିଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନା କୁ ନେଇ ଆମେ ଲୋକଙ୍କ ପାଖ କୁ ଯିବୁ। ମୁଖ୍ୟମନ୍ତ୍ରୀ ଜନ୍ମ ରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା କରିଛନ୍ତି । ବିଶେଷ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଓ ନବୀନ କାର୍ଡ ଏବେ ଘରେ ଘରେ ଲୋକ ଙ୍କୁ ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ନେଇ ବଡ଼ ଆଶା ସଂଚାର କରିଛି । ବେଗୁନିଆ-ବୋଲଗଡ ନିର୍ବାଚନମଣ୍ଡଳୀର ବିକାଶ ଲକ୍ଷ୍ୟ ଆମର ରହିଥିବା ଶ୍ରୀ ସାହୁ କହିଥିଲେ ।

## ହତ୍ୟା ମାମଲାରେ ତିନିଜଣ ଭାରତୀୟ କାନାଡାରେ ଗିରଫ



ନୂଆଦିଲ୍ଲୀ: ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜର ହତ୍ୟା ମାମଲାରେ ତିନି ଜଣଙ୍କୁ ଗିରଫ କରିଛି କାନାଡା ପୁଲିସ । କାନାଡା ପୁଲିସର ରିପୋର୍ଟ ଅନୁସାରେ କରଣପ୍ରୀତ ସିଂହ (୨୮), କରଣ ବରାର (୨୨) , କମଲପ୍ରୀତ ସିଂହ(୨୨) ନାମକ ଏହି ତିନିଜଣଙ୍କୁ ହରଦୀପ ସିଂହ ନିଜ୍ଜାର ହତ୍ୟା ମାମଲାରେ ଗିରଫ କରାଯାଇଛି ।

ଏହି ଅଭିଯୁକ୍ତ ତିନିଜଣ ଗତ ପାଖାପାଖି ୫ ବର୍ଷ ଧରି କାନାଡାର ଆଲବର୍ଟାର ଏଡମୋଣ୍ଟନରେ ରହୁଥିଲେ । ଗିରଫମାନଙ୍କ ବିରୁଦ୍ଧରେ ହତ୍ୟା ଏବଂ ହତ୍ୟା ଷଡଯନ୍ତ୍ର ମାମଲା ରୁଜୁ ହୋଇଛି । ଏନେଇ ମାମଲାର ତଦନ୍ତ ମୁଖ୍ୟ ସାମ୍ବାଦିକ ସମ୍ମିଳନୀ ଯୋଗେ ସୂଚନା ଦେଇଛନ୍ତି ।

ପ୍ରକାଶ ଥାଉକି, ଗତବର୍ଷ ଜୁନରେ, ଖାଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜରଙ୍କୁ କାନାଡାରେ ହତ୍ୟା କରାଯାଇଥିଲା । କାନାଡାର ବ୍ରିଟିଶ କଲମ୍ବିଆର ଗୁରୁଦ୍ୱାର ବାହାରେ ସର୍ବସାଧାରଣରେ ଗୁଳି କରି ହତ୍ୟା କରିଥିଲେ କିଛି ଦୁର୍ବୃତ୍ତ । ନିଜ୍ଜାରର ହତ୍ୟା ପରେ ଭାରତ ଓ କାନାଡା ସମ୍ପର୍କରେ ସୃଷ୍ଟି ହୋଇଥିଲା ତିକ୍ତତା ।

ନିଜ୍ଜର ହତ୍ୟା ମାମଲାରେ ଭାରତର ହାତ ଥିବା ବାରମ୍ବାର ଅଭିଯୋଗ କରି ଆସୁଥିଲେ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ । ଭାରତ ଅଭିଯୋଗକୁ ଖଣ୍ଡନ କରିଥିଲେ ମଧ୍ୟ ମାନି ନଥିଲା କାନାଡା । ଏହାପରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ବିବାଦ ସୃଷ୍ଟି ହୋଇଥିଲା । ବର୍ତ୍ତମାନ ଗିରଫ ହୋଇଥିବା ଅଭିଯୁକ୍ତମାନେ ଭାରତୀୟ ବୋଲି କାନାଡା ପୁଲିସ ସ୍ପଷ୍ଟୀକରଣ ଦେଇଛି ।

# ଜାତୀୟ ସୁରକ୍ଷାକୁ ନେଇ ବର୍ଷିଲେ ମୋଦି

ନୂଆଦିଲ୍ଲୀ: ପୂର୍ବରୁ କଂଗ୍ରେସକୁ ସଂରକ୍ଷଣ, ଦୁର୍ନୀତି ଓ ନିର୍ବାଚନୀ ଇସ୍ତାହାର ଭଳି ପ୍ରସଙ୍ଗରେ ସମାଲୋଚନା କରୁଥିବା ପ୍ରଧାନମନ୍ତ୍ରୀ ମୋଦି ଜାତୀୟ ସୁରକ୍ଷାକୁ ମୂଳ ଅସ୍ତ୍ର କରିଛନ୍ତି ।

ଜାତୀୟ ସୁରକ୍ଷାକୁ ପ୍ରସଙ୍ଗ କରି ସେ କଂଗ୍ରେସ ଉପରେ ବର୍ଷିଛନ୍ତି । କଂଗ୍ରେସରୁ ସେ ଭୀରୁ କହିବା ସହ ଦେଶରେ ଆତଙ୍କବାଦୀ ହମଲା ପରେ ପୂର୍ବରୁ ଥିବା ସରକାର କେବଳ ବିଶ୍ୱସ୍ତରୀୟ ପ୍ଲାଟଫର୍ମରେ କାନ୍ଦୁ ଥିଲେ ବୋଲି ମୋଦି ଅଭିଯୋଗ କରିଛନ୍ତି ।

ଲୋକସଭା ନିର୍ବାଚନ ପାଇଁ ଝାଡଖଣ୍ଡର ପାଲାମୁ ଠାରେ ଆୟୋଜିତ ରାଲିକୁ ସମ୍ବୋଧନ କରି ମୋଦି କହିଛନ୍ତି ଯେ ବିଜେପି ଶାସନ ସମୟରେ ପୂର୍ବରୁ ଦେଶରେ ଥିବା ପରିସ୍ଥିତି ବଦଳିଛି । ଏବେ ପାକିସ୍ତାନ ସାହାଯ୍ୟ ପାଇଁ କାନ୍ଦୁଛି ଓ ନେହୁରା ହେଉଛି ।

ସେ କହିଛନ୍ତି, ପୂର୍ବରୁ ଆତଙ୍କବାଦୀ ହମଲା ପରେ କଂଗ୍ରେସର ଭୀରୁ ବା କାପୁରୁଷ ସରକାର କେବଳ ବିଶ୍ୱସ୍ତରୀୟ ପ୍ଲାଟଫର୍ମରେ କାନ୍ଦୁ ଥିଲା । ଏବେ କିନ୍ତୁ ପାକିସ୍ତାନ ସାହାଯ୍ୟ ପାଇଁ କାନ୍ଦୁଛି ଓ




ଚିତ୍କାର କରୁଛି । ପୂର୍ବରୁ କଂଗ୍ରେସ ସରକାର ଶାନ୍ତି ପ୍ରତିଷ୍ଠା ଆଶାରେ ପାକିସ୍ତାନକୁ ପ୍ରେମ ପତ୍ର ପଠାଉଥିଲେ । କିନ୍ତୁ ଏହାର ଜବାବରେ ପଡ଼ୋଶୀ ଦେଶ ଆହୁରି ଅଧିକ ଆତଙ୍କବାଦୀ ଭାରତକୁ ପଠାଉଥିଲା ।

ଭାରତ କୌଣସି ଦସ୍ତାବିଜ ଦେଉ ନାହିଁ । ଏହା ନୂଆ ଭାରତ । ଏହି ଭାରତ ଘରେ ପଶି ମାରିଥାଏ । ପୂର୍ବରୁ ଗୋଟିଏ ସମୟ ଥିଲା ବିହାର ଓ ଝାଡଖଣ୍ଡର ପିଲାମାନେ ସୀମାରେ ଦେଶର ସୁରକ୍ଷା କରି ପ୍ରାଣ ହରାଉଥିଲେ । ହେଲେ ସ୍ଥିତି ବଦଳି ଯାଇଛି । ରାହୁଲ ଗାନ୍ଧିଙ୍କୁ ଟାର୍ଗେଟ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ସର୍ଜିକାଲ ଷ୍ଟ୍ରାଇକରେ ଦୋହଲି ଯାଇଥିବା ପାକିସ୍ତାନର ନେତାମାନେ ଏବେ ଶେହଜାଦା କେମିତି ପ୍ରଧାନମନ୍ତ୍ରୀ ହୁଅନ୍ତୁ, ସେନେଇ ପ୍ରାର୍ଥନା କରୁଛନ୍ତି । କିନ୍ତୁ ଶକ୍ତ ଭାରତ ଗୋଟିଏ ଶକ୍ତିଶାଳୀ ସରକାର ଚାହୁଁଛି । ଝାଡଖଣ୍ଡରେ କ୍ଷମତାସୀନ ଜେଏମଏମ ଓ କଂଗ୍ରେସ ସରକାରକୁ ସମାଲୋଚନାର କରି ମୋଦି କହିଛନ୍ତି, ମୁଁ ଗୋଟିଏ ଘର କିମ୍ବା ବାଇସାଇକେଲର ମାଲିକ ନୁହେଁ । ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଭାବେ ୨୫ ବର୍ଷ ରହିଥିଲେ ମଧ୍ୟ ମୋ ଦେହରେ ଗୋଟିଏ ବି ଦୁର୍ନୀତିର ଛିଟା ଲାଗି ନାହିଁ । ହେଲେ କଂଗ୍ରେସ ଓ ଜେଏମଏମ ସରକାର ନିଜ ପିଲାମାନଙ୍କ ପାଇଁ ବିପୁଳ ପରିମାଣର ସମ୍ପତ୍ତି ଠୁଳ କରିବାରେ ଲାଗିଛନ୍ତି ।

## ଆନ୍ଧ୍ରରେ ଯାଞ୍ଚ,ଓଡ଼ିଶା ବସରୁ ମିଳିଲା ୨.୪୦ କୋଟି

ବିଶାଖାପଟନମ୍: ସାରା ଦେଶରେ ଏବେ ନିର୍ବାଚନ ଋତୁ ଚାଲିଛି । ଏଥିପାଇଁ ବିଭିନ୍ନ ସ୍ଥାନରେ ଚେକିଂ ଓ ବ୍ଲକିଂ କରାଯାଉଛି । କାଳେ କିଏ ଟଙ୍କା ବା ଅନ୍ୟାନ୍ୟ ଜିନିଷ ବାଣ୍ଟି ଜନମତକୁ ପ୍ରଭାବିତ କରିବ, ତା' ଉପରେ ମଧ୍ୟ ନିର୍ବାଚନ ଅଧିକାରୀ ନଜର ରଖିଛନ୍ତି ।

ଏହିକ୍ରମରେ ଆନ୍ଧ୍ରପ୍ରଦେଶର ପୂର୍ବ ଗୋଦାବରୀ ଜିଲ୍ଲାର ଗୋପାଳପୁରମ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁରମ ଗାଁ ନିକଟରେ ଥିବା ଅନ୍ତଃଜିଲ୍ଲା ଚେକପୋଷ୍ଟ ନିକଟରୁ ପୁଲିସ ଚେକିଂ ବେଳେ ବସ୍ ଭିତରୁ ଠାବ କରିଛି ବିପୁଳ ପରିମାଣର ଟଙ୍କା ।

ହାଇଦ୍ରାବାଦରୁ ବିଶାଖାପାଟଣା ଯାଉଥିବା ଏକ ଘରୋଇ ଟ୍ରାଭେଲ ବସକୁ ଯାଞ୍ଚ କରିବା ବେଳେ ପୁଲିସ୍ ନଗଦ ୨.୪୦ କୋଟି ଟଙ୍କା ଜବତ କରିଛି । ବସଟି ହାଇଦ୍ରାବାଦରୁ ବିଶାଖାପାଟଣା ଯାଉଥିଲେ ହେଁ ଏହା ନମ୍ବର ହେଉଛି କ୍ୱଡ ୧୦ ଉଘ ୪୩୮୭ । ଅର୍ଥାତ ବସଟି ଓଡ଼ିଶାରେ ପଞ୍ଜୀକରଣ ନମ୍ବରରେ ସେଠାରେ ସେବା ଯୋଗାଉ ଥିଲା ।



ଦେବରାପଲ୍ଲୀ ସର୍କଲ ଇନ୍ସପେକ୍ଟର ପି. ବାଲା ସୁରେଶ କହିଛନ୍ତି ଯେ ନଗଦ ଟଙ୍କା ଦୁଇଟି ବ୍ୟାଗରେ ବସର ଲଗେଜ କ୍ୟାବିନ ରଖାଯାଇଥିଲା । ଏତେ ପରିମାଣର ନଗଦ ଟଙ୍କା ନେଇଯାଉଥିବା ବ୍ୟକ୍ତି ଜଣଙ୍କ ହେଲେ କୁର୍ନୁଲର ଆୟୁଲା ଚିନା ଚେନ୍ନାୟା । ସେ ଏତେ ପରିମାଣର ଟଙ୍କା ନେଇ ଯାଉଥିବା ବେଳେ ତା'ର ହିସାବ ଦେଇ ପାରି ନାହାନ୍ତି । ତେଣୁ ତାଙ୍କୁ ଗିରଫ କରାଯିବା ସହ ଟଙ୍କାକୁ ଜବତ କରାଯାଇଛି । ପଚରାଉଚରା ବେଳେ ଚେନ୍ନାୟା କହିଛନ୍ତି ଯେ ହାଇଦ୍ରାବାଦ ଠାରେ କିଛି ଅଜ୍ଞାତ ବ୍ୟକ୍ତି ତାଙ୍କୁ ଭେଟିଥିଲେ । ଏହାପରେ ସେମାନେ ଏହି ଦୁଇଟି ବ୍ୟାଗକୁ ରାଜାମହେନ୍ଦ୍ରଭାରମଠାରେ ଜଣେ ବ୍ୟକ୍ତିଙ୍କୁ ଦେବା ପାଇଁ କହିଥିଲେ । ବାସ୍ ସେମାନଙ୍କ କଥାରେ ଚେନ୍ନାୟା ବ୍ୟାଗକୁ ବସର ଲଗେଜରେ ରଖି ଯାତ୍ରା କରୁଥିଲେ ।

ହେଲେ ପୁଲିସ୍ ତାଙ୍କ କଥାକୁ ବିଶ୍ୱାସ କରିପାରୁ ନାହିଁ । କୌଣସି ବେଆଇନ କାମ ପାଇଁ ଏତେ ପରିମାଣର ଟଙ୍କା ଚାଲାଣ କରାଯାଉଥିବା ପୁଲିସ୍ ସନ୍ଦେହ କରୁଛି । ଏବେ ଏହା ଉପରେ ଅଧିକ ତଦନ୍ତ କରାଯାଉଥିବା ବାଲା ସୁରେଶ ସୂଚନା ଦେଇଛନ୍ତି ।

## ହାତ ଛାଡ଼ି ପଦ୍ମ ଧରିଲେ ଅରବିନ୍ଦର ସିଂହ ଲଭଲୀ

ନୂଆଦିଲ୍ଲୀ: କିଛି ଦିନ ତଳେ ହାତ ଛାଡି ଥିଲେ । ଏବେ ପଦ୍ମ ଧରିଲେ ପୂର୍ବତନ ଦିଲ୍ଲୀ କଂଗ୍ରେସ ଅଧକ୍ଷ ଅରବିନ୍ଦର ସିଂହ ଲଭଲୀ । ଦିଲ୍ଲୀ ସ୍ଥିତ ବିଜେପି କାର୍ଯ୍ୟାଳୟକୁ ଯାଇ ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଛନ୍ତି ।

ଦିଲ୍ଲୀରେ ଆପ୍ ସହ କଂଗ୍ରେସର ମେଣ୍ଟକୁ ନେଇ ଅରବିନ୍ଦର ସିଂହ ଲଭଲୀ ଅସନ୍ତୁଷ୍ଟ ଥିଲେ । ଏହାପରେ ସେ କଂଗ୍ରେସ ଅଧକ୍ଷ ପଦରୁ ଇସ୍ତଫା ଦେଇଥିଲେ । ଏହାପରେ ତାଙ୍କ ପରବର୍ତ୍ତୀ ପଦକ୍ଷେପ କ'ଣ ହେବ ଓ କେଉଁ ଦଳକୁ ଯିବେ ସେ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା । ତେବେ ସେ ବିଜେପିରେ ସାମିଲ ହୋଇ ଏହି ଚର୍ଚ୍ଚା ଉପରେ ପୂର୍ଣ୍ଣଛେଦ ପକାଇଛନ୍ତି ।

ଅରବିନ୍ଦର ସିଂହଙ୍କ ସମେତ କଂଗ୍ରେସ ନେତା ରାଜକୁମାର ଚୌହାନ, ଅମିତ ମଲିକ, ତିନି ଥରର ବିଧାୟକ ଥିବା ନସିବ ସିଂହ ଓ ନୀରଜ ବସୋୟା ମଧ୍ୟ ବିଜେପିରେ ସାମିଲ ହୋଇଥିବା ସୂଚନା ମିଳିଛି ।




ଏମାନେ ସମସ୍ତେ ଆପ୍ ସହ କଂଗ୍ରେସର ମେଣ୍ଟକୁ ନେଇ ଅସନ୍ତୋଷ ଥିଲେ । ଲୋକସଭା ନିର୍ବାଚନ ପୂର୍ବରୁ ଅରବିନ୍ଦର ସିଂହ ଲଭଲୀ ଦିଲ୍ଲୀ କଂଗ୍ରେସ ଅଧକ୍ଷ ପଦ ଛାଡିଥିଲେ । ସେ ରାଜ୍ୟ ପ୍ରଭାରୀ ଦୀପକ ବାବରିୟା ଓ ପ୍ରାର୍ଥୀ ଉଦିତ ରାଜ ଏବଂ କହ୍ନେୟା କୁମାରଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଥିଲେ । ତେବେ ଇସ୍ତଫା ଦେବା ପରେ ସେ କଂଗ୍ରେସ ଛାଡୁଛନ୍ତି କିନ୍ତୁ ଅନ୍ୟ କେଉଁ ଦଳକୁ ଯିବେନି ବୋଲି କହିଥିଲେ ।

## ଏଲଭିସଙ୍କ ପାଇଁ ନୂଆ ଅଡୁଆ
## ଅର୍ଥ ହେରଫେର ନେଇ ଇଡି ପକ୍ଷରୁ ମାମଲା

ନୂଆଦିଲ୍ଲୀ: ବିଗବସ୍ ଓଟିଟି–୨ ବିଜେତା ତଥା ଫେମସ୍ ୟୁଟ୍ୟୁବର ଏଲଭିସ୍ ଯାଦବଙ୍କ ପିଛା ଛାଡୁନି ଅଡୁଆ । ସାପ ବିଷ ମାମଲା ଟିକେ ଥମିଥିବା ବେଳେ ଏବେ ଅର୍ଥ ହେରଫେର ନେଇ ଇଡି ଅଭିଯୋଗ ରୁଜୁ କରିଛି । ଏହି ମାମଲାରେ ଖୁବଶୀଘ୍ର ଇଡି ଏଲଭିସଙ୍କୁ ଜେରା କରିବ । ଏହାସହ ଦାମୀ କାର ଓ ଅର୍ଥ ହେରଫେର ନେଇ ଯାଞ୍ଚ ଆରମ୍ଭ କରିବ ।

ସୂଚନା ମୁତାବକ ଏଲିଭିସ୍ ଯାଦବ ଓ ଅନ୍ୟମାନଙ୍କ ନାମରେ ନଭେମ୍ବର ମାସରେ ହୋଇଥିବା ସାପ ବିଷ ମାମଲାର ଅଭିଯୋଗ ଆଧାରରେ ଇଡି ଜେରା କରିବ । ଜେରା ପାଇଁ ଇଡି ଏଲଭିସଙ୍କୁ ଲକ୍ଷ୍ନୌ କାର୍ଯ୍ୟାଳୟକୁ ଡାକିପାରେ । ସୂଚନା ମୁତାବକ ଏନେଇ ଇଡି ପିଏମଏଲଏ ଧାରାରେ ଯାଂଚ ଆରମ୍ଭ କରିଦେଇଛି । ଏହାସହ ଖୁବଶୀଘ୍ର ଏଲଭିସଙ୍କୁ ଜେରା ପାଇଁ ନୋଟିସ କରିପାରେ ଇଡି ।



କେବଳ ଏଲଭିସ ଯାଦବ ନୁହଁନ୍ତି ସାପ ବିଷ ମାମଲାରେ ଅଭିଯୁକ୍ତ ଥିବା ସମସ୍ତଙ୍କୁ ଅର୍ଥ ହେରଫେର ମାମଲାରେ ଇଡି ଜେରା କରିବାକୁ ନୋଟିସ କରିବ । ସୂଚନା ଥାଉ କି ଗତବର୍ଷ ନଭେମ୍ବର ମାସରେ ଏଲଭିସ୍ ଯାଦବ ସମେତ ଅନ୍ୟ ୬ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା । ଏହି ମାମଲାରେ ସମସ୍ତ ଅଭିଯୁକ୍ତଙ୍କୁ ମାର୍ଚ୍ଚ ୧୭ ତାରିଖରେ ଗିରଫ କରାଯାଇଥିଲା । ଏହାପରେ ସେମାନଙ୍କୁ ୧୪ ଦିନିଆ ହେପାଜତକୁ ନିଆଯାଇଥିଲା । ଏଲଭିସ ଯାଦବ ଏବେ ଜାମିନରେ ଅଛନ୍ତି ।

## ରାହୁଲ ଗାନ୍ଧୀ ପାକିସ୍ତାନରୁ ନିର୍ବାଚନ ଲଢିବା ଉଚିତ୍

ନୂଆଦିଲ୍ଲୀ: ସମସ୍ତ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଗତକାଲି ଉତ୍ତରପ୍ରଦେଶର ରାୟବରେଲି ଲୋକସଭା ଆସନରୁ ନାମାଙ୍କନ ଭରିଛନ୍ତି ରାହୁଲ ଗାନ୍ଧୀ । ଯାହାପରଠୁ ବିରୋଧୀଙ୍କ ଟାର୍ଗେଟର କେନ୍ଦବିନ୍ଦୁ ପାଲଟିଛନ୍ତି ରାହୁଲ । ବିରୋଧୀ କହିଛନ୍ତି ଯେ, ସେ ଭୟଭୀତ ହୋଇ ଆମେଠୀ ରୁ ଦୂରେଇଯାଇ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ରାୟବରେଲିକୁ ବାଛିଛନ୍ତି ।

ଏହାରି ଭିତରେ ପ୍ରିୟଙ୍କା ଗାନ୍ଧୀଙ୍କ ଅତି ନିକଟତର ଥିବା



ଆଚାର୍ଯ୍ୟ ପ୍ରମୋଦ କୃଷ୍ଣ ଏକ ବିସ୍ଫୋରକ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ, ଆମେଠୀରେ ପରାଜୟର ଭୟ ଥିବାରୁ ରାହୁଲ ଗାନ୍ଧୀ ରାୟବରେଲି ରୁ ଲଢିବାକୁ ନିଷ୍ପତ୍ତି ନେଇଛନ୍ତି କିନ୍ତୁ ବାସ୍ତବତା ହେଉଛି ରାହୁଲ ଗାନ୍ଧୀ ରାୟବରେଲିରେ ମଧ୍ୟ ହାରିଯିବେ । ପ୍ରମୋଦ କୃଷ୍ଣ ଆହୁରି କହିଛନ୍ତି ଯେ, ଦେଶରେ ରାହୁଲ କେଉଁ ପ୍ରକାରର ରାଜନୀତି କରୁଛନ୍ତି ତାହା ଦେଖିଲେ ତାଙ୍କର ରାଜନୀତି ଦୁର୍ବଳ ହୋଇଯାଇଛି । ଏଭଳି ପରିସ୍ଥିତିରେ ରାହୁଲଙ୍କ ପାଇଁ ପାକିସ୍ତାନରୁ ନିର୍ବାଚନ ଲଢିବା ଭଲ ହେବ, କାରଣ ତାଙ୍କ ରାଜନୀତିରେ ଭାରତ ଅପେକ୍ଷା ପାକିସ୍ତାନରେ ଅଧିକ ପ୍ରଶଂସକ ଅଛନ୍ତି ।

ପ୍ରମୋଦ କୃଷ୍ଣ ଦାବି କରିଛନ୍ତି ଯେ, ଯେଉଁଭଳି ଭାବେ ପ୍ରିୟଙ୍କା ଗାନ୍ଧୀଙ୍କୁ ନିର୍ବାଚନ ଲଢିବାକୁ ଦିଆଯାଉ ନାହିଁ ଏବଂ ଆମେଠୀ, ରାୟବରେଲି କିମ୍ବା ସୁଲତାନପୁରରୁ ପ୍ରିୟଙ୍କାଙ୍କୁ ଟିକେଟ୍ ଦିଆଯାଇନାହିଁ, ଏଥିରୁ ଅନୁମେୟ ଯେ, କଂଗ୍ରେସର ଏକ ବିଭାଗରେ ଅନେକ ଅସନ୍ତୋଷ ରହିଛି । ରାହୁଲଙ୍କ କହିବାନୁସାରେ ପ୍ରିୟଙ୍କା ଗାନ୍ଧୀଙ୍କୁ ଆଗକୁ ବଢିବାକୁ ଦିଆଯାଉନାହିଁ ବୋଲି ବଡ ଆକ୍ଷେପ କରିଛନ୍ତି ଆଚାର୍ଯ୍ୟ ପ୍ରମୋଦ ।

## ଆରବ ସାଗରରେ ପୁଣିଥରେ ପରାକ୍ରମ ଦେଖାଇଲା ନୌସେନା

ନୂଆଦିଲ୍ଲୀ: ଆରବ ସାଗରରେ ପୁଣିଥରେ ପରାକ୍ରମ ଦେଖାଇଲା ଭାରତୀୟ ନୌସେନା । ଗତ କିଛି ଦିନ ଧରି ଆରବ ସାଗରରେ ଲଗାତାର ଭାବରେ ଅନ୍ୟ ଦେଶକୁ ସାହାର୍ଯ୍ୟ କରିବାରେ ଲାଗିଛି ଭାରତୀୟ ନୌସେନା । ଯେକୌଣସି ଜରୁରୀକାଳିନ ସମୟରେ ସେ ଜଳଦସ୍ୟୁଙ୍କ ଠାରୁ ଉଦ୍ଧାର କରିବା ହେଉ କିମ୍ବା ମେଡିକାଲ ସହାୟତାରେ ହେଉ ଭାରତୀୟ ନୌସେନା ସବୁବେଳେ ଅନ୍ୟ ଦେଶମାନଙ୍କୁ ସୁରକ୍ଷା ଦେଇଛି । ଏପରିସ୍ଥିତିରେ ପୁଣି ଏକ ମାମଲା ସାମ୍ନାକୁ ଆସିଛି । ଏଥର ଭାରତୀୟ ନୌସେନା ଏକ ଏମରଜେନ୍ସି ଫୋନ କଲର ଜବାବ ଦେଇ ୨୦ ପାକିସ୍ତାନୀ ମତ୍ସ୍ୟଜୀବୀଙ୍କ ଜୀବନ ବଞ୍ଚାଇଛି ।

ସୂଚନା ଅନୁଯାୟୀ, ଆରବ ସାଗରରେ ଡକାୟତି ରୋକିବା ପାଇଁ ନିୟୋଜିତ ହୋଇଥିବା



ଆଇଏନଏସ ସୁମେଦ୍ଧା ମିଶନରୁ ଆସିଥିବା ଏକ ଜରୁରୀକାଳୀନ କଲର ତୁରନ୍ତ ଜବାବ ଦେବା ଇରାନର ଏକ ଜାହାଜକୁ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ସହାୟତା ଯୋଗାଇ ଦେଇଛି ଭାରତୀୟ ନୌସେନା । ଏହି ଜାହାଜରେ ୨୦ ଜଣ ପାକିସ୍ତାନୀ କର୍ମଚାରୀ ଥିଲେ ।

ନୌସେନାର ସୂଚନା ଅନୁସାରେ, ପାଟ୍ରୋଲିଂ ଜାହାଜ ଆଇଏନଏସ ସୁମେଦ୍ଧା ଗତ ୩୦ ଏପ୍ରିଲରେ ଏହି ସହାୟତା ପ୍ରଦାନ କରିଛି । ପ୍ରଥମେ ଏଫବି ଅଲ ରହମାନି ରୋକା ଯାଇଥିଲା । ଏହାପରେ ନୌସେନର ଏକ ଡାକ୍ତରୀ ଦଳ ଇରାନ ଜାହାଜରେ ଚଢି ଜଣେ କ୍ରୁ ସଦସ୍ୟଙ୍କୁ ତୁରନ୍ତ ଚିକିତ୍ସା ସହାୟତା ପ୍ରଦାନ କରିଥିଲେ । ତାଙ୍କୁ ନିଶ୍ୱାସ ନେବାରେ ଅସୁବିଧା ହେଉଥିଲା । ସେ ଅଚେତ ହୋଇଯାଇଥିଲେ ମାତ୍ର ଚିକିତ୍ସାର କିଛି ସମୟ ପରେ ସେ ଚେତା ଫେରି ପାଇଥିଲେ । ଆରବ ସାଗରରେ ନିୟୋଜିତ ଭାରତୀୟ ନୌସେନାର ଦଳ ଏହି ଅଞ୍ଚଳରେ କାର୍ଯ୍ୟ କରୁଥିବା ନାବିକମାନଙ୍କ ସୁରକ୍ଷା ତଥା ସହାୟତା ପ୍ରତି ଦୃଢ ପ୍ରତିବଦ୍ଧତାର ପ୍ରତୀକ ।

## ରୋହିତ ବେମୁଲା ମୃତ୍ୟୁ ମାମଲା
# ଶେଷ ରିପୋର୍ଟ ଦାଖଲ ପରେ ବି ଯାଞ୍ଚ ଜାରି ରହିବ

ହାଇଦ୍ରାବାଦ : ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ଛାତ୍ର ଥିବା ରୋହିତ ବେମୁଲାଙ୍କ ମୃତ୍ୟୁ ମାମଲାକୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି । ରୋହିତଙ୍କ ପରିବାର ଲୋକେ ତାଙ୍କୁ ନ୍ୟାୟ ଦାବି କରି ପୁଣି ଆଗକୁ ଆସିଛନ୍ତି । ସେପଟେ ତେଲେଙ୍ଗାନା ପୋଲିସ ମଧ୍ୟ ଯାଂଚ ଜାରି ରଖିବା ନେଇ ସୂଚନା ଦେଇଛି । ତେଲେଙ୍ଗାନା ପୋଲିସ ଡିଜିପି ରବି ଗୁପ୍ତା କହିଛନ୍ତି କି, ମୃତକଙ୍କ ମା ଓ ଭାଇଙ୍କର କିଛି ଲୋକଙ୍କ ଉପରେ ସନ୍ଦେହ ରହିଛି । ତେଣୁ ଯାଂଚ ଆଗକୁ ଜାରି ରଖାଯିବା ନେଇ ନିଷ୍ପତ୍ତି ହୋଇଛି । ଏହି ମାମଲାର ଅନ୍ତିମ ଚାର୍ଜସିଟ ନଭେମ୍ବର ୨୦୨୩ ଯାଂଚ ଆଧାରରେ ପ୍ରସ୍ତୁତ କରାଯାଇଥିଲା । ଏହି ରିପୋର୍ଟକୁ ଯାଂଚ ଅଧିକାରୀଙ୍କ ଦ୍ୱାରା ୨୦୨୪ ମାର୍ଚ୍ଚ ୨୧ ତାରିଖରେ ଅଦାଲତକୁ ହସ୍ତାନ୍ତର କରାଯାଇଥିଲା ।




ତେଲେଙ୍ଗାନା ପୋଲିସ ତାର ଅନ୍ତିମ ରିପୋର୍ଟରେ ଉଲ୍ଲେଖ କରିଛି କି, ରୋହିତ ବେମୁଲା ଦଳିତ ନଥିଲେ । ତେଣୁ ନିଜର ଅସଲ ପରିଚୟ ସାମ୍ନାକୁ ଆସିବା ଭୟରେ ସେ ଆତ୍ମହତ୍ୟା କରିଥିଲେ । ପ୍ରମାଣ ଅଭାବ ଦର୍ଶାଇ ତେଲେଙ୍ଗାନା ପୋଲିସ ଏହି ମାମଲାର ସମସ୍ତ ଅଭିଯୁକ୍ତଙ୍କୁ କ୍ଲିନଚିଟ୍ ଦେଇଥିଲେ ।

ସେପଟେ ଅନ୍ତିମ ରିପୋର୍ଟକୁ ବିରୋଧ କରି ରୋହିତଙ୍କ ପରିବାର କୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି କହିଛନ୍ତି । ରୋହିତଙ୍କ ଭାଇ ରାଜ ବେମୁଲା କହିଛନ୍ତି କି, ତାଙ୍କ ପରିବାର ଅନୁସୂଚିତ ଜାତିର କି ନୁହେଁ ତାହା ଜିଲ୍ଲାପାଳ ନିଷ୍ପତ୍ତି ନେବେ ।

ଏହାକୁ ନେଇ ହାଇଦ୍ରାବାଦ ସେଣ୍ଟ୍ରାଲ ୟୁନିଭରସିଟିର କଂଗ୍ରେସର ଛାତ୍ରଶାଖା ସହ ବାମଦଳର ସମସ୍ତ ଛାତ୍ର ଶାଖା ବିରୋଧ ପ୍ରଦର୍ଶନ କରିଛନ୍ତି । ସେପେଟ ବିଜେପିର ପୂର୍ବ ବିଧାନ ପରିଷଦ ସଭ୍ୟ ରାମଚନ୍ଦ୍ର ରାଓ କହିଛନ୍ତି କି, ଏହି ମାମଲା ସହ ବିଜେପିକୁ ଯୋଡି କଂଗ୍ରେସ ଓ ବାମଦଳ ରାଜନୈତିକ ଲାଭ ଉଠାଇବାକୁ ଚାହୁଁଛନ୍ତି ।

## କର୍ଣ୍ଣାଟକ ସେକ୍ସ କ୍ଲିପ୍ ମାମଲାରେ ଆକ୍ସନମୋଡରେ ଯାଞ୍ଚ ଟିମ୍

ମୁମ୍ବାଇ : କର୍ଣ୍ଣାଟକ ସେକ୍ସ ସ୍କାଣ୍ଡାଲ ମାମଲାରେ ଫସିଥିବା ଜେଡିଏସ ସାଂସଦ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚଡି ଦେବେଗୌଡାଙ୍କ ନାତି ପ୍ରଜ୍ୱଳ ରେବନ୍ନାଙ୍କ ପାଇଁ ଅଡୁଆ ବଢିବାରେ ଲାଗିଛି । ଏହି ମାମଲାର ଯାଞ୍ଚ କରୁଥିବା ଏସଆଇଟି ଟିମ୍ କର୍ଣ୍ଣାଟକର ହାସନରେ ଥିବା ପ୍ରଜ୍ୱଳଙ୍କ ବାସଭବନରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି । ଏହାସହ ପ୍ରଜ୍ୱଳଙ୍କ ବିରୋଧରେ ଲୁକଆଉଟ୍ ନୋଟିସ ମଧ୍ୟ ଜାରି କରାଯାଇଛି । ସେପେଟ ରାଜ୍ୟ ଗୃହ ବିଭାଗ ତରଫରୁ ମନ୍ତ୍ରୀ ଗଙ୍ଗାଧରେୟା ପରମେଶ୍ୱର ପ୍ରଜ୍ୱଳ ରେବନ୍ନା ଓ ତାଙ୍କ ପିତା ଏଚଡି ରେବନ୍ନାଙ୍କ ବିରୋଧରେ ମଧ୍ୟ ଦ୍ୱିତୀୟ ଲୁକଆଉଟ ନୋଟିସ ଜାରି କରିଛନ୍ତି ।

ପ୍ରଜ୍ୱଳ ରେବନ୍ନା ଓ ତାଙ୍କ ପିତାଙ୍କ ବିରୋଧରେ ପ୍ରଥମ ଲୁକଆଉଟ୍ ନୋଟିସ ଜାରି ହେବା ପରେ ଏସଆଇଟି ଟିମ୍ ପ୍ରଜ୍ୱଳଙ୍କ ବାସଭବନରେ ପହଂଚିଛି । ସେପଟେ ଯାଂଚରେ ସହଯୋଗ କରିବାକୁ ପ୍ରଜ୍ୱଳ କିଛି ସମୟ ମାଗିଥିଲେ । ପୂର୍ବତନ ପ୍ରଧାନମନ୍ତ୍ରୀ ଦେବେଗୌଡାଙ୍କ ନାତି ପ୍ରଜ୍ୱଳଙ୍କ ଉପରେ



ଅନେକ ମହିଳାଙ୍କ ଯୌନ ଶୋଷଣ କରିବା ସହ ଏହାର ଭିଡିଓ ରେକର୍ଡିଂ କରିଥିବା ଅଭିଯୋଗ ରହିଛି । ନିର୍ବାଚନ ଭିତରେ ଏହି ଭିଡିଓକୁ ନେଇ ମାମଲା ରୁଜୁ ହେବା ପରେ ପ୍ରଜ୍ୱଳ ଦେଶଛାଡି ଫେରାର ହୋଇଯାଇଛନ୍ତି ।

ସେପଟେ ଏହି ମାମଲା ଉପରେ ହସ୍ତକ୍ଷେପ କରିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ । ସେ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି । ଏଥିରେ ସେ ପୀଡିତ ମହିଳାମାନଙ୍କୁ ଯଥା ସମ୍ଭବ ସହାୟତା ଓ ସୁରକ୍ଷା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କୁ ଚିଠି ଲେଖିଛନ୍ତି । ଏହାସହ ଜଣେ ବଳାତ୍କାରୀ ପାଇଁ ପ୍ରଧାନମନ୍ତ୍ରୀ ପ୍ରଚାର କରିଥିବାରୁ ଏହାକୁ ନେଇ ସେ ବିଜେପିକୁ କଟାକ୍ଷ କରିଛନ୍ତି ।

# ଏମାନେ ଫ୍ଲପ୍



ନୂଆଦିଲ୍ଲୀ,୪।୫(ଏଜେନ୍ସି): ଟି-୨୦ ବିଶ୍ୱକପ୍ ନିମନ୍ତେ ଘୋଷଣା ସରିଥିବା ୧୫ ଜଣିଆ ଦଳରେ ଭଲ ଖେଳାଳି ଅଛନ୍ତି । ଆଇପିଏଲ୍ ଖେଳ ଅଧାରୁ ଅଧିକ ସରିଗଲାଣି । ହେଲେ ଜାତୀୟ ଦଳରେ ସ୍ଥାନ ପାଇଥିବା କିଛି ଖେଳାଳିଙ୍କ ଆଇପିଏଲ୍ ପ୍ରଦର୍ଶନ ନିମ୍ନଗାମୀ ରହିଛି । ଦଳରେ ସିନା ସ୍ଥାନ ପାଇଲେ କିନ୍ତୁ ଖେଳରେ ସେମାନଙ୍କ ଯାଦୁ ଚାଲିଲାନି । ଟିମ୍ ଚୟନ ପରଠାରୁ ୨ଟି ଆଇପିଏଲ୍ ମ୍ୟାଚ ଖେଳାଗଲା । କିନ୍ତୁ କିଛି ଖେଳାଳିଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଛି ।

ଏହି ତାଲିକାରେ ହାର୍ଦ୍ଦିକ ପାଣ୍ଡ୍ୟା ସବୁଠୁ ଆଗରେ ଅଛନ୍ତି । ହାର୍ଦ୍ଦିକ ଏବେ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ । ସେ ଉଭୟ ବ୍ୟାଟିଂ ଓ ବୋଲିଂରେ ଫ୍ଲପ ମାରିଛନ୍ତି । ଆଇପିଏଲ୍‌ରେ ତାଙ୍କର ପ୍ରଦର୍ଶନ ଯାହା ରହିଛି, ତାକୁ ଆକଳନ କଲେ ସେ ବିଶ୍ୱକପ୍‌ରେ ଖେଳି ପାରିବେ କି ନାହିଁ ତାହା ସନ୍ଦେହ ଉପୁଜିଛି ।

ସୂର୍ଯ୍ୟକୁମାର ଯାଦବଙ୍କ ବ୍ୟାଟ ପୂର୍ବ ଭଳି ଗର୍ଜି ପାରୁନି । ତଥାପି ସେ ଦୁଇଟି ଅର୍ଦ୍ଧଶତକୀୟ ଇନିଂସ ଖେଳିଲେନି । ତାଙ୍କ ପଛକୁ ଅଛନ୍ତି ଅଲ୍‌ରାଉଣ୍ଡ ରବିନ୍ଦ୍ର ଜାଡେଜା । ଚେନ୍ନାଇର ମ୍ୟାଚ ୱିନର ଜାଡେଜା ଏଥର ସେତେଟା ଭଲ ଫର୍ମରେ ନାହାନ୍ତି । ଉଭୟ ବ୍ୟାଟିଂ ଓ ବୋଲିଂରେ ତାଙ୍କ ପ୍ରଭାବୀ ପ୍ରଦର୍ଶନ ଦେଖିବାକୁ ମିଳିନାହିଁ । ଶିବମ ଦୁବେ ଭଲ ଖେଳିଛନ୍ତି । ଚେନ୍ନାଇର ବିସ୍ଫୋରକ ବ୍ୟାଟର କେବଳ ଛକା ଓ ଚୌକା ପାଇଁ ପ୍ରସିଦ୍ଧ । ତାଙ୍କ ବ୍ୟାଟରୁ ଛକା ବର୍ଷା ହୁଏ । ଆଇପିଏଲ୍ ପ୍ରଦର୍ଶନ ଆଧାରରେ ତାଙ୍କୁ ଭାରତୀୟ ଟି-୨୦ ବିଶ୍ୱକପ୍ ଦଳରେ ସ୍ଥାନ ମିଳିଛି । ପୂର୍ବ ମ୍ୟାଚରେ ଶିବମ ୦ ରନ୍‌ରେ ଆଉଟ୍ ହୋଇଥିଲେ । ସେହିପରି ଅର୍ଶଦୀପଙ୍କ ଖରାପ ପ୍ରଦର୍ଶନ ଦଳ ପାଇଁ ଘାତକ ସାଜିପାରେ । ପୂର୍ବ ବର୍ଷ ଆଇପିଏଲ୍‌ରେ ବୋଲିଂ କରି ଏକାଧିକ ଷ୍ଟମ୍ପ ଭାଙ୍ଗି ଥିବା ଅର୍ଶଦୀପଙ୍କ ବଲ ଏଥର କାମ କରୁନି । ଢ଼େର ରନ୍ ବ୍ୟୟ କରୁଛନ୍ତି । ତେଣୁ ଆଇପିଏଲ୍ ପରେ ପରେ ବିଶ୍ୱକପ୍ ବିଗୁଲ ବାଜିବ । ଏଭଳି ସ୍ଥିତିରେ ଖେଳାଳିଙ୍କ ପ୍ରଦର୍ଶନ ଚିନ୍ତା ବିସିସିଆଇକୁ ଘାରିଛି ।

# ବେଙ୍ଗାଲୁରୁର ଚତୁର୍ଥ ବିଜୟ



ବେଙ୍ଗାଲୁରୁ,୪।୫(ଏଜେନ୍ସି): ଆଇପିଏଲ୍‌ର ୫୨ତମ ମ୍ୟାଚରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୪ ୱିକେଟ୍‌ରେ ଗୁଜରାଟ ଟାଇଟନ୍ସକୁ ହରାଇଛି । ଚଳିତ ଆଇପିଏଲ୍‌ରେ ଏହା ବେଙ୍ଗାଲୁରୁର ଚତୁର୍ଥ ବିଜୟ । ଦଳ ୧୧ ମ୍ୟାଚରୁ ୮ ପଏଣ୍ଟ ସହ ପଏଣ୍ଟ ଟେବୁଲର ସପ୍ତମ ସ୍ଥାନକୁ ଉଠିଛି । ପରାଜିତ ଗୁଜରାଟ ୧୧ ମ୍ୟାଚରୁ ୮ ପଏଣ୍ଟ ସହ ଟେବୁଲର ନବମ ସ୍ଥାନକୁ ଖସିଛି । ଏହି ମ୍ୟାଚରେ ଗୁଜରାଟ ଟାଇଟନ୍ସ ୧୯.୩ ଓଭରରେ ୧୪୭ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଜବାବରେ ବେଙ୍ଗାଲୁରୁ ୧୩.୪ ଓଭରରେ ୬ ୱିକେଟ୍ ହରାଇ ୧୫୨ ରନ୍ କରିଥିଲା ।

ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ଟାଇଟନ୍ସ ଦଳ ଅତ୍ୟନ୍ତ ଧିମା ଖେଳିଥିଲା । କେବଳ ମଧ୍ୟ ଭାଗରେ ୫ ଜଣ ବ୍ୟାଟର ୨ ଅଙ୍କ ଛୁଇଁଥିବା ବେଳେ ଅନ୍ୟମାନଙ୍କ ପ୍ରଦର୍ଶନ ଏକ ଅଙ୍କରେ ସୀମିତ ଥିଲା । ତେଣୁ ଯେଉଁ ବଡ଼ ସ୍କୋର ଆଶା କରାଯାଇଥିଲା ତାହା ୧୪୭ ରନ୍‌ରେ ରହିଯାଇଥିଲା । ଓପନର ଋଦ୍ଧିମାନ ଶାହା ୧, ଶୁଭମନ ଗିଲ ୨, ସାଇ ସୁଦର୍ଶନ ୬, ମାନବ ସୂତାର ୧, ମୋହିତ ଶର୍ମା ବିନା ସ୍କୋରରେ ଆଉଟ୍ ହୋଇଥିଲେ । ମଧ୍ୟଭାଗରେ ଶାହରୁଖ ଖାନ୍ ୩୭, ଡେଭିଡ ମିଲର ୩୦, ରାହୁଲ ତେୱାତିଆ ୩୫, ରସିଦ ଖାନ୍ ୧୮ ଓ ବିଜୟ ଶଙ୍କର ୧୦ ରନ୍ କରିବାରୁ ଗୁଜରାଟର ସ୍କୋର ୧୯.୩ ଓଭରରେ ୧୪୭ ରନ୍‌ରେ ପହଞ୍ଚି ଥିଲା । ବୋଲିଂରେ ବେଙ୍ଗାଲୁରୁର ମହମ୍ମଦ ସିରାଜ, ଯଶ ଦୟାଲ ଓ ବିଜୟ କୁମାର ବୈଶାଖ ଦୁଇଟି ଲେଖାଏଁ, କାମେରନ୍ ଗ୍ରୀନ୍ ଓ କର୍ଣ୍ଣ ଶର୍ମା ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ ।

୧୪୮ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରିଥିବା ବେଙ୍ଗାଲୁରୁ ଦଳର ଆରମ୍ଭ ଉଚ୍ଚକୋଟୀର ଥିଲା । ଫାଫ ଡୁପ୍ଲେସିସ୍ ୨୩ ବଲ୍‌ରୁ ୬୪ ଓ ବିରାଟ କୋହଲି ୩୬ ବଲ୍‌ରୁ ୪୨ ରନ୍ କରିବାରୁ ପ୍ରଥମ ୱିକେଟ୍ ପାଇଁ ୫.୫ ୱିକେଟ୍ ପାଇଁ ୯୨ ରନ୍‌ର ପାର୍ଟନରସିପ୍ ହୋଇଥିଲା । ଓପନିଂ ଯୋଡି ଭାଙ୍ଗିବା ପରେ ମାତ୍ର ୧୮ ରନ୍ ମଧ୍ୟରେ ୬ ୱିକେଟ୍ ଝଡିଥିଲା । ୱିଲଜ୍ୟାକ୍ସ ୧, ରଜତ ପଟିଦାର ୨, ଗ୍ଲେନ୍ ମ୍ୟାକ୍ସୱେଲ ୪ ଓ କାମେରନ୍ ଗ୍ରୀନ୍ ଏକ ରନ୍ କରି ଆଉଟ୍ ହୋଇଥିଲେ । ଶେଷ ଭାଗରେ ଦିନେଶ କାର୍ତ୍ତିକ ୧୨ ବଲ୍‌ରୁ ୨୧ ଓ ସ୍ୱପ୍ନିଲ ସିଂ ୯ ବଲ୍‌ରୁ ୧୫ ରନ କରି ଦଳକୁ ୩୮ଟି ବଲ୍ ପୂର୍ବରୁ ବିଜୟୀ କରିଥିଲେ । ଜୋଶ ଲିଟିଲ ସର୍ବାଧିକ ୪ ୱିକେଟ୍ ଓ ନୁର ଅହମ୍ମଦଙ୍କୁ ଦୁଇ ୱିକେଟ୍ ସଫଳତା ମିଳିଥିଲା ।

## ଆଜିର ମ୍ୟାଚ

| ପଞ୍ଜାବ–ଚେନ୍ନାଇ | ଲକ୍ଷ୍ମୌ–କୋଲକାତା |
| --- | --- |
| ସମୟ: ଅପରାହ୍ନ ୩.୩୦ | ସମୟ: ରାତି ୭.୩୦ |
| ସ୍ଥାନ: ଧର୍ମଶାଳା | ସ୍ଥାନ: ଲକ୍ଷ୍ମୌ |

ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

## ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
| --- | --- | --- | --- | --- |
| ରାଜସ୍ଥାନ | ୧୦ | ୮ | ୨ | ୧୬ |
| କୋଲକାତା | ୧୦ | ୭ | ୩ | ୧୪ |
| ଲକ୍ଷ୍ମୌ | ୧୦ | ୬ | ୪ | ୧୨ |
| ସନ୍‌ରାଇଜର୍ସ | ୧୦ | ୬ | ୪ | ୧୨ |
| ଚେନ୍ନାଇ | ୧୦ | ୫ | ୫ | ୧୦ |
| ଦିଲ୍ଲୀ | ୧୧ | ୫ | ୬ | ୧୦ |
| ବେଙ୍ଗାଲୁରୁ | ୧୧ | ୪ | ୭ | ୮ |
| ପଞ୍ଜାବ | ୧୦ | ୪ | ୬ | ୮ |
| ଗୁଜରାଟ | ୧୧ | ୪ | ୭ | ୮ |
| ମୁମ୍ବାଇ | ୧୧ | ୩ | ୮ | ୬ |

# ଜୁନିୟର ବିଶ୍ୱ ଆଥଲେଟିକ୍ ଚାମ୍ପିଅନ୍‌ସିପ୍: ଭାଗ ନେବେ କିଟ୍‌ର ୩ ଜଣ

ଭୁବନେଶ୍ୱର,୪।୫(ସବ୍ୟୁ): କିଟ୍ ଛାତ୍ର ଡିଏମ୍ ଜୟରାମ ଏବଂ କିସ୍‌ର ମହେନ୍ଦ୍ର ଶାନ୍ତା ତଥା ସବିତା ଟୋପ୍ପୋ ଜୁନିୟର ବିଶ୍ୱ ଆଥଲେଟିକ୍ ଚାମ୍ପିଅନ୍‌ସିପ୍ ନିମନ୍ତେ ଯୋଗ୍ୟତା ଅର୍ଜନ କରିଛନ୍ତି । ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତା ପେରୁର ଲିମାରେ ଅଗଷ୍ଟ ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ । ଡିଏମ୍‌ଜୟରାମ ଓ ମହେନ୍ଦ୍ର ଶାନ୍ତା ପୁରୁଷ ୪ ଗୁଣା ଏବଂ ସବିତା ଟୋପ୍ପୋ ମହିଳା ୧୦୦ ମିଟର ହର୍ଡଲ୍ସରେ ପ୍ରତିଦ୍ୱନ୍ଦ୍ୱିତା କରିବେ । ସଦ୍ୟ ସମାପ୍ତ ଭାରତୀୟ ଗ୍ରାଣ୍ଡପ୍ରିକ୍ସ-୧ ପ୍ରତିଯୋଗିତା ବେଙ୍ଗାଲୁରୁରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଂଶଗ୍ରହଣ କରିଥିବା କିଟ୍‌ର ଦୁଇ ଜଣ ଛାତ୍ର ପଦକ ଜିତିଛନ୍ତି । ଲାଲୁ ପ୍ରସାଦ ଭୋଇ ପୁରୁଷ ୧୦୦ ମିଟର ରେସ୍‌ରେ ରୌପ୍ୟ ପଦକ ଏବଂ ସୁସ୍ମିତା ଟିଗା ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ବ୍ରୋଞ୍ଜ ପଦକ ହାତେଇଥିଲେ । ଓଡ଼ିଶା ରିଲାଏନ୍ସ ହାଇପରଫରମାନ୍ସ ସେଣ୍ଟରରେ କୋଚ ରୋହିତ ମାନେଙ୍କ ତତ୍ତ୍ୱାବଧାନରେ ଜୟରାମ, ମହେନ୍ଦ୍ର, ସବିତା, ଲାଲୁ ଓ ସୁସ୍ମିତା ପ୍ରଶିକ୍ଷଣ ନେଉଛନ୍ତି । ପଦକ ସଫଳତା ତଥା ତଥା ଜୁନିୟର ବିଶ୍ୱ ଆଥଲେଟିକ୍ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ ନିମନ୍ତେ ଯୋଗ୍ୟତା ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ କିଟ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି ।



# ଇଣ୍ଡିଜ୍‌ର ବିଶ୍ୱକପ୍ ଦଳ



ନୂଆଦିଲ୍ଲୀ,୪।୫(ଏଜେନ୍ସି): ଜୁନ୍ ପହିଲାରୁ ଆରମ୍ଭ ହେବ ଟି-୨୦ ବିଶ୍ୱକପ୍ । ଏନେଇ ୧୫ ଜଣିଆ ଦଳ ଘୋଷଣା କରିଛି ୱେଷ୍ଟଇଣ୍ଡିଜ୍ । ଏଥର ଟି-୨୦ ବିଶ୍ୱକପ୍ ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଖେଳାଯିବ । ରୋଭମ୍ୟାନ୍ ପାୱାଲେ ଇଣ୍ଡିଜ୍‌ର ନେଇଛି ନେତୃତ୍ୱ ନେବେ । ଅଲଜାରୀ ଜୋସେଫଙ୍କୁ ଉପଅଧିନାୟକ ଦାୟିତ୍ୱ ମିଳିଛି । ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟରେ ଡେବ୍ୟୁ କରି ସମସ୍ତଙ୍କୁ ନିଜର ଜଲୱା ଦେଖାଇଥିବା ସମର ଜୋସେଫଙ୍କୁ ପ୍ରଥମଥର ଟି-୨୦ ଦଳରେ ସୁଯୋଗ ମିଳିଛି । ସିମରନ୍ ହେଟମେୟାର ବିଶ୍ୱକପ୍ ଦଳକୁ ଫେରିଛନ୍ତି । ହେଟମେୟାର ଏବେ ରାଜସ୍ଥାନ ରୟାଲ୍ସ ପାଇଁ ଆଇପିଏଲ୍ ଖେଳୁଛନ୍ତି । ସେ ୪ଟି ଇନିଂସରେ ୧୮୪.୪୪ ଷ୍ଟ୍ରାଇକରେଟ୍‌ରେ ୮୩ ରନ୍ କରିଛନ୍ତି । ଦଳର ସେ ଫିନିସର ଭୂମିକା ତୁଲାଉଛନ୍ତି । କାଏଲ ମେୟର୍ସ ଏବଂ ଓସେନ ଥୋମାସ ୧୫ ଜଣିଆ ବିଶ୍ୱକପ୍ ଦଳରୁ ବାଦ ପଡ଼ିଛନ୍ତି । ଜନସନ୍ ଚାର୍ଲସ୍, ବ୍ରେଣ୍ଡନ୍ କିଙ୍ଗ ଓ ସାଇହୋପ୍ ଦଳର ଟପ୍ ଅର୍ଡର ଅଭାବକୁ ବିଶ୍ୱକପ୍‌ରେ ପୂରଣ କରିବେ । ନିକୋଲାସ ପୁରନ, ଆନ୍ଦ୍ରେ ରସେଲ, ଜାସନ ହୋଲ୍ଡର, ଏସ୍ ରଦରଫୋର୍ଡ, ରୋଷ୍ଟନ ଚେଜ୍ ଏବଂ ରୋମାରିଓ ସେଫର୍ଡଙ୍କ ଭଳି ବିସ୍ଫୋରକ ବ୍ୟାଟର ହୋଇଛନ୍ତି । ପୁରନଙ୍କୁ ଛାଡି ଅନ୍ୟ ସମସ୍ତେ ବୋଲିଂ କରିବାକୁ ସକ୍ଷମ । ସ୍ପିନ ବିଭାଗରେ ଅକେଲା ହୁସେନ ଓ ବୁଦା ପେଷ୍ଟ ମୋତି ତଥା ଚେଜ୍ ରହିଛନ୍ତି । ଇଣ୍ଡିଜ୍ ଦୁଇଥର ଟି-୨୦ ବିଶ୍ୱକପ୍ ଜିତିଛି । ଏବେ ଦଳର ନଜର ତୃତୀୟଥର ଚାମ୍ପିଅନ୍ ହେବା ଉପରେ ।

**ୱେଷ୍ଟଇଣ୍ଡିଜ୍ ଦଳ:** ରୋଭମ୍ୟାନ୍ ପାୱେଲ (ଅଧିନାୟକ), ଅଲ୍‌ଜାରୀ ଜୋଶେଫ (ଉପଅଧିନାୟକ), ଜନସନ ଚାର୍ଲସ, ରୋଷ୍ଟନ୍ ଚେଜ୍, ସିମରନ୍ ହେଟମେୟାର, ଜାସନ ହୋଲ୍ଡର, ସାଇ ହୋପ୍, ଅକେଲା ହୁସେନ, ସମର ଜୋସେଫ, ବ୍ରାଣ୍ଡନ କିଙ୍ଗ, ଗୁଡାକେସ ମୋତି, ନିକୋଲାସ ପୁରନ, ଆନ୍ଦ୍ରେ ରସେଲ, ସେରଫନ ରଦରଫୋର୍ଡ ଏବଂ ରୋମାରିଓ ସେଫର୍ଡ ।


SALE SALE SALE

Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606


# ଧୋନି ମୋ ବାପାଙ୍କ ଭଳି: ପଥିରାନା

ନୂଆଦିଲ୍ଲୀ,୪।୫(ଏଜେନ୍ସି): ମହେନ୍ଦ୍ର ସିଂ ଧୋନି ମୋ ପାଇଁ ବାପାଙ୍କ ଭଳି । ସେ ମୋତେ ସବୁ କ୍ଷେତ୍ରରେ ଗାଇଡ କରନ୍ତି । ଏଭଳି କହିଛନ୍ତି ଶ୍ରୀଲଙ୍କାର ଯୁବ ବୋଲର ମାଥିସା ପଥିରାନା ୨୦୨୨ରେ ପଥିରାନା ଚେନ୍ନାଇ ସୁପରକିଙ୍ଗ୍ସ ପକ୍ଷରୁ ଆଇପିଏଲ୍ ଡେବ୍ୟୁ କରିଥିଲେ । ସେବେ ଠାରୁ ସେ ଦଳରେ ଅଛନ୍ତି । ଆଇପିଏଲ୍ ୨୦୨୪ ସିଜନ୍‌ରେ ପଥିରାନାଙ୍କ ଶାଣିତ ବୋଲିଂ ଦେଖିବାକୁ ମିଳିଛି । ଧୋନିଙ୍କ ନେତୃତ୍ୱରେ ଚେନ୍ନାଇ ୫ଥର ଆଇପିଏଲ୍ ଚାମ୍ପିଅନ୍ ହୋଇଥିଲା । ଧୋନି ସବୁ କ୍ଷେତ୍ରରେ ପଥିରାନାଙ୍କୁ ମାର୍ଗଦର୍ଶନ କରୁଛନ୍ତି । ଚେନ୍ନାଇ ସୁପରକିଙ୍ଗ୍ସ ଦ୍ୱାରା ଆୟୋଜିତ ଲାୟନ୍ସ ଅପ୍‌କ୍ଲୋଜ୍ କାର୍ଯ୍ୟକ୍ରମରେ ପଥିରାନାଙ୍କ କ୍ରିକେଟ୍ କ୍ୟାରିୟରରେ ଧୋନିଙ୍କ ପ୍ରଭାବକୁ ସ୍ୱୀକାର କରିଛନ୍ତି । ସେ କହିଛନ୍ତି ଧୋନି ମୋତେ ବେଶି କିଛି କୁହନ୍ତି ନାହିଁ । କିନ୍ତୁ ଆତ୍ମବିଶ୍ୱାସକୁ ବଳ ଦେବା ପାଇଁ ମୋତେ ଛୋଟ ଛୋଟ ପରାମର୍ଶ ଦିଅନ୍ତି ।

ଧୋନିଙ୍କୁ ବାପାଙ୍କ ସହ ତୁଳନା କରି ପଥିରାନା କହିଛନ୍ତି ମୁଁ କ୍ରିକେଟ୍ ଜୀବନରେ ଅଧିକାଂଶ ସମୟରେ ଧୋନି ବାପାଙ୍କ ଭୂମିକା ନିର୍ଭର କରିଛନ୍ତି । ସେ ସବୁ ବେଳେ ମୋର ଯତ୍ନ ନିଅନ୍ତି ମୋତେ କ'ଣ କରିବାର ଅଛି ସେ ବିଷୟରେ ଉପଦେଶ ଦିଅନ୍ତି । ମୋ ବାପା ମଧ୍ୟ ସମାନ କାମ କରନ୍ତି । ମୁଁ ଭାବୁଛି ଏତିକି ମୋ ପାଇଁ ଯଥେଷ୍ଟ । ଖେଳକୁ ଉପଭୋଗ କର, ଶରୀର ସୁସ୍ଥ ରଖ ବୋଲି ଧୋନି କୁହନ୍ତି । ଧୋନିଙ୍କ କଥାରେ ମହତ୍ତ୍ୱ ଥାଏ, ମୋର ଆତ୍ମବିଶ୍ୱାସ ବଢ଼ିଯାଏ । କେଉଁ ସମୟରେ କେଉଁ ଖେଳାଳିଙ୍କୁ କିଭଳି ଗାଇଡ଼ କରାଯିବ ଧୋନି ଜାଣନ୍ତି । ପଡ଼ିଆ ବାହାରେ ଆମେ ବେଶି କଥା ହେଉନା । ଯଦି ମୋର କିଛି ଜାଣିବାର ଥାଏ, ତେବେ ମୁଁ ତାଙ୍କ ପାଖକୁ ଯାଇ ପରାମର୍ଶ ନିଏ । ଆସନ୍ତା ବର୍ଷ ଆଇପିଏଲ୍ ଖେଳିବାକୁ ମୁଁ ଧୋନିଙ୍କୁ ଅନୁରୋଧ କରିଛି । ୨୦୨୪ ଆଇପିଏଲ୍‌ରେ ୨୧ ବର୍ଷୀୟ ପଥିରାନା ତୃତୀୟ ସର୍ବାଧିକ ୱିକେଟ୍ ହାସଲ କରି ବୋଲର ହୋଇଛନ୍ତି । ୬ ଇନିଂସରେ ୧୨ ଆଭେଜ୍ ସହ ୭.୮୮ ଇକୋନୋମୀ ରେଟ୍‌ରେ ପଥିରାନା ୧୩ ୱିକେଟ୍ ନେଇଛନ୍ତି । ୨୦୨୩ରେ ସେ ୧୯ ୱିକେଟ୍ ନେଇଥିଲେ ।




AT KURANGA PHULNAKHARA

Meera's COURTYARD

Huge lush green happening space situated in between Cuttack and Bhubaneswar.
• Pollution free ambience
• Blend of traditionalism & modernity
• Far from the madding crowd
• Truely magnificent setting
• Hassel free parking,
WILL perfectly match to your dream to make your event a memorable one.
For:
• Wedding • Star night • Conference and work shops
• Birthday party • Musical events • Corporate meet
Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076


# ଜାତୀୟ ମହିଳା ଫୁଟବଲ ଚାମ୍ପିଅନ୍‌ସିପ୍: ମହାରାଷ୍ଟ୍ରକୁ ହରାଇଲା ଓଡ଼ିଶା

ଭୁବନେଶ୍ୱର,୪।୫(ସବ୍ୟୁ): ୨୮ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିଅନ୍‌ସିପ୍ ରାଜମାତା ଜିଜା ବାଇ ଟ୍ରଫିରେ ଶନିବାର ଓଡ଼ିଶା ୪-୧ ଗୋଲ୍‌ରେ ମହାରାଷ୍ଟ୍ରକୁ ଧରାଶାୟୀ କରିଛି । ମ୍ୟାଚର ପ୍ରଥମାର୍ଦ୍ଧ ମହାରାଷ୍ଟ୍ର ପକ୍ଷରୁ ଏକମାତ୍ର ଗୋଲ୍‌ସ୍କୋର ହୋଇଥିଲା । ୨୫ତମ ମିନିଟ୍‌ରେ ଐଶ୍ୱର୍ଯ୍ୟା ଜଗତପ୍ ଏହି ଗୋଲ୍ କରିଥିଲେ । କିନ୍ତୁ ଦ୍ୱିତୀୟାର୍ଦ୍ଧରେ ଓଡ଼ିଶା ଖେଳାଳି କମାଲ ଦେଖାଇଥିଲେ । ୫୨ତମ ମିନିଟ୍‌ରେ ସବଷ୍ଟିଚ୍ୟୁଟ୍ ଖେଳାଳି ଏସ୍ ଲିଣ୍ଡା କମ୍ ଗୋଲ୍ କରିଥିଲେ । ୮୧ତମ ମିନିଟ୍‌ରେ ଜୁଲି କିଶାନ ଏବଂ ୮୨ ଓ ୪୪ତମ ମିନିଟ୍‌ରେ ମାଳତୀ ମୁଣ୍ଡା ଦୁଇଟି ଗୋଲ କରି ଦଳକୁ ସହଜ ବିଜୟ ଦେଇଥିଲେ । ଦିନକ ଆଗରୁ ଓଡ଼ିଶା ଓ ହରିୟାଣା ମଧ୍ୟରେ ମ୍ୟାଚ ୧-୧ ଗୋଲ୍‌ରେ ଡ୍ର' ରହିଥିଲା । ହରିୟାଣା ସହ ପଏଣ୍ଟ ଭାଗ କରିଥିବା ଓଡ଼ିଶା ମହିଳା ଦଳ ମହାରାଷ୍ଟ୍ର ବିପକ୍ଷରେ ଜିତି ପୂର୍ଣ୍ଣସଂଖ୍ୟକ ପଏଣ୍ଟ ହାସଲ କରିଛି ।

# ରୋହିତ ଆହତ

ନୂଆଦିଲ୍ଲୀ,୪।୫(ଏଜେନ୍ସି): ଟି-୨୦ ବିଶ୍ୱକପ୍ ପୂର୍ବରୁ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଆହତ ହୋଇଛନ୍ତି । ଜୁନ୍ ୧ରୁ ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ବିଶ୍ୱକପ୍ ଆରମ୍ଭ ହେବ । ଏଥି ପାଇଁ ଭାରତୀୟ ଦଳ ଘୋଷଣା ସରିଛି । ତେବେ କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ରୋହିତ ଶର୍ମାଙ୍କୁ ଇମ୍ପାକ୍ଟ ପ୍ଲେୟାର ଭାବେ ଖେଳାଯାଇଥିଲା । ସେ ବ୍ୟାଟିଂ କରିବାକୁ ଆସିଥିଲେ ମଧ୍ୟ ଫିଲ୍ଡ କରିନଥିଲେ । ଦଳର ଅଭିଜ୍ଞ ସ୍ପିନର ପିୟୁଷ ଚାୱଲା ଏହାର ଖୁଲାସ କରିଛନ୍ତି । ସେ କହିଛନ୍ତି ରୋହିତଙ୍କୁ ଅଳ୍ପ ଆଘାତ ଲାଗିଛି । ପିଠି ମାଂସପେଶୀରେ ସମସ୍ୟା ସୃଷ୍ଟି ହୋଇଥିବାରୁ ରୋହିତଙ୍କୁ ବିଶ୍ରାମ ଦିଆଯାଇଛି । ପୂର୍ବରୁ ଇଂଲଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳାରେ ସମାନ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ବିଶ୍ୱକପ୍ ଆରମ୍ଭ ହେବାରୁ ହାତରେ ସମୟ ଥିବାରୁ ସେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇଯିବେ ବୋଲି ଆଶା କରାଯାଇଛି । ଶୁକ୍ରବାର ମୁମ୍ବାଇ ପରାଜିତ ହେବାରୁ ଏକ ପ୍ରକାର ପ୍ଲେ ଅଫ୍ ଦୌଡ଼ରୁ ବାଦ ପଡିଛି । ୨୦୨୨ ଟି-୨୦ ବିଶ୍ୱକପ୍ ପରେ ରୋହିତ ଏବଂ ବିରାଟ କୋହଲି ଏହି ଫର୍ମାଟରୁ ବେସ କିଛି ଦିନ ଦୂରେଇ ରହିବା ପରେ ଆଫଗାନିସ୍ତାନ ବିପକ୍ଷ ଶୃଙ୍ଖଳାରେ ପ୍ରତ୍ୟାବର୍ତ୍ତନ କରିଥିଲେ । ଚଳିତ ଆଇପିଏଲ୍‌ରେ ଉଭୟଙ୍କ ପ୍ରଦର୍ଶନ ଭଲ ରହିଛି ।




ସୂଚନା

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541